୬ ଅଲିମ୍ପିକ୍ସରେ ଚମକ୍ ଦେଖାଇବେ ଭାଜପା ବିଧାୟିକା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008




୮ ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00

• ବର୍ଷ–୩୧ • ସଂଖ୍ୟା–୧୪୭ • ୨୪ ଜୁନ୍ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-147 • 24th June 2024, Monday • Bhubaneswar | Licensed to post without pre-payment of postage No- BN-60/22-24

# ମା’ ତାରିଣୀଙ୍କ ମନ୍ଦିର ବିକାଶ ପାଇଁ ଆଉ ୫୦ କୋଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ଘଟଗାଁ ତାରିଣୀ ମନ୍ଦିରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ପୂର୍ବରୁ ୫୦ କୋଟି ଟଙ୍କାରେ ମନ୍ଦିର ବିକାଶ କାର୍ଯ୍ୟ ଚାଲିଥିବା ବେଳେ ଏହା ପର୍ଯ୍ୟାପ୍ତ ହେଉନଥିବାରୁ ମୁଖ୍ୟମନ୍ତ୍ରୀ ଆଉ ୫୦ କୋଟି ଅନୁଦାନ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେଉଛନ୍ତି ଲୋକଙ୍କ ମୁଖ୍ୟମନ୍ତ୍ରୀ। ଘଟଗାଁ ଠାରେ ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ସାଧାରଣ ଜନତାଙ୍କ ଭାବାବେଗ ଓ ଉତ୍ସାହ ଏହାକୁ ପ୍ରମାଣିତ କରିଛି। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ରବିବାର ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ କେନ୍ଦୁଝର ଗସ୍ତରେ ଆସିଛନ୍ତି।

ପ୍ରଥମେ ଘଟଗାଁ ଠାରେ ମା’ ତାରିଣୀଙ୍କ ଆଶୀର୍ବାଦ କାର୍ଯ୍ୟକ୍ରମ ରହିଥିଲା। ଘଟଗାଁ ହାଇସ୍କୁଲ ପଡିଆରେ ବୁଲି ବୁଲି ଲୋକଙ୍କ ସହ ମିଶିଥିଲେ। ସେଠାରୁ ଜନସାଧାରଣ ଏକ ବିଶାଳ ରୋଡ ସୋ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ମନ୍ଦିର ପର୍ଯ୍ୟନ୍ତ ପାଛୋଟି



ନେଇଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଜନତା ଫୁଲ ପକାଇ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାକୁ ସ୍ୱାଗତ କରିଥଲେ। ଗାଡି ଆଗରେ ଏବଂ ପଛରେ ଚାଲିଥିଲେ ହଜାର ହଜାର ଜନତା । ମୋହନ ମାଝୀ ଜିନ୍ଦାବାଦ ନାରାରେ ପ୍ରକମ୍ପିତ ହେଉଥିଲା ମୁଖ୍ୟମନ୍ତ୍ରୀଙ୍କ ଶୋଭାଯାତ୍ରା।

ସାଧାରଣ ଲୋକଙ୍କ ଭାବାବେଗ ଓ ଉତ୍ସାହ ପ୍ରମାଣିତ କରୁଥିଲା ମୋହନ ଚରଣ ମାଝୀ ହେଉଛନ୍ତି ଲୋକଙ୍କ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ମା’ ତାରିଣୀଙ୍କ ମନ୍ଦିର ଯାଇ ପୂଜାର୍ଚ୍ଚନା କରି ମା’ଙ୍କ ଆଶୀର୍ବାଦ ନେଇଥିଲେ । ମନ୍ଦିର ପରିସରରେ ସମାଜସେବୀ ଭୀମସେନ ରାଉତ ଓ ରାଜା ଗୋବିନ୍ଦ ଭଞ୍ଜଙ୍କ *(ପୃଷ୍ଠା ୭ରେ)*

# ଆଜିଠାରୁ ନୂଆ ଲୋକସଭାର ପ୍ରଥମ ଅଧିବେଶନ

**ନୂଆଦିଲ୍ଲୀ, ୨୩।୬**



୧୮ତମ ଲୋକସଭାର ପ୍ରଥମ ଅଧିବେଶନ ସୋମବାର ଠାରୁ ଆରମ୍ଭ ହେବ, ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ନବନିର୍ବାଚିତ ସାଂସଦମାନେ ଶପଥ ନେବେ। ଏହାପରେ ବାଚସ୍ପତି ନିର୍ବାଚନ ହେବ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହର ମିଳିତ ଅଧିବେଶନରେ ଉଦ୍‌ବୋଧନ ଦେବେ। ଲୋକସଭା ନିର୍ବାଚନ ସରିବା ପରେ ୧୮ତମ ଲୋକସଭାର ଏହା ହେବ ପ୍ରଥମ ଅଧିବେଶନ। ଚଳିତ ନିର୍ବାଚନରେ ଏନଡିଏ ପାଖରେ ୨୯୩ଟି ଆସନ ସହ ସଂଖ୍ୟାଗରିଷ୍ଠତା ଥିବା ବେଳେ ବିଜେପି ପାଖରେ ୨୪୦ଟି ଆସନ ରହିଛି, ଯାହା କି ସଂଖ୍ୟାଗରିଷ୍ଠତା ସଂଖ୍ୟା ୨୭୨ ଠାରୁ କମ। ବିରୋଧୀ ଦଳ ଇଣ୍ଡିଆ ମେଣ୍ଟ ପାଖରେ ୨୩୪ଟି ଆସନ ଥିବା ବେଳେ କଂଗ୍ରେସ ପାଖରେ ୯୯ ଟି ଆସନ ରହିଛି।

ପ୍ରୋଟେମ ବାଚସ୍ପତି ଭାବେ ବିଜେପି ନେତା ତଥା ୭ ଥର ସଦସ୍ୟ ଭର୍ତ୍ତୃହରି ମହତାବଙ୍କ ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଅଧିବେଶନକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। କଂଗ୍ରେସ ସଦସ୍ୟ କୋଡିକୁନିଲ ସୁରେଶଙ୍କ ଦାବିକୁ ସରକାର ଅଣଦେଖା କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଶ୍ରୀ ମହତାବଙ୍କୁ ଲୋକସଭାର ପ୍ରୋଟେମ ବାଚସ୍ପତି ଭାବେ ଶପଥ ପାଠ କରାଇବେ। ଏହାପରେ ଶ୍ରୀ ମହତାବ ସଂସଦରେ ପହଞ୍ଚି ପୂର୍ବାହ୍ନ ୧୧ଟାରେ ଲୋକସଭା ବୈଠକ ଆରମ୍ଭ ହେବ।

# ସାରା ରାଜ୍ୟକୁ ଛୁଇଁଲା ମୌସୁମୀ, ୨୬ ତାରିଖରୁ ବଢ଼ିବ ବର୍ଷାର ପରିମାଣ

**ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ୩୦ଟି ଜିଲ୍ଲାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପହଞ୍ଚିଛି । ମୌସୁମୀ ବାୟୁ ପ୍ରଭାବରେ ରବିବାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିଲା । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସ୍ୱାଭାବିକ ସମୟର ଦିନକ ପରେ ସବୁ ଜିଲ୍ଲାକୁ ମୌସୁମୀ ଛୁଇଁଛି। ରବିବାର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ୨୬ରୁ ଏହାର ପରିମାଣ ବଢିବ। ୯ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିସବୁ ଜିଲ୍ଲାଗୁଡ଼ିକ ହେଲା- ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା,



ଗଞ୍ଜାମ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ । ଏହି ସବୁ ଜିଲ୍ଲାରେ ୭୦ରୁ ୧୧୦ ମିଲିମିଟର ବର୍ଷା ହେବାର ଆଶଙ୍କା ରହିଛି । ଆସନ୍ତା ୨୭ ତାରିଖରେ ପ୍ରବଳ ବର୍ଷା ପାଇଁ ୮ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ରବିବାରଠାରୁ ଉପକୂଳ, ଉତ୍ତର ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଛି।

# ବାଲେଶ୍ୱର ସହରରେ ଆଜିଠୁ ଚାଲିବ ମୋବାଇଲ ଇଣ୍ଟରନେଟ୍



**ବାଲେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱରରେ ଗୋଷ୍ଠୀ ସଂଘର୍ଷ ପରେ ପୌରାଞ୍ଚଳରେ ଲାଗୁ ହୋଇଥିବା କର୍ଫ୍ୟୁକୁ ପର୍ଯ୍ୟାୟକ୍ରମେ କୋହଳ କରିଛି ପ୍ରଶାସନ। ସହଦେବଖୁଣ୍ଟା ଥାନା ଅଞ୍ଚଳରେ ସକାଳ ୫ରୁ ରାତି ୯ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିବା ବେଳେ ଟାଉନ ଥାନା ଅଞ୍ଚଳରେ ସକାଳ ୬ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରଯାଇଛି।

ଅନ୍ୟପଟେ ସୋମବାର ଠାରୁ ସହରରେ ମୋବାଇଲ ଇଣ୍ଟରନେଟ ସେବା ମିଳିବା ସହ ସକାଳୁଆ ସ୍କୁଲ, କଲେଜ, ଅଙ୍ଗନବାଡି କେନ୍ଦ୍ର ଖୋଲିବାକୁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏନେଇ ସୂଚନା ଦେଇଛନ୍ତି ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକ୍ରେ। ଏଥି ସହିତ ଗୋଷ୍ଠୀ ସଂଘର୍ଷରେ ମୋଟ ମାମଲା ସଂଖ୍ୟା ୨୧ ଓ ଗିରଫ ସଂଖ୍ୟା ୮୯ରେ ପହଞ୍ଚିଛି। ସାମାଜିକ ଗଣମାଧ୍ୟମରେ ଗୁଜବ ସୃଷ୍ଟି କରିଥିବା ବିଷୟରେ ଗୋଟିଏ ମାମଲା ରୁଜୁ ହୋଇଛି ବୋଲି ଏସ୍‌ପି ସାଗରିକା ନାଥ କହିଛନ୍ତି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଆଇଇଡି ବିସ୍ଫୋରଣରେ ଉଡ଼ିଲା ସର୍ଚ୍ଚଅପରେସନରେ ବାହାରି ଥିବା ସିଆରପିଏଫର ଗାଡ଼ି: ୨ ଯବାନ ସହିଦ

**ମାଲକାନଗିରି, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ସୁରକ୍ଷାକର୍ମୀଙ୍କ ଦ୍ୱାରା କ୍ରମାଗତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲେ ମଧ୍ୟ ନକ୍ସଲମାନେ ନିଜକୁ ପରିବର୍ତ୍ତନ କରୁନାହାନ୍ତି। ନକ୍ସଲମାନେ ସୁରକ୍ଷାବାହିନୀର ଯବାନ ଓ ସାଧାରଣ ଜନତାଙ୍କ ଧନଜୀବନକୁ ପ୍ରଭାବିତ କରିବା ପାଇଁ ସବୁବେଳେ ଉଦ୍ୟମ କରୁଛନ୍ତି। ନକ୍ସଲମାନେ ପଡୋଶୀ ଛତିଶଗଡ଼ର ସୁକମା ଜିଲ୍ଲାରେ ରବିବାର ଦିନ ବଡ଼ଧରଣର ଆକ୍ରମଣ କରିଛନ୍ତି। ଜଗରଗୁଣ୍ଡା ଥାନା ଅଞ୍ଚଳରେ ନକ୍ସଲମାନଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ବିସ୍ଫୋରଣରେ ସିଆରପିଏଫ କୋବ୍ରା ୨୦୧ ବାଟାଲିୟନର ୨ ଜଣ ଯବାନ ସହିଦ ହୋଇଥିବା ଜଣାପଡ଼ିଛି। ସେହିପରି ଏକାଧିକ ସୁରକ୍ଷାକର୍ମୀ ଆହତ ହୋଇଥିବା ଜଣାପଡ଼ିଛି । ସୁକମା ପୁଲିସର ଜଣେ ଅଧିକାରୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ସିଆରପିଏଫ




କୋବ୍ରା ୨୦୧ ବାଟାଲିଅନର ଯବାନମାନେ ରବିବାର ସକାଳୁ ସିଲଗେର ଅଞ୍ଚଳକୁ ସର୍ଚ୍ଚ ଅପରେସନରେ ଯାଇଥିଲେ। ଏହା ପୂର୍ବରୁ ନକ୍ସଲମାନେ ଯବାନଙ୍କୁ ଟାର୍ଗେଟ କରି ଆଇଇଡି ଖଞ୍ଜି ଥିଲେ। ଟ୍ରକ ଏହାରି ଉପର ଦେଇ ଅତିକ୍ରମ କରୁଥିବା ବେଳେ ବିସ୍ଫୋରଣ ହୋଇଥିଲା । ଏହି ଘଟଣାରେ ୨ ଜଣ ଯବାନ ସହିଦ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି। ଆହତ ଯବାନମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପଟରେ ନକ୍ସଲ ଗତିବିଧି ନେଇ ସୂଚନା ମିଳିବା ପରେ ଅତିରିକ୍ତ ସୁରକ୍ଷାକର୍ମୀ ଘଟଣାସ୍ଥଳ ଅଭିମୁଖେ ବାହାରିଛନ୍ତି । ଏହି ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନ ସକ୍ରିୟ କରିଦିଆଯାଇଛି।

# ଖୁବ୍‌ଶୀଘ୍ର ଶ୍ରୀମନ୍ଦିରରେ ସ୍ଥାୟୀ ପ୍ରଶାସକ ନିଯୁକ୍ତି ହେବେ



**ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ ବଡ଼ ଘୋଷଣା କରିଛନ୍ତି। ଖୁବଶୀଘ୍ର ଶ୍ରୀମନ୍ଦିରରେ ନିଯୁକ୍ତ ହେବେ ସ୍ଥାୟୀ ପ୍ରଶାସକ। ଏନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି ବୋଲି ସେ କହିଛନ୍ତି। ଆସନ୍ତା ୩ *(ପୃଷ୍ଠା ୭ରେ)*

# ସୁରକ୍ଷା ବାହିନୀ-ଆତଙ୍କବାଦୀ ମୁହାଁମୁହିଁ ଏନକାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ



**ଶ୍ରୀନଗର, ୨୩।୬**

ଉତ୍ତର କଶ୍ମୀରର ବାରମୁଲା ଜିଲ୍ଲାର ଉରି ସେକ୍ଟରରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଷଡଯନ୍ତ୍ରକୁ ସୁରକ୍ଷା ବାହିନୀ ପଣ୍ଡ କରିଛନ୍ତି।

ସୂଚନାନୁସାରେ, ଆତଙ୍କବାଦୀ ଗୋଷ୍ଠୀର କାର୍ଯ୍ୟକଳାପ ବିଷୟରେ ଲାଇନ ଅଫ କଣ୍ଟ୍ରୋଲରେ ଇନପୁଟ ରହିଥିଲା, ଯାହା ଉପରେ ଆଧାର କରି ସେନା ଏଲଓସି ନିକଟରେ ଅନେକ ସ୍ଥାନରେ ଅବରୋଧ କରିଥିଲେ।

ସୀମାରେ ସନ୍ଦେହଜନକ କାର୍ଯ୍ୟକଳାପ ଦେଖି ସୁରକ୍ଷାବାହିନୀଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଥିଲା। ମାତ୍ର ଆତଙ୍କବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ପ୍ରଥମେ ଗୁଳିଚାଳନା *(ପୃଷ୍ଠା ୭ରେ)*

# ସୁଭଦ୍ରା ଯୋଜନାରେ ଓଡ଼ିଶାର ସବୁ ମହିଳାଙ୍କୁ ମିଳିବ ୫୦ ହଜାର ଟଙ୍କାର କ୍ୟାସ ଭାଉଚର୍: ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



**ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ସୁଭଦ୍ରା ଯୋଜନାକୁ ନେଇ ଆସିଲା ବଡ଼ ଖବର। ରାଜ୍ୟର ସମସ୍ତ ମହିଳାଙ୍କୁ ଏହି ଯୋଜନାରେ ୫୦ ହଜାର ଟଙ୍କା ମିଳିବ ବୋଲି ରବିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ତେବେ ଯୋଜନା ଉପରେ କ୍ୟାବିନେଟ ମୋହର ବାଜିଥିବା ବେଳେ ଏବେ ଡ୍ରାଫ୍ଟିଂ ଷ୍ଟେଜରେ ଅଛି । ଆସନ୍ତା ୧୦୦ ଦିନ ମଧ୍ୟରେ ନିଶ୍ଚିତ ଭାବେ ଲଞ୍ଚ ହେବ ବୋଲି ସେ କହିଛନ୍ତି। ଏହାଛଡ଼ା ମହିଳା ଓ ଶିଶୁ ବିଭାଗ ସମ୍ପୂର୍ଣ୍ଣ ଭାବେ *(ପୃଷ୍ଠା ୭ରେ)*

# ଆଜିଠୁ ରାଜ୍ୟରେ ସ୍ୱାଭାବିକ ଭାବେ ଖୋଲିବ ବିଦ୍ୟାଳୟ

**ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ସୋମବାରଠୁ ରାଜ୍ୟରେ ସ୍ୱାଭାବିକ ଭାବେ ଖୋଲିବ। ସ୍କୁଲ ରାଜ୍ୟରେ ପାଣିପାଗ ବଦଳିବା ହେତୁ, ସ୍କୁଲ ସ୍ୱାଭାବିକ ଚାଲିବା ନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସେ କହିଛନ୍ତି ଯେ, ରାଜ୍ୟରେ ପାଣିପାଗ ବଦଳିଛି, ତେଣୁ ସ୍କୁଲ ସ୍ୱାଭାବିକ ହେବାରେ କୌଣସି ଅସୁବିଧା ହେବ ନାହିଁ । ଏଥିସହିତ ଗଣିତ ଶିକ୍ଷାକୁ ନେଇ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଦିଆଯିବ। ଶିକ୍ଷା ବ୍ୟବସ୍ଥାରେ ସଂସ୍କାର *(ପୃଷ୍ଠା ୭ରେ)*

## ଏକାଳ ସକାଳ



ପରିବା ଗୁଡାକ ସପନେ ଆସି
ଦେଖାଉଛନ୍ତି ଡର
ରେଟ୍ ତାତିରେ ପର୍ସ ଜଳୁଛି
ରୋଷଶାଳ ଥରହର
କିଏ କେମିତି କରୁଛ କର
ପରିବା ଖାଇବା ବେଶୀ ମନକଲେ
ପିଇ ଦିଅ ପେଟେ ନୀର।

# ବର୍ଷା ନାହିଁ: ୪ ଜିଲ୍ଲାରେ ସ୍ଥିତି ଉତ୍କଟ, ୨୧ ଜିଲ୍ଲାରେ ୨୦ରୁ ୫୯% କମ୍ ବର୍ଷିଛି



**ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ଜୁନ ମାସ ସରିବାକୁ ଆଉ ସପ୍ତାହେ ଅଛି। ରାଜ୍ୟକୁ ମୌସୁମୀ ମଧ୍ୟ ଆସି ସାରିଛି। କିନ୍ତୁ ବର୍ଷା ନାହିଁ । ରାଜ୍ୟରେ ଏହି ମାସରେ ନିଅଣ୍ଟିଆ ବର୍ଷା ଯୋଗୁ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଜୁନ ୧ରୁ ଜୁନ ୨୩ ପର୍ଯ୍ୟନ୍ତ ସାରା ରାଜ୍ୟରେ ୮୮.୭ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଆଉ ଏହା ସ୍ୱାଭାବିକ ବର୍ଷା ତୁଳନାରେ ୩୯ ପ୍ରତିଶତ କମ୍।

ନିଅଣ୍ଟିଆ ବର୍ଷା ଯୋଗୁ ୪ ଜିଲ୍ଲାରେ ସ୍ଥିତି ଅତି ଉତ୍କଟ ରହିଛି। ଏହି ସବୁ ଜିଲ୍ଲାମାନଙ୍କରେ ୬୦ ପ୍ରତିଶତରୁ କମ ବୃଷ୍ଟିପାତ ହୋଇଛି। ଏହି ଜିଲ୍ଲାଗୁଡ଼ିକ ହେଉଛି- ପୁରୀ, ବଲାଙ୍ଗୀର, ବାଲେଶ୍ୱର ଓ ମୟୂରଭଞ୍ଜ। ପୁରୀରେ ସର୍ବାଧିକ ସ୍ୱାଭାବିକ ଠାରୁ ୭୦ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ମୟୂରଭଞ୍ଜରେ ୬୯, ବାଲେଶ୍ୱରରେ ୬୫ ଏବଂ ବଲାଙ୍ଗୀରରେ ୬୨ ପ୍ରତିଶତ କମ ବର୍ଷା ରେକର୍ଡ ହୋଇଛି।

୨୧ଟି ଜିଲ୍ଲାରେ ୨୦ ରୁ ୫୯ ପ୍ରତିଶତ ଯାଏଁ କମ ବର୍ଷା ରହିଛି। ମାତ୍ର ୫ ଜିଲ୍ଲାରେ ସ୍ୱାଭାବିକ *(ପୃଷ୍ଠା ୭ରେ)*

# ଦକ୍ଷିଣ ଚୀନ ସାଗରରେ ଯୁଦ୍ଧର କଳାବାଦଲ ଚରମରେ ଚୀନ ଓ ଫିଲିପାଇନ୍ସ ଉତ୍ତେଜନା

**ମାନିଲା, ୨୩।୬**

ଦକ୍ଷିଣ ଚୀନ ସାଗରରେ ଚୀନର ଆଧିପତ୍ୟରେ ଫିଲିପାଇନ୍ସ ଏବେ ବିରକ୍ତ ହୋଇଯାଇଛି । ଏହାର ଗୋଟିଏ ଦିନ ପୂର୍ବରୁ ଦକ୍ଷିଣ ଚୀନ ସାଗରରେ ଦୁଇ ଦେଶର ନୌସେନା ମଧ୍ୟରେ ତୀବ୍ର ସଂଘର୍ଷ ହୋଇଥିଲା। ଏହାପରେ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସେପଟେ ଫିଲିପାଇନ୍ସ ରାଷ୍ଟ୍ରପତି ରବିବାର ଏକ ବଡ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ତାଙ୍କ ଦେଶ କୌଣସି ବିଦେଶୀ ଶକ୍ତି ଆଗରେ ମୁଣ୍ଡ ନୁଆଁଇବ ନାହିଁ । କିନ୍ତୁ କେବେ



ବି ଯୁଦ୍ଧ ଆରମ୍ଭ କରିବ ନାହିଁ । ଏହା ସହ ଫିଲିପାଇନ୍ସ ସୈନିକମାନେ ଦକ୍ଷିଣ ଚୀନ ସାଗରରୁ ପଛକୁ ହଟିବେ ନାହିଁ ବୋଲି ମଧ୍ୟ କୁହାଯାଇଛି । ବିବାଦୀୟ ଦକ୍ଷିଣ ଚୀନ ସାଗରରେ ହୋଇଥିବା ସଂଘର୍ଷରେ ଚୀନ ସେନା ଫିଲିପାଇନ୍ସ ନୌସେନା କର୍ମଚାରୀଙ୍କୁ ଆହତ କରିବା ଏବଂ ଅତି କମରେ ଦୁଇଟି ସାମରିକ ଡଙ୍ଗାକୁ *(ପୃଷ୍ଠା ୭ରେ)*





# ଯୁଗ ସହିତ ତାଳଦେଉନି ଜିପିଓ: ଅଧାରୁ ଅଧିକ ଫ୍ୟାନ୍ ଅଚଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦିନ ଥିଲା, ଦୂର ସମ୍ପର୍କୀୟ ସହ ଯୋଗାଯୋଗର ଏକମାତ୍ର ମାଧ୍ୟମ ଥିଲା ଚିଠି। ଏବେ ଚିଠି ଲେଖି ଖବର ବୁଝିବା ଯୁଗ ସରିଯାଇଛି। ଡିଜିଟାଲ୍ ଯୁଗରେ ଆଉ କେହି ଚିଠିକୁ ଚାହିଁ ବସୁନାହିଁ। କେବଳ ସ୍ପିଡ୍ ପୋଷ୍ଟ, ପାର୍ସଲ, ମନିଅର୍ଡର, ସରକାରୀ ପରୀକ୍ଷା କିମ୍ବା ଆରଟିଆଇ ପାଇଁ ପୋଷ୍ଟାଲ ଅର୍ଡର (ଆଇପିଓ) ଓ ଡାକ ଜୀବନ ବୀମା ଭଳି ନିର୍ଦ୍ଦିଷ୍ଟ ସେବା ପାଇଁ ଲୋକମାନେ ପୋଷ୍ଟ ଅଫିସ୍‌କୁ ବାଧ୍ୟବାଧକତାରେ ଯାଉଛନ୍ତି। କିନ୍ତୁ ସେହି ନିର୍ଦ୍ଦିଷ୍ଟ ସେବା ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି। ସାଧାରଣ ଡାକଘରେ ଆଇପିଓ ମିଳୁନଥିବାରୁ ଲୋକେ ବାଧ୍ୟ ହୋଇ ଜିପିଓ ଆସୁଛନ୍ତି। କିନ୍ତୁ ରାଜ୍ୟର ସବୁଠୁ ବଡ଼ ଡାକଘର ଜିପିଓର ସ୍ଥିତି ବଡ଼ ବିଚିତ୍ର। ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅନ୍ୟ କାର୍ଯ୍ୟାଳୟସବୁ ଚକାଚକ୍ ହୋଇ ସାରିଥିବାବେଳେ ଏହା ସେମିତି



ମଧ୍ୟଯୁଗୀୟ ସ୍ଥିତିରେ ପଡ଼ିଛି। ସେଥିପାଇଁ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଛି। କେବଳ ଜିପିଓରେ ଆଇପିଓ ମିଳୁଥିବାରୁ ଏଥିପାଇଁ ଏଠାରେ ପ୍ରବଳ ଭିଡ଼ ହେଉଛି। ଅଫିସ ଖୋଲିବା ପରେ ଗୋଟିଏ କାଉଣ୍ଟରରେ ୪୦ରୁ ୫୦ ଜଣ ଦୈନିକ ଧାଡ଼ି ବାନ୍ଧୁଛନ୍ତି। ଏଠାରେ ୫ଟି ଏସି ଲାଗିଛି କିନ୍ତୁ ଚାଲୁନି। ଫ୍ୟାନ୍ ବି ଯେତିକି ଲାଗିଛି ତାହା ଯଥେଷ୍ଟ ନୁହେଁ। ଏବେ ତାପମାତ୍ରା ୪୦ ଡିଗ୍ରି ପାଖାପାଖି ରହୁଥିବା ବେଳେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଫଳରେ ଧାଡ଼ିରେ ଛିଡ଼ା ହେଉଥିବା ଗ୍ରାହକ ଝାଳନାଳ ହୋଇଯାଉଛି। ଏହି ଦାଉରୁ ବଳି ପଡ଼ିଛି ନଗଦ ଓ ଖୁଚୁରା ପ୍ରସଙ୍ଗ। ସାଧାରଣ ଗୁପଚୁପ୍ ବ୍ୟବସାୟୀ ଅନ୍‌ଲାଇନ୍(କ୍ୟୁଆର କୋଡ୍)ରେ ଦେୟ ଗ୍ରହଣ କରୁଥିବା ବେଳେ ଏଠାରେ କୌଣସି କାଉଣ୍ଟରରେ ଅନ୍‌ଲାଇନ୍ ବା ୟୁପିଆଇ ଜରିଆରେ ଅର୍ଥ ଗ୍ରହଣ ବ୍ୟବସ୍ଥା ନାହିଁ। ଏଣୁ କେବଳ ନଗଦ କାରବାର ହେଉଛି। ନଗଦ କାରବାର ବି ବଡ଼ ବିଚିତ୍ର। ୧୧ଟଙ୍କା ଆଇପିଓ ପାଇଁ ୧୧ଟଙ୍କା ହିଁ ଦେବାକୁ ପଡ଼ିବ। ୨୦ ଟଙ୍କା ଦେଲେ ବି ଖୁଚୁରା ମିଳୁନି। ଖୁଚୁରା କରିବା ପାଇଁ ଥରେ ଧାଡ଼ିରୁ ବାହାରିଲେ ପୁଣି ପଛରୁ ଧାଡ଼ି ବାନ୍ଧିବାକୁ ପଡୁଛି। ଧାଡ଼ିରେ ଛିଡ଼ା ହୋଇଥିବା ଆରଟିଆଇ କର୍ମୀ କାର୍ତ୍ତିକ ମଲ୍ଲିକ କହନ୍ତି, ଡାକରେ ଆରଟିଆଇ ଆବେଦନ କଲେ କେବଳ ଆଇପିଓ ବ୍ୟବହାର କରିବାକୁ ପଡୁଛି। ଅନ୍ୟ କୌଣସି ସ୍ଥାନରେ ଆଇପିଓ ମିଳୁନଥିବାରୁ ବାଧ୍ୟ ହୋଇ ଜିପିଓ ଆସିବାକୁ ପଡୁଛି। ୧୦, ୨୦, ୫୦ ଓ ୧୦୦ଟଙ୍କିଆ ଆଇପିଓ ଥିଲେ ମଧ୍ୟ ଏଠାରେ କେବଳ ୧୦ ଟଙ୍କିଆ ଉପଲବ୍ଧ ଅଛି। ୧୦ ଟଙ୍କାର ଆଇପିଓ ପାଇଁ ୧୧ ଟଙ୍କା ଦେବାକୁ ପଡୁଛି। କିନ୍ତୁ ଖୁଚୁରା ନ ଦେଲେ ଫେରାଇ ଦେଉଛନ୍ତି। ଗରମରେ ଧାଡ଼ିରେ ଛିଡ଼ା ହୋଇ ଖୁଚୁରା ପାଇଁ ଫେରିବା କଷ୍ଟ ଯିଏ ଭୋଗିଛି ସିଏ ଜାଣିଛି ବୋଲି କହିଛନ୍ତି। ତେବେ କେବଳ ଗ୍ରାହକ ଯେ ହଇରାଣ ହେଉଛନ୍ତି ତା ନୁହେଁ, କର୍ମଚାରୀ ବି ଏହି ସ୍ଥିତିରୁ ମୁକ୍ତି ପାଉ ନାହାନ୍ତି। ଏଠାରେ ୧୨ଟି କାଉଣ୍ଟର ରହିଛି। ପ୍ରଥମ ୬ଟି କାଉଣ୍ଟରରେ ସ୍ପିଡ୍ ପୋଷ୍ଟ, ରେଜିଷ୍ଟ୍ରି ପୋଷ୍ଟ, ଲଫାପା, ଅନ୍ତର୍ଦ୍ଦେଶୀୟ ପତ୍ର, ଡାକଟିକଟ, ପାର୍ସଲ ଆଦି ସେବା ଉପଲବ୍ଧ ହେଉଛି। ଏହି ୬ଟି କାଉଣ୍ଟରରେ ବେଶୀ ଭିଡ଼ ଜମୁଛି। କିନ୍ତୁ ଏଠାରେ ୨ଟି ଫ୍ୟାନ ଲାଗିଛି। ଏଠାରେ ଲାଗିଥିବା ୯ଟି ଫ୍ୟାନରୁ ୪ଟି ଅଚଳ ହୋଇ ପଡ଼ିଛି। ଭିଡ଼ ହେଉଥିଲେ ବି ବସିବା ପାଇଁ ଯଥେଷ୍ଟ ଚଉକି ନାହିଁ। ଫଳରେ ବରିଷ୍ଠ ନାଗରିକମାନେ ମଧ୍ୟ ଛିଡ଼ା ହୋଇ ରହୁଥିବା ଦେଖାଯାଇଛି। ସାଧାରଣ ଶୌଚାଳୟ ସଫା ହେଉନଥିବା ବେଳେ ଭିନ୍ନକ୍ଷମଙ୍କ ପାଇଁ ହୋଇଥିବା ଶୌଚାଳୟରେ ମୂଳରୁ ତାଲା ଝୁଲୁଛି।

# ମୋବାଇଲ୍ ଗ୍ରାହକ ଯୋଡ଼ିବାରେ ଓଡ଼ିଶା ପଛୁଆ

**ଏପ୍ରିଲ୍‌ରେ ୧୪,୪୪୦ ଗ୍ରାହକ ବଢ଼ିଲେ**



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଏକ ଜରୁରୀ ଆବଶ୍ୟକତାରେ ପରିଣତ ହୋଇଥିବା ବେଳେ ଓଡ଼ିଶାରେ ପ୍ରତି ୧୦୦ ଜଣ ଲୋକ ମଧ୍ୟରୁ ୨୩ ଜଣଙ୍କ ପାଖରେ ଏବେବି ଏହି ସୁବିଧା ପହଞ୍ଚିପାରିନାହିଁ। ସେବାକୁ ବ୍ୟାପକ କରିବା ଲାଗି ସୁଯୋଗ ରହିଥିଲେ ମଧ୍ୟ ନୂଆ ଗ୍ରାହକ ଯୋଡ଼ିବାରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ଟ୍ରାଇ)ର ଏକ ରିପୋର୍ଟ ଅନୁସାରେ ଚଳିତ ବର୍ଷ ଏପ୍ରିଲ୍‌ରେ ରାଜ୍ୟରେ ମାତ୍ର ୧୪,୪୪୦ ମୋବାଇଲ୍ ଗ୍ରାହକ ବଢ଼ିଛନ୍ତି।

ଏପ୍ରିଲ୍ ମାସରେ ବିହାର ୪ ଲକ୍ଷ ୭୦ ହଜାର ୭୩୧ ନୂଆ ଗ୍ରାହକ ଯୋଡ଼ିଥିବା ବେଳେ କର୍ଣ୍ଣାଟକ ୩ ଲକ୍ଷ ୧୬ ହଜାର ୪୬୦, ମଧ୍ୟପ୍ରଦେଶ ୩ ଲକ୍ଷ ୫୭, ୯୫୫, ରାଜସ୍ଥାନ ୧, ୫୫, ୩୪୨ ଜଣ, ହରିୟାଣା ୧ ଲକ୍ଷ ୧୭ ହଜାର ୭୫୯ ଜଣ ଏବଂ ପଶ୍ଚିମବଙ୍ଗ ୯୫, ୩୭୦ ଜଣ ନୂଆ ଗ୍ରାହକ ଯୋଡ଼ିଛନ୍ତି। ଏହି ମାସରେ ଗୁଜରାଟ ୪ ଲକ୍ଷ ୪୦ ହଜାରରୁ ଅଧିକ ମୋବାଇଲ୍ ଗ୍ରାହକଙ୍କୁ ହରାଇଛି।

ସାଧାରଣତଃ ଓଡ଼ିଶାରେ ପ୍ରତି ମାସରେ ଏକ ଲକ୍ଷରୁ ଦେଢ଼ ଲକ୍ଷ ପର୍ଯ୍ୟନ୍ତ ନୂଆ ଗ୍ରାହକ ମୋବାଇଲ୍ ନେଟ୍‌ୱର୍କରେ ଯୋଡ଼ିହୋଇଥାନ୍ତି। ଏପ୍ରିଲ୍‌ରେ ତାହାର ବ୍ୟତିକ୍ରମ ଘଟିଛି। ନୂଆ ଗ୍ରାହକ ଯୋଡ଼ିହେବା ପରିବର୍ତ୍ତେ ବହୁ ପୁରୁଣା ଗ୍ରାହକ ନେଟ୍‌ୱର୍କରୁ ବାହାରିଯାଇଛନ୍ତି। ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ୮୯,୪୯୬ ମୋବାଇଲ୍ ଗ୍ରାହକଙ୍କୁ ହରାଇଥିବା ବେଳେ ଭୋଡାଫୋନ୍ ଆଇଡିଆ ୧୮,୨୦୪ ଗ୍ରାହକଙ୍କୁ ହରାଇଛି। ରିଲାଏନ୍ସ ଜିଓ ସର୍ବାଧିକ ୧,୧୩,୧୮୬ ନୂଆ ଗ୍ରାହକ ଯୋଡ଼ି ପାରିଛି। ଭାରତୀ ଏୟାରଟେଲ୍ ୮୯୫୪ ନୂଆ ଗ୍ରାହକ ପାଇବାରେ ସଫଳ ହୋଇଛି। ଚଳିତ ବର୍ଷ ଏପ୍ରିଲ୍ ଶେଷ ସୁଦ୍ଧା ରାଜ୍ୟର ମୋବାଇଲ୍ ଗ୍ରାହକ ସଂଖ୍ୟା ୩ କୋଟି ୩୭ ଲକ୍ଷ ୨୦ ହଜାର ୪୭୫କୁ ବୃଦ୍ଧି ପାଇଛି। ସେଥିରୁ ଏୟାରଟେଲ୍ ପାଖରେ ୧ କୋଟି ୧୬ ଲକ୍ଷ, ୪୩ ହଜାର ୨୩୭ ଜଣ, ଭୋଡାଫୋନ୍ ଆଇଡିଆର ୧୪ ଲକ୍ଷ ୨୯ ହଜାର ୪୫୫ ଜଣ, ରିଲାଏନ୍ସ ଜିଓର ୧ କୋଟି ୫୩ ଲକ୍ଷ ୭ ହଜାର ୬୮୫ ଜଣ ଓ ବିଏସ୍‌ଏନ୍‌ଏଲ୍‌ର ୫୩ ଲକ୍ଷ ୪୦ ହଜାର ୯୮ ଜଣ ଗ୍ରାହକ ରହିଛନ୍ତି।

# ବ୍ୟାଙ୍କମାନଙ୍କୁ ଘାରିଛି ଏଟିଏମ ଅଭାବ ଚିନ୍ତା

**ନୂଆଦିଲ୍ଲୀ,**

ଦେଶରେ ଏଟିଏମର ଅଭାବ ଦେଖାଦେଇଛି। ସମସ୍ତ ବ୍ୟାଙ୍କ ଏହାକୁ ନେଇ ଚିନ୍ତିତ ଅଛନ୍ତି। ବ୍ୟାଙ୍କଗୁଡିକ ରିଜର୍ଭ ବ୍ୟାଙ୍କ ଏବଂ କେନ୍ଦ୍ର ସରକାରଙ୍କ ପାଖରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ବ୍ୟାଙ୍କଗୁଡିକ କହିଛନ୍ତି ଯେ ଏହି ମେସିନ୍ ହାସଲ କରିବାରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇକୋନୋମିକ୍ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଇ-ମାର୍କେଟପ୍ଲେସରୁ କ୍ରୟ ନିୟମ ସ୍ପଷ୍ଟ କରିବାକୁ ସମସ୍ତ ବ୍ୟାଙ୍କ ସରକାରଙ୍କ ଠାରୁ ଦାବି କରିଛନ୍ତି। ରିପୋର୍ଟ ମୁତାବକ ଗତ ମାସରେ ଅନୁଷ୍ଠିତ ବୈଠକରେ ବଡ ବ୍ୟାଙ୍କର ପ୍ରତିନିଧୀମାନେ କହିଛନ୍ତି ଏଟିଏମର ଅଭାବ ପ୍ରସଙ୍ଗ ଏବେ ବଡ ବିଷୟ । ସେମାନେ କହିଛନ୍ତି ଯେ ଆମର ଆବଶ୍ୟକତା ପୂରଣ କରିବା ପାଇଁ ଏଟିଏମ୍ ବିକ୍ରେତାମାନଙ୍କର ଉତ୍ପାଦନ କ୍ଷମତା ନାହିଁ । ରିପୋର୍ଟ ଅନୁଯାୟୀ, ଏଟିଏମ୍ ବିକ୍ରେତାମାନେ ଏହି ଅଭାବ ପାଇଁ ୨୦୨୦ ଆର୍ଥିକ ବର୍ଷରେ ଲାଗୁ ହୋଇଥିବା ମେକ୍ ଇନ୍ ଇଣ୍ଡିଆ ନିର୍ଦ୍ଦେଶାବଳୀକୁ ଦାୟୀ କରୁଛନ୍ତି। ଏହି କାରଣରୁ, ବିକ୍ରେତାମାନେ ଭାରତରେ ସେମାନଙ୍କର କାର୍ଯ୍ୟ ଭଲ ଭାବରେ କରିପାରୁନାହାନ୍ତି । ଅନେକ ଏଟିଏମ୍ ବିକ୍ରେତା ଭାରତରେ ମଧ୍ୟ ପଞ୍ଜୀକୃତ ନୁହଁନ୍ତି। ତେଣୁ ବ୍ୟାଙ୍କଗୁଡିକ ଚାହୁଁଛନ୍ତି ଯେ କ୍ରୟ ନିୟମକୁ ସରକାର ସ୍ପଷ୍ଟ କରନ୍ତୁ ଯାହା ଦ୍ୱାରା ଭବିଷ୍ୟତରେ ସେମାନଙ୍କ ଉପରେ କୌଣସି ନିୟାମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ବ୍ୟାଙ୍କଗୁଡିକ ଚାହୁଁଛନ୍ତି ଯେ ଯଦି ସମସ୍ତ ନିର୍ଦ୍ଦେଶାବଳୀ ପାଳନ କରାଯାଏ ତେବେ ସେମାନଙ୍କୁ ଏଟିଏମ୍ ପାଇଁ କିଣିବାରେ ସ୍ୱାଧୀନତା ଦିଆଯାଉ। ଏହି ସମୟରେ ବ୍ୟାଙ୍କଗୁଡିକ ଏଟିଏମରେ ଲକ୍ ଯୋଗ୍ୟ କ୍ୟାସେଟ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। କିନ୍ତୁ ବ୍ୟାଙ୍କରମାନେ କହିଛନ୍ତି ଯେ ଏଟିଏମର ଅଭାବ ସେମାନଙ୍କ ବ୍ୟବସାୟ ଉପରେ ପ୍ରଭାବ ପକାଉଛି।




# ଷ୍ଟକ ବଜାରରେ ହ୍ରାସ, ସେନସେକ୍ସ ୨୬୯ ପଏଣ୍ଟ କମିଲା

**ମୁମ୍ବାଇ,**

ଷ୍ଟକ ବଜାରରେ ହ୍ରାସ ପରିଲକ୍ଷିତ ହୋଇଛି। ବଜାରର ପ୍ରମୁଖ ସୂଚକାଙ୍କ ଗୁଡ଼ିକ ହ୍ରାସ ସହ ବନ୍ଦ ହୋଇଛି। ସେନସେକ୍ସ ୨୬୯ ପଏଣ୍ଟ ହ୍ରାସ ପାଇ ୭୭,୨୦୯ରେ ବନ୍ଦ ହୋଇଛି। ନିଫ୍ଟି ୬୫ ପଏଣ୍ଟ ହ୍ରାସ ପାଇ ୨୩,୫୦୧ରେ ବନ୍ଦ ହୋଇଛି। ବଜାରରେ ସବୁଠାରୁ ଅଧିକ ବିକ୍ରି ବ୍ୟାଙ୍କିଙ୍ଗ, ଅଟୋ, ଏଫଏମସିଜି କ୍ଷେତ୍ରରେ ରେକର୍ଡ କରାଯାଇଛି । ଆଇଟି, ମିଡିଆ ଓ ମେଟାଲ ସେକ୍ଟରରେ ଅଧିକ କ୍ରୟ ହୋଇଥିଲା। ନିଫ୍ଟିରେ ଅଲ୍ଟ୍ରାଟେକ୍ ସିମେଣ୍ଟ ଓ ଆଦାନୀ ଏଣ୍ଟରପ୍ରାଇଜେସ୍ ୨% ଲେଖାଏଁ ବନ୍ଦ ହୋଇଛି। ଭାରତୀ ଏୟାରଟେଲ୍ ଓ ଏଲ୍ ଆଣ୍ଡ୍ ଟି ମାଇଣ୍ଡଟ୍ରିର ସେୟାର ୧% ଲେଖାଏଁ ବୃଦ୍ଧି ପାଇଛି।

# ୨୦୦ ଫୁଟିଆ ରାସ୍ତା ଅନ୍ଧାର: ବଢୁଛି ଦୁର୍ଘଟଣା, ଚୋରି ଭୟ ଘାରୁଛି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକାମ୍ର କାନନଠାରୁ ଆଇଏମ୍‌ଏ ପର୍ଯ୍ୟନ୍ତ ନିର୍ମାଣଧୀନ ୨୦୦ ଫୁଟିଆ ରାସ୍ତା କାମ ଶେଷ ହେଉନାହିଁ। ସାଲିଆସାହି ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯାଇପାରୁ ନ ଥିବାରୁ ରାସ୍ତା କାମ ଘୁଞ୍ଚିଘୁଞ୍ଚି ଚାଲିଛି। କେବେ ଶେଷହେବ ସେନେଇ କାହା ପାଖରେ ଉତ୍ତର ନଥିବା ବେଳେ ଏବେ ନୂଆରାସ୍ତା ଅନ୍ଧାର ହେବାକୁ ବସିଲାଣି। ଦୈନିକ ହଜାର ହଜାର ଯାତ୍ରୀଙ୍କୁ ହଟହଟା ହେବାକୁ ପଡୁଛି। ହାତିଆଶୁଣି ପଡ଼ିଆଠାରୁ ଓଇଆରସି ପର୍ଯ୍ୟନ୍ତ ସରିଥିବା ରାସ୍ତାକୁ ୫ ମାସ ତଳେ ଆଲୋକୀକରଣ କରାଯାଇଛି। ରଙ୍ଗୀନ ଆଲୋକମାଳା ସହ ଦୁଇ ପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ମାତ୍ର ଏବେ ଏହି ରାସ୍ତା ଅବସ୍ଥା ନ କହିବା ଭଲ। କେଉଁଠି ଷ୍ଟ୍ରିଟ୍ ଲାଇଟ୍ ଜଳୁଛି ତ ଆଉ କେଉଁଠି ଅଚଳ। କେତେକ ସ୍ଥାନରେ ରଙ୍ଗୀନ ଆଲୋକମାଳା ଖୁଣ୍ଟରୁ ତଳକୁ ଖସି ପଡ଼ିଛି। ସ୍ଥାନେ ସ୍ଥାନେ ଖୁଣ୍ଟରେ ଲଗାଯାଇଥିବା ଆଲୋକମାଳା ଚୋରି ହୋଇଯାଉଥିବା ଦେଖିବାକୁ ମିଳୁଛି। ନିକଟରେ ଥିବା ବସ୍ତିବାସିନ୍ଦା ଲୁହାବାଡ଼ ଡେଇଁ ଡିଭାଇଡର ମଧ୍ୟରେ ଥିବା ଖୁଣ୍ଟଗୁଡ଼ିକରେ ଲାଗିଥିବା ଲାଇଟ୍‌କୁ ଛିଣ୍ଡାଇ ନେଇଥିବା ଅଭିଯୋଗ ହୋଇଛି।

ହାତିଆଶୁଣିଠାରୁ ଉତ୍କଳ ହସ୍ପିଟାଲ ପର୍ଯ୍ୟନ୍ତ ୨୦୦ ଫୁଟିଆ ରାସ୍ତା ସମ୍ପୂର୍ଣ୍ଣ ଆଲୋକୀକରଣ ହୋଇଥିଲେ ମଧ୍ୟ ଏବେ ଅଧିକାଂଶ ଅଚଳ ହୋଇଯାଇଛି। ଯେଉଁଥିପାଇଁ ପଥଚାରୀଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ୨କିମି ଲମ୍ବର ଏହି ରାସ୍ତାର ସନ୍ଧ୍ୟା ହେଲେ ଗୋଟିଏ ପଟ ଅନ୍ଧାର ହୋଇଯାଉଛି। ପ୍ରତିଦିନ ସେ ରାସ୍ତାର କେଉଁଠି ନା କେଉଁଠି ଗୋଟିଏ ଦୁଇଟି ଦୁର୍ଘଟଣା ଏବେ ବି ଘଟୁଛି। ଅପରାହ୍ଣରେ ଜନଗହଳି ହେବା ସହ ସନ୍ଧ୍ୟାରେ ଯୁବକ ଯୁବତୀ ଏହି ରାସ୍ତାକୁ ପାର୍କ ଭାବେ ବ୍ୟବହାର କରୁଛନ୍ତି। ଲୋକେ କେବେ କେବେ ସେମାନଙ୍କୁ ଅସଂଜତ ଅବସ୍ଥାରେ ଦେଖୁଛନ୍ତି। ତେଣୁ ତୁରନ୍ତ ଆଲୋକୀକରଣ ମରାମତି ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ରାସ୍ତା କିଛିଦିନ ତଳେ ଚକାଚକ୍ ହେବା ସହ ଆଲୋକୀକରଣ ହୋଇଥିବାରୁ ଡିଭାଇଡ୍‌ରର ଶୋଭା ବୃଦ୍ଧି ପାଇଥିଲା। ମାତ୍ର ଏବେ ଆଉ ଆଗଭଳି ଚମକ ନାହିଁ। କେବଳ ସେତିକି ନୁହେଁ, ଉତ୍କଳ ହସ୍ପିଟାଲରୁ ଓଇଆରସି ପର୍ଯ୍ୟନ୍ତ ହୋଇଥିବା ୬ ଲେନ୍‌ର ଦୁଇ ଥାକିଆ ରାସ୍ତା ଏବେ ସମ୍ପୂର୍ଣ୍ଣ ଅନ୍ଧାର। ଦୁଇ ପାର୍ଶ୍ୱରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ଜଳୁ ନ ଥିବାରୁ ୩ଦିନ ହେଲା ରାସ୍ତାରେ ଯିବା ସମୟରେ ଲୋକେ ହଟହଟା ହେଉଛନ୍ତି। ରାସ୍ତା ନିକଟରେ ବସ୍ତି ରହିଥିବାରୁ ରାତିରେ ଯାଉଥିବା ଗାଡ଼ି ଚାଳକଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ହଠାତ୍ କିଏ କେଉଁଠି ଗାଡ଼ି ଆଗକୁ ପଶି ଆସୁଛନ୍ତି, ତାହା ଜଣାପଡୁ ନାହିଁ। ରାସ୍ତାରେ ଥିବା ହମ୍ପସ୍‌ଗୁଡ଼ିକ ଅନ୍ଧାରରେ ଦେଖା ଯାଉ ନ ଥିବାରୁ ମଧ୍ୟ ଅନେକ ଦୁର୍ଘଟଣା ଘଟୁଛି। ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି।

# ଉତ୍ତରାଖଣ୍ଡରେ ଜମି କିଣୁଥିବା ବାହାର ରାଜ୍ୟର ଲୋକଙ୍କୁ କରାଯିବ ଯାଞ୍ଚ: ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,**

ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଗୁରୁବାର ଦିନ ଏକ ଉଚ୍ଚସ୍ତରୀୟ ବୈଠକ କରି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଅପରାଧକୁ ନେଇ ସମୀକ୍ଷା କରିଛନ୍ତି । ଆଇନ ଶୃଙ୍ଖଳାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ରହୁଥିବା ବାହାର ଲୋକଙ୍କ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଜମି କିଣିବାକୁ ଆସୁଥିବା କୌଣସି ବାହାର ଲୋକଙ୍କର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରାଯିବା ଉଚିତ। ଯେଉଁ ଉଦ୍ଦେଶ୍ୟରେ ଲୋକମାନେ ଜମି କିଣୁଛନ୍ତି, ଅପରାଧ



ବିବରଣୀ ମଧ୍ୟ ଅନୁସନ୍ଧାନ କରାଯିବା ଉଚିତ୍ । ତଦନ୍ତ ସମୟରେ ଯଦି କୌଣସି ବ୍ୟକ୍ତିଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହୋଇଥାଏ, ତେବେ ଏହାକୁ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅପରାଧିକ ପ୍ରବୃତ୍ତି ଥିବା ଲୋକଙ୍କୁ ମଧ୍ୟ ଚିହ୍ନଟ କରାଯିବା ଉଚିତ୍। ଯେଉଁମାନେ ଆଇନ ଶୃଙ୍ଖଳା ସହ ଖେଳୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ନିୟମିତ ବୈଠକ କରିବା ଏବଂ ଜଙ୍ଗଲରେ ନିଆଁ, ପାନୀୟ ଜଳ ଏବଂ ବିଦ୍ୟୁତ୍ ସମସ୍ୟାର ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ମୌସୁମୀ ଋତୁ ଆରମ୍ଭ ହେବା ପୂର୍ବରୁ ବିପର୍ଯ୍ୟୟ ପରିଚାଳନା ଏବଂ କାଉଡିଆ ଯାତ୍ରାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସହ ନିୟମିତ ଯୋଗାଯୋଗରେ ରହିବାକୁ ସେ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ସୋସିଆଲ୍ ଆକ୍ଟିଭିଷ୍ଟ ଫୋରମ୍‌ର ଦାବି**

# ରାଜ୍ୟରେ ମଦ ଯୁବ ଓ ଛାତ୍ର ସମାଜକୁ ପଥଭ୍ରଷ୍ଟ କରୁଛି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଦ ଦ୍ୱାରା ସମାଜ ଉପରେ ଅନେକ କୁପ୍ରଭାବ ପଡୁଛି। ନାରୀ ନିର୍ଯାତନା, ହତ୍ୟା, ଦୁଷ୍କର୍ମ, ସଡ଼କ ଦୁର୍ଘଟଣା, ହିଂସା, ପାରିବାରିକ କଳହ ବଢୁଥିବା ବେଳେ ଯୁବ ଓ ଛାତ୍ର ସମାଜକୁ ପଥଭ୍ରଷ୍ଟ କରୁଛି। ବିଗତ ଦିନରେ ମଦ୍ୟପ ପୁଅ ନିଜ ବାପାଙ୍କୁ ହତ୍ୟା କରିବା ଓ ମଦ୍ୟପ ବାପା ନିଜ ଝିଅ ସହ ଦୁଷ୍କର୍ମ କରିବା ଭଳି ହୀନ କାର୍ଯ୍ୟ ମଧ୍ୟ ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ଏଣୁ ଏକ ସୁସ୍ଥ ସମାଜ ଗଢ଼ିବାକୁ ହେଲେ ମଦ ବନ୍ଦ କରିବା ଆବଶ୍ୟକ। ରାଜ୍ୟରେ ମଦ ବନ୍ଦ ପାଇଁ ସାମାଜିକ କର୍ମୀ ଓ ଅନୁଷ୍ଠାନଗୁଡ଼ିକ ଅହରହ ସଚେତନତା ସୃଷ୍ଟି କରିବା ସହ ଦାବି କରିଆସୁଛନ୍ତି। ଏବେ ନୂତନ ସରକାର ଆସିଥିବାରୁ ରାଜ୍ୟରେ ମଦ ବନ୍ଦ ପାଇଁ ସୋସିଆଲ୍ ଆକ୍ଟିଭିଷ୍ଟ ଫୋରମ୍ ପକ୍ଷରୁ ନିବେଦନ କରାଯାଇଛି।

ଲୋହିଆ ଏକାଡେମୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଫୋରମ ପକ୍ଷରୁ କୁହାଯାଇଛି ଯେ, ରାଜସ୍ୱ ଆୟର ଆଳ ଦେଖାଇ ମଦ ବନ୍ଦ କରାଯାଉନାହିଁ। ସେହିପରି ଅନ୍ୟ କ୍ଷେତ୍ର ଯଥା ଖଣିଜ ସମ୍ପଦ ଲୁଟ୍‌କୁ ରୋକି ରାଜସ୍ୱ ଆଦାୟ କରିବା, ପର୍ଯ୍ୟଟନ ଜରିଆରେ ତଥା ଅନ୍ୟାନ୍ୟ କ୍ଷେତ୍ରରୁ କିଭଳି ଭାବେ ଅଧିକ ରାଜସ୍ୱ ଆସିପାରିବ ସେଥି ପାଇଁ ଧ୍ୟାନ ଦିଆଯାଉନାହିଁ। ଯେଉଁ ରାଜସ୍ୱ ଆୟ ଲୋକଙ୍କ ହିତ ପାଇଁ କାର୍ଯ୍ୟରେ ନଆସି ସମାଜରେ କ୍ଷତି କରିଥାଏ, ସେଭଳି ରାଜସ୍ୱ ଆମକୁ ଦରକାର ନାହିଁ ବୋଲି ସାମାଜିକ କର୍ମୀ ବିନ୍ଦୁଜା ଉପାଧ୍ୟାୟ କହିଥିଲେ। ଗୁଜରାଟ, ବିହାର, ମିଜୋରାମ ଓ ନାଗାଲାଣ୍ଡ ଭଳି ଓଡ଼ିଶାରେ ମଧ୍ୟ ମଦ ବନ୍ଦ ହେବା ଦରକାର। ବିହାର ଭଳି ଗରିବ ରାଜ୍ୟରେ ମଦ ବନ୍ଦ ହେବାର ବର୍ଷେ ମଧ୍ୟରେ ହତ୍ୟା ଓ ଚୋରି ୨୦ ପ୍ରତିଶତ, ଦଙ୍ଗା ୧୩ ପ୍ରତିଶତ ଓ ସଡ଼କ ଦୁର୍ଘଟଣା ୧୦ ପ୍ରତିଶତ କମିଛି। ସେହିପରି ଦୁଗ୍ଧ ବିକ୍ରି ୧୦ ପ୍ରତିଶତ ଲହୁଣୀ ୨ଶହ ପ୍ରତିଶତ ବିକ୍ରି ବୃଦ୍ଧି ପାଇଛି। ତେଣୁ ନୂତନ ସରକାର ଅବିଳମ୍ବେ ମଦ ବନ୍ଦ କରିବାକୁ ଫୋରମ ଅନୁରୋଧ କରିଛି। ସାମ୍ବାଦିକ ସମ୍ମିଳନୀରେ ମୀର ଅହମ୍ମଦ ଅଲ୍ଲୀ ଓ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ରେ ଖସୁଛି ଭୂତଳ ଜଳସ୍ତର

**ସୁନ୍ଦରଗଡ଼, ନ୍ୟୁଜ ବ୍ୟୁରୋ**

୨୦୨୩ ଜୁନ୍ ୧୨ ତାରିଖରେ ସୁନ୍ଦରଗଡ଼ ସହର କେବେ ଘଟି ନଥିବା ଏକ ଅଭାବନୀୟ ଘଟଣାକୁ ସାମ୍ନା କରିଥିଲା। ସେଦିନ ସହରକୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ ବା ଓଡ଼ିଶା ଜଳ ନିଗମର ଜଳଯୋଗାଣ ଓ ବିଶୋଧନାଗାରକୁ ଜଳଉତ୍ସ ଇବ୍ ନଦୀରୁ ପାଣି ଆସୁନଥିବାରୁ ହାତ ଟେକି ଦେଇଥିଲା ବିଭାଗ। ପାଣି ପାଇଁ ପୂରା ସହରରେ ହାହାକାର ପଡ଼ିଯାଇଥିଲା। ଅସହ୍ୟ ତାତି ସଙ୍ଗକୁ ପାଣି ମୁନ୍ଦେ ନମିଳିବାର ଯନ୍ତ୍ରଣାରେ ଲୋକେ ଛଟପଟ ହୋଇଥିଲେ। ସେତେବେଳେ ଇବ୍ ନଦୀର କ୍ଷୀଣ ଜଳଧାର ଶୁଖିଯାଇଥିବାରୁ ଏ ଶୋଚନୀୟ ସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା। ଏବେ ଆହୁରି ସଙ୍ଗିନ ପରିସ୍ଥିତି ସୃଷ୍ଟିହୋଇଛି। ଯେଉଁ ପାଣି ୨୫ ଫୁଟ ତଳେ ଥିଲା, ତାହା ୧୫୦ ଫୁଟକୁ ଖସିଆସିଛି।

ସେହିବର୍ଷର ଘଟଣା ସମ୍ପର୍କରେ ସ୍ଥାନୀୟଲୋକେ କୁହନ୍ତି ଯେ ଦୁଇଦିନ ଧରି ଏହି ସମସ୍ୟା ଲାଗି ରହିଥିଲା। ଏହାପରେ ବିକଳ୍ପ ବ୍ୟବସ୍ଥା କରି ପାଣି ଯୋଗାଯାଇଥିଲା। ତେବେ, ଚିରସ୍ରୋତା ଇବ୍‌ନଦୀ ହଠାତ୍ ଏମିତି ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଯିବା ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଥିଲା। କେବଳ ସେହିବର୍ଷ କାହିଁକି, କିଛିବର୍ଷ ହେଲା ବର୍ଷାଋତୁ ବ୍ୟତୀତ ଅନ୍ୟ ଋତୁରେ ନଦୀରେ କେବେ କ୍ଷୀଣ ଜଳଧାର



ତ' କେବେ ଶୁଖିଲା ରହୁଥିବା ପରିଲକ୍ଷିତ ହେଉଛି। ଏହାକୁ ନେଇ ବିଶେଷଜ୍ଞ କହନ୍ତି, ସୁନ୍ଦରଗଡ଼ ସମେତ ଅନ୍ୟ ଅଞ୍ଚଳରେ ଭୂତଳ ଜଳସ୍ତର ଉଦ୍‌ବେଗଜନକ ଭାବେ ତଳକୁ ଖସି ଯାଉଥିବାରୁ ପୂର୍ବଭଳି ନଈ, ପୋଖରୀ, କୂଅ ଆଦିର ଜଳଧାରଣ କ୍ଷମତା ସଂକୁଚିତ ହେଉଛି, ପାଣି ରହୁନାହିଁ। ଏପରିକି ଅନେକ ସ୍ଥାନରେ ନଳକୂଅରୁ ବି ପାଣି ବାହାରୁ ନାହିଁ। ଏଭଳି ସ୍ଥିତିରେ ଗ୍ରାମ୍ୟ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯେଉଁ ତଥ୍ୟ ପ୍ରଦାନ କରିଛି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ବିଭାଗର ସୂଚନା ଅନୁସାରେ, ୨୦ ବର୍ଷ ପୂର୍ବେ ସୁନ୍ଦରଗଡ଼ରେ ୨୫ ଫୁଟ୍ ତଳେ ପାଣି ମିଳୁଥିଲା। ଏବେ ତାହା ଦେଢ଼ଶହ ଫୁଟ୍ ତଳକୁ ଖସିଗଲାଣି। ବିଶେଷକରି ଖଣି ଅଞ୍ଚଳ ହେମଗିର, କୋଇଡ଼ାରେ ଭୂତଳ ଜଳସ୍ତର ବହୁ ତଳକୁ ଚାଲି ଯାଇଛି। ଏଥିପାଇଁ ବ୍ୟାପକ ଜଙ୍ଗଲ କ୍ଷୟ ବଡ଼ କାରଣ ବୋଲି କହିଛନ୍ତି ବିଶେଷଜ୍ଞ। ଏକଦା ସୁନ୍ଦରଗଡ଼ ସହର ସବୁଜିମାମୟ ଥିଲା। ତତ୍କାଳୀନ ରାଜା ସହରର ରାସ୍ତାକଡ଼ରେ ବହୁଳ ଭାବେ ନିମ୍ବ ଗଛ ଲଗାଇଥିଲେ। ପରବର୍ତ୍ତୀ ସମୟରେ ପ୍ରଶାସନ ରାସ୍ତା ପ୍ରଶସ୍ତୀକରଣ ପାଇଁ ସବୁ ଗଛ କାଟି ଦେଇଥିଲା। ଖଣିଖାଦାନ ପାଇଁ ବି ଶହଶହ ଏକର ସବୁଜ ଜଙ୍ଗଲ ପଦା ହୋଇଯାଇଛି। ଯେଉଁଥିପାଇଁ ମାଟିର ଜଳଧାରଣ କ୍ଷମତା ହ୍ରାସ ସହ ଜଳସଂକଟ ଉତ୍କଟ ସ୍ଥିତିରେ ପହଞ୍ଚିଥିବା କୁହାଯାଉଛି।

# ୧୦ ବର୍ଷ ହେଲା ଖୋଜା ଚାଲିଛି ଜଳବନ୍ଦିରୁ ମୁକ୍ତିର ବାଟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅସରାଏ ବର୍ଷା ହେଲେ ଉବୁଟୁବୁ ହେଉଛି ସହର। ରାସ୍ତାରୁ ନଳା ପର୍ଯ୍ୟନ୍ତ ଏମିତି ସୁଅ ପଡୁଛି ଯେ, ଯିଏ ଭାସି ଯାଉଛି ଆଉ ଫେରୁନି। ଯେତେବେଳେ ଅଘଟଣ ଘଟୁଛି ସେତେବେଳେ ହଟଚମଟ ହେଉଛି। ତା'ପରେ ସ୍ଥିତି ଯଥା ପୂର୍ବଂ ତଥା ପରଂ। ଦୁଇଦିନ ତଳେ ମସ୍‌ଜିଦ୍ କଲୋନିରେ ନାଳରେ ଭାସି ଯାଇ ଜଣେ ଶିଶୁର ମୃତ୍ୟୁ ଘଟିବା ପରେ ତନାଘନା ଆରମ୍ଭ ହୋଇଛି। ଏଣେ ରୁରକି ଆଇଆଇଟିରୁ ଟେକ୍ନିସିଆନ୍ ଆସି ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା କିଭଳି ଜଳବନ୍ଦୀ ସମସ୍ୟାରୁ ମୁକ୍ତି ମିଳିପାରିବ ସେ ନେଇ ଘଟଣାସ୍ଥଳ ପରିଦର୍ଶନ କରିବା ସହ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ଏଭଳି ଯୋଜନା ନୂଆ ନୁହେଁ, ବରଂ ପୂର୍ବରୁ ଜିଆଇଜେଡ୍ ଟେକ୍ନୋଲୋଜି ଓ ଆଇଆଇଟି ବିଶେଷଜ୍ଞଙ୍କ ଜ୍ଞାନ କୌଶଳ ସବୁ ଫେଲ୍ ମାରିଥିବା ନଜିର ରହିଛି। ସବୁ ଯୋଜନା ଫେଲ୍ ପଛରେ ଜବରଦଖଲ ଗୋଟିଏ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। ବଡ଼ବଡ଼ିଆ ନାଳ ମାଡ଼ି



ବସିଛନ୍ତି। ଜବରଦଖଲ ଉଚ୍ଛେଦ ଯୋଜନା ସବୁ ବେଳେ ଫେଲ୍ ମାରିଛି। ଏଣୁ କେମିତି ମିଳିବ ଜଳବନ୍ଦୀରୁ ମୁକ୍ତି ?

ଇସ୍କନ ସାମ୍ନା ରାସ୍ତା ଜଳବନ୍ଦୀର ଏକ ଜ୍ୱଳନ୍ତ ଉଦାହରଣ। ବର୍ଷା ଦିନେ ଏଠାରେ କାର୍ ବୁଡ଼ିଯିବା, ବାଇକ୍ ଭାସିଯିବା ସାଧାରଣ କଥା। ଏହାର ସମାଧାନ ପାଇଁ ପୂର୍ତ୍ତ ବିଭାଗ ଏକ ଡ୍ରେନେଜ୍ ପ୍ଲାନ୍ ପ୍ରସ୍ତୁତ କରିଥିଲା। ଇସ୍କନରୁ ବାଣୀବିହାର ପର୍ଯ୍ୟନ୍ତ ପ୍ରାୟ ୧୦୦ କୋଟି ଟଙ୍କାର ଡ୍ରେନ୍ ନିର୍ମାଣ ଯୋଜନା କରିଥିଲା। ଏହା ସମ୍ଭବ ହେଲା ନାହିଁ। ବିଦେଶରୁ ଜିଆଇଜେଡ୍ ଜ୍ଞାନକୌଶଳ ସହାୟତା ମିଳିଛି। ବର୍ଷା ପାଣିକୁ ମୋଟର ସାହାଯ୍ୟରେ ଉଠାଇ ଏକ ଓଭରହେଡ୍ ଟାଙ୍କିରେ ରଖି ବର୍ଷା ପରେ ଧୀରେ ଧୀରେ ଛାଡ଼ିବା ଯୋଜନା ମଧ୍ୟ ଫେଲ୍ ମାରିଛି। ଏହି ଅଞ୍ଚଳ ଜାତୀୟ ରାଜପଥ ଅଧୀନରେ ଯାଉଥିବାରୁ ୨୦୧୭ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ହେଲେ ଉତ୍ତର ଆସୁନି। ୨୦୧୮ ମସିହାରେ ବିଏମ୍‌ସି ଓ ବିଡିଏ ଏହି ସମସ୍ୟାର ସମାଧାନ ବାଟ ବାହାର କରିବା ପାଇଁ ମିଳିତ ଭାବେ ସର୍ଭେ କରିଥିଲେ। କ୍ରିଷ୍ଟା ଟାୱାର ସାମ୍ନା ସାଇଫନ୍ ସଫାହେବା ସହ ଏନ୍.ଏଚ୍ ସର୍ଭିସ୍ ରୋଡ୍‌କୁ ଲାଗି ରହିଥିବା ଅଙ୍କା ବଙ୍କା ଡ୍ରେନ୍ ସିଧା କରିବାକୁ ଯୋଜନା କଲେ। ଏଥି ପାଇଁ କିଛି ଘରୋଇ ଜମି ଅଧିଗ୍ରହଣ ଓ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ଦରକାର ଥିଲା। ହେଲେ ଏହା ମଧ୍ୟ ସମ୍ଭବ ହେଲା ନାହିଁ। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) 'ଜିଆଇଜେଡ୍' ବିଦେଶୀ (ଜର୍ମାନ) ଜ୍ଞାନକୌଶଳ ବ୍ୟବହାର କରି ଏଠାକାର ଜଳବନ୍ଦି ସମସ୍ୟା ସମାଧାନ କରିବା ପାଇଁ ଅଣ୍ଟା ଭିଡ଼ିଲା। ୩ଟି ବଡ଼ ବଡ଼ ସମ୍ପ ତିଆରି କରି ଜମୁଥିବା ପାଣିକୁ ସେଠାରେ ମହଜୁଦ ରଖିବା ପାଇଁ ଯୋଜନା କଲା। ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ଅଟକଳ ହେଲା। ହେଲେ ତାହା ମଧ୍ୟ ସମ୍ଭବ ହେଲାନାହିଁ। ସହରରୁ ବର୍ଜ୍ୟଜଳ ନିଷ୍କାସନ ପାଇଁ ଗଙ୍ଗୁଆ ଓ ଦୟା ଓ୍ୱେଷ୍ଟ କେନାଲ୍ ମୁଖ୍ୟ ଭୂମିକା ନିଭାନ୍ତି। ଏଣୁ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଗଙ୍ଗୁଆକୁ ବିଏମ୍‌ସି ନିଜ ଅଧୀନକୁ ଆଣି ପୁନରୁଦ୍ଧାର ଯୋଜନା କରିଥିଲା। ଏ ନେଇ ଜଳସମ୍ପଦ ବିଭାଗକୁ ଚିଠି ମଧ୍ୟ ଲେଖିଲା। ହେଲେ କର୍ମଚାରୀ ନଥିବା କହି ଏହାକୁ ବିଏମ୍‌ସି ଆଉ ନିଜ ଅଧୀନକୁ ଆଣିନଥିଲା। ବାସ୍ତବରେ ଗଙ୍ଗୁଆକୁ ମାଡ଼ି ବସିଥିବା ଲୋକଙ୍କର ଚାପ ପଡ଼ିବାରୁ ବିଏମ୍‌ସି ଏଥିରୁ ଓହରି ଯାଇଥିବା ଚର୍ଚ୍ଚା ହୋଇଥିଲା। ସେହିଭଳି ଦୟା ଓ୍ୱେଷ୍ଟ କେନାଲ ସଫା କରିବା ସହ ରାସ୍ତା ପ୍ରଶସ୍ତ କରିବା ଯୋଜନା ଥିଲା। କିନ୍ତୁ ଜବରଦଖଲ ହଟାଇ ନ ପାରିବାରୁ ଯୋଜନା ନାଲି ଫିତା ତଳେ ରହିଗଲା। ବିଏମ୍‌ସି ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ପକ୍ଷରୁ ଜର୍ମାନ୍ ଡେଭଲପମେଣ୍ଟ କୋଅପରେସନ୍ ସହାୟତାରେ 'ମୁଁ ସିଟି ସେଭିୟର' ଆପ୍ ପ୍ରସ୍ତୁତ ହୋଇଥିଲା। ଏହି ଆପ୍ ଜରିଆରେ ଲୋକମାନେ ସେମାନଙ୍କ ଅଞ୍ଚଳର ଡ୍ରେନ୍ ସ୍ଥିତି, ବର୍ଷା ଜଳ ପ୍ରବାହ ସ୍ଥିତି ବିଷୟରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ବିଏମ୍‌ସି ତାହାର ମୁକାବିଲା ପାଇଁ ପଦକ୍ଷେପ ନେବ ବୋଲି କୁହାଯାଇଥିଲା। ହେଲେ ସବୁ ଫେଲ୍ ମାରିଲା। ଏବେ ଆଇଆଟି ରୁରକି ବିଶେଷଜ୍ଞଙ୍କ ଜ୍ଞାନ କୌଶଳ ଏହାର ସମାଧାନ କରିବାରେ କେତେଦୂର ସଫଳ ହେଉଛି ତାହା ଦେଖିବା ବାକି ରହିଛି।





## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ବନ୍ୟାପ୍ରବଣ ସ୍ଥାନରେ ଅଧିକ ପାୱାର ବୋଟ୍ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କଲେ ପ୍ରମିଳା ମଲ୍ଲିକ




**ଯାଜପୁର, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଓଡିଶାର ମନ୍ତ୍ରୀ ବୟନ ଶିଳ୍ପ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପ୍ରଦୀପ ବଳସାମନ୍ତ, ସାଂସଦ ରବିନ୍ଦ୍ର ନାରାୟଣ ବେହେରା, ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ଓ ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ, ବିଧାୟକ, ବଡଚଣା ଅମର କୁମାର ନାୟକ, ବିଧାୟକ, କୋରେଇ ଆକାଶ ଦାସନାୟକ, ବିଧାୟିକା, ଯାଜପୁର ଶ୍ରୀମତୀ ସୁଜାତା ସାହୁ, ବିଧାୟକ, ବରୀ ବିଶ୍ୱ ରଂଜନ ମଲ୍ଲିକ, ବିଧାୟକ, ଧର୍ମଶାଳା ହିମାଂଶୁ ଶେଖର ସାହୁ, ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନଳିନୀ ପ୍ରଭା ଜେନା ଏବଂ ଜିଲ୍ଲା ପରିଷଦ ଉପ-ସଭାପତି ଗଣେଶ୍ୱର ବରାଳ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ ଅତିଥି ପରିଚୟ ପ୍ରଦାନ କଲାପରେ ଅଧ୍ୟକ୍ଷ ଏବଂ ଅତିଥି ବୃନ୍ଦ ମା' ବିରଜାଙ୍କ ଫଂଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଉଦଘାଟନ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ମାନ୍ୟବର ମନ୍ତ୍ରୀ, ସାଂସଦ, ବିଧାୟକ ବୃନ୍ଦ ଏବଂ ସମସ୍ତ ଅତିଥି ବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଜିଲ୍ଲାପାଳ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହାପରେ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରିତା, ନଦୀବନ୍ଧ ଗୁଡିକର ସୁଦୃଢୀକରଣ, ବନ୍ୟା ଜଳ ଓ ବର୍ଷା ଜଳ ଜମୁଥିବା କୃତ୍ରିମ ବନ୍ୟା ସ୍ଥାନ ମାନଙ୍କରୁ ଜଳ ନିଷ୍କାସନ କରିବା, ବନ୍ୟାପ୍ରବଣ ଅଞ୍ଚଳ ଗୁଡିକରେ ନୋଡାଲ ଅଫିସର ନିଯୁକ୍ତି, ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଦୈନନ୍ଦିନ ପରିସ୍ଥିତି ରିପୋର୍ଟ ଜିଲ୍ଲା ପ୍ରଶାସନକୁ ଦେବା, ନଦୀ ଗର୍ଭରେ ପ୍ରବାହିତ ବନ୍ୟାଜଳ ମାପିବା ଓ ଏ ସମ୍ବନ୍ଧୀୟ ଜନ ସଚେତନତା ବାର୍ତ୍ତା ଆଲୋଚନା କ୍ରମେ ମାନ୍ୟବର ବିଧାୟକ, କୋରେଇ ଶ୍ରୀ ନାୟକ କୋରେଇ ଏବଂ ବଙ୍ଗାଳ ପଞ୍ଚାୟତର ବନ୍ୟାପ୍ରବଣ ଅଂଚଳ ନଦୀ ବନ୍ଧକୁ ପଥର ପ୍ୟାକିଂ କରିବା, ବ୍ୟାପକ ବୃକ୍ଷ ରୋପଣ କରି ଜିଲ୍ଲାରେ ପ୍ରଦ୍ୟୁଷଣକୁ ରୋକିବା ଓ ପରିବେଶ ସନ୍ତୁଳନ ଦିଗରେ ପ୍ରସ୍ତାବ ଆଗତ କରିଥିବା ବେଳେ ଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରି ମାନ୍ୟବର ମନ୍ତ୍ରୀ, ମାନ୍ୟବର ସାଂସଦ, ମାନ୍ୟବର ବିଧାୟିକା ଓ ବିଧାୟକ ବୃନ୍ଦ ଏବଂ ଜିଲ୍ଲା ପରିଷଦ ସଭାପତି ଓ ଉପ-ସଭାପତି ନିଜ ନିଜ ନିର୍ବାଚନ ମଣ୍ଡଳୀ ଓ ଅଞ୍ଚଳ ପାଇଁ ଏବଂ ଯାଜପୁର ପୌର ପରିଷଦ ଅଞ୍ଚଳରେ ବନ୍ୟାଜଳ ନିଷ୍କାସନ କରିବା, ବନ୍ୟା ଜଳ ଓ ବର୍ଷା ଜଳ ନିଷ୍କାସନ ଦିଗରେ ଆବଶ୍ୟକ ସ୍ଥଳେ ସ୍ଥାୟୀ ସମାଧାନ ନିମନ୍ତେ ଦୀର୍ଘ ମିଆଦି କାର୍ଯ୍ୟକ୍ରମ ପାଇଁ ସରକାରଙ୍କୁ ଅବଗତ କରାଯିବ ବୋଲି ଜିଲ୍ଲାପାଳ ଉଲ୍ଲେଖ କରିଥିଲେ । ସେହିପରି ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅଧୀନ ଦଶରଥପୁର ଓ ବିଂଝାରପୁର ବ୍ଲକ ବନ୍ୟାପ୍ରବଣ ହୋଇଥିବାରୁ ବନ୍ୟାପ୍ରବଣ ସ୍ଥାନ ମାନଙ୍କରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ଅଧିକ ପାୱାର ବୋଟ୍ ପ୍ରଦାନ କରିବାକୁ ପ୍ରସ୍ତାବ ରଖିଥିବା ବେଳେ ଜିଲ୍ଲାପାଳ ଶ୍ରୀ କଲ୍ୟାଣ ବର୍ତ୍ତମାନ ପାଇଁ ଜିଲ୍ଲାରେ ୩୬ ଗୋଟି ପାୱାର ବୋଟ୍‌କୁ ସମସ୍ତ ବ୍ଲକକୁ ବଣ୍ଟନ କରାଯାଇଥିବା ବେଳେ ଜିଲ୍ଲାକୁ ଅଧିକ ବୋଟ୍ ଯୋଗାଇ ଦେବାପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ତୁରନ୍ତ ଅନୁରୋଧ କରାଯିବ ବୋଲି ପ୍ରକାଶ କରିଥିଲେ । ବୈଠକ ଶେଷରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଧନ୍ୟବାଦ ପ୍ରଦାନ କରିଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ବ୍ଲକର ବିଡିଓ, ତହସିଲଦାର, ଅତିରିକ୍ତ ଉପ-ଜିଲ୍ଲାପାଳ ଶ୍ରୀମତୀ ମନୋରମା ଜାଲି, ଜିଲ୍ଲା ଜରୁରୀ ଅଧିକାରୀ ଅଶୋକ କୁମାର ବେହେରା, ଡେପୁଟୀ କଲେକ୍ଟର, ସଂସ୍ଥା ଶ୍ରୀମତୀ ସୋନମ୍ ଦାସ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ । ପ୍ରକାଶ ଥାଉ କି, ପ୍ରାକୃତିକ ବିପର୍ଯ୍ୟୟ ବା ଯେ କୌଣସି ବିପର୍ଯ୍ୟୟ ସମ୍ବନ୍ଧୀୟ ସୂଚନା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଯୋଗାଯୋଗ ନିମନ୍ତେ ଜିଲ୍ଲା କଣ୍ଟ୍ରୋଲ ରୁମ୍ ଟେଲିଫୋନ ନମ୍ବର ୦୬୭୨୮-୨୨୨୬୪୮ ଜାରି କରାଯାଇଛି ।

## ଶ୍ରୀଜଗନ୍ନାଥଙ୍କ ଗଜାନନ ବେଶ: ଶ୍ରଦ୍ଧାଳୁଙ୍କ ବିପୁଳ ସମାଗମ



**ବିଷମ କଟକ/ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ସ୍ନାନ ବିଧି ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଠାକୁର ମାନଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ଅଣାଯିବା ପରେ ପୁରୋହିତ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥି ପୂଜା ନୀତି ଆରମ୍ଭ କରିଥିଲେ । ଏହାପରେ ମନ୍ଦିର ପୂଜକ ମହେଶ୍ୱର ପଣ୍ଡାଙ୍କ ସମେତ ସମସ୍ତ ପୂଜକ ମାନେ ୧୦୮ ଢାଳ ସୁବାସିତ ଜଳରେ ଠାକୁର ମାନଙ୍କୁ ସ୍ନାନ କରାଯିବା ପରେ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ହାତୀ ବେଶ କରାଯାଇଥିଲା । ମନ୍ଦିର ଟ୍ରଷ୍ଟି ମଧୁସୂଦନ ଦାସ, ଟି. ଶ୍ରୀନିବାସ ରାଓ, ଲୋକନାଥ ପାଢ଼ୀ, ଜୀବାନନ୍ଦ ମହାରଣାଙ୍କ ସମେତ ବ୍ରାହ୍ମଣ ସମାଜ କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍ନାନ ଯାତ୍ରା ଦେଖିବା ପାଇଁ ବାଲିଗୁଡା ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

ସେହିପରି ରାୟଗଡ଼ ଜିଲ୍ଲା ବିଷମ କଟକର ପୁରାତନ ଜଗନ୍ନାଥ ମନ୍ଦିରରେ ପାଳିତ ହେଲା ଦେବ ସ୍ନାନ ପୂର୍ଣ୍ଣିମା । ସକାଳର ସମସ୍ତ ରିତି କାନ୍ତି ପରେ ଶ୍ରୀଜୀଉଙ୍କୁ ରତ୍ନ ମଣ୍ଡପରୁ ସ୍ନାନ ମଣ୍ଡପକୁ ପଣ୍ଡାମାନେ ଧାଡ଼ି ପହଣ୍ଡି କରି ନେଇଥିଲେ । ୧୦୮ ସୁବାସିତ କଳସ ଜଳରେ ଶ୍ରୀ ଜିଉଙ୍କୁ ସ୍ନାନ କରେଇଥିଲେ । ସମସ୍ତ ରୀତିନିତି ଓ ଆଳତୀ ପରେ ପ୍ରଭୁ ଭକ୍ତମାନଙ୍କୁ ଗଜାନନ ବେଶରେ ଦର୍ଶନ ଦେଇଥିଲେ । ମନ୍ଦିର ପୂଜକ ଜିତୁ ରଥ, ଶିବରାମ ରଥ, ରାମ ରଥ, କେଶବ ରଥ, ସପନ ରଥ, ବାବୁଲି ଆଚାର୍ଯ୍ୟ, ବାସୁଦେବ ହୋତା, ଟୁନା ପାଳ, ପ୍ରମୁଖ ପୂଜା କାର୍ଯ୍ୟରେ ସାହାଯ୍ୟ କରିଥିଲେ । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବିଷମ କଟକ ପୋଲିସ ମୁତୟନ ଥିଲେ । ମନ୍ଦିର ପରିଚାଳନା କମିଟି ଓ ତହସିଲର କର୍ମଚାରି ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶିକ୍ଷଣ ଭିତ୍ତିକ ପରିଭ୍ରମଣ କାର୍ଯ୍ୟକ୍ରମ

**ଲପଙ୍ଗା, ନ୍ୟୁଜ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ ଆନୁକୂଲ୍ୟରେ, ପକଳ୍ପ ସକ୍ଷମ ଅନ୍ତର୍ଗତ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ନେଇ ଏକ ଶିକ୍ଷଣ ଭିତ୍ତିକ ପରିଭ୍ରମଣର ଆୟୋଜନ କରାଯାଇଥିଲା । ୬୨ ଜଣ ସଦସ୍ୟା ଇଣ୍ଡିଆନ ଗ୍ରାମୀନ ସର୍ଭିସେସ ଅନୁଷ୍ଠାନକୁ ପରିଭ୍ରମଣ ଉଦେଶ୍ୟରେ ଯାଇଥିଲେ ଏବଂ ଶ୍ରୀମତୀ ଲକ୍ଷ୍ମୀପ୍ରିୟାଙ୍କ, ଆଇଜିଏ, ପ୍ରବନ୍ଧକ ଯୋଗଦାନ କରି, ଏସ.ଏଚ.ଜି ମାଧ୍ୟମରେ ସ୍ୱାବଲମ୍ବୀ ହେବା ଏଥି ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ତଥା ପ୍ରତ୍ୟୁଷର କମ୍ପାନୀର ଲକ୍ଷ ଓ ଉଦ୍ଦେଶ୍ୟ ତଥା ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ କ୍ଷେତ୍ର ପରିଦର୍ଶନ ଭାବେ, ଛତୁ ଚାଷ, ଜିଆ ଖତ ପ୍ରସ୍ତୁତି, ପନିପରିବା ଚାଷ ସମ୍ପର୍କୀୟ ବିବରଣୀ ପ୍ରଦାନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମଟି ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ, ଶ୍ୱେତା ଉପାଧ୍ୟାୟ ଓ ଶ୍ରୀ ମନୋରଞ୍ଜନ ବେହେରା, ସହ ପ୍ରବନ୍ଧକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନତରେ ସଫଳତାର ସହିତ ଆୟୋଜିତ ହୋଇଥିଲା ।

## ରାଜ୍ୟରେ ଅନେକ ଶିଳ୍ପର ସମ୍ଭାବନା ରହିଛି: ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଇଡକୋକୁ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ରିପୋର୍ଟ । ଆଜି ଆୟୋଜିତ ହୋଇଥିବା ଫାଷ୍ଟ ସିଏସ ଷ୍ଟେଟ କନଫରେନ୍ସ ଆଫ ଓଡ଼ିଶାରେ ଶିଳ୍ପମନ୍ତ୍ରୀ ରାଜ୍ୟର ଶିଳ୍ପର ବିକାଶ କରିବା ଦିଗରେ କଣ ସବୁ ପଦକ୍ଷେପ ନେବାକୁ ଯାଉଛନ୍ତି ତା ବିଷୟରେ ଆଲୋଚନା କରିଥିଲେ । ଏହା ସହିତ ରାଜ୍ୟରେ ଶିଳ୍ପର ବିକାଶ ନେଇ ଥିବା ସମ୍ଭାବନା ବିଷୟରେ ମଧ ଆଲୋଚନ କରିଛନ୍ତି । ତେବେ ରାଜ୍ୟରେ ଶିଳ୍ପକ୍ଷେତ୍ର ଷ୍ଟାଟସ୍ କଣ ରହିଛି, ରାଜ୍ୟରେ ଶିଳ୍ପ ପାଇଁ କେତେ ଜମି ବିକାଶ କରାଯାଇଛି, କେତେ ଭିତ୍ତିଭୂମି ବିକାଶ ହୋଇଛି, କେଉଁ ସଂସ୍ଥାକୁ କେତେ ଜମି ଦିଆଯାଇଛି, କେତେ ଶିଳ୍ପ ପ୍ରତିଷ୍ଠା ହୋଇଛି, କେତେ ଶିଳ୍ପ ବନ୍ଦ ହୋଇଛି, ଆଉ କେତେ ଶିଳ୍ପ କେଉଁ କାରଣରୁ ହୋଇପାରିନି ଆଦିର ରିପୋର୍ଟ ମାଗିଛନ୍ତି ଶିଳ୍ପମନ୍ତ୍ରୀ । ଇଡକୋ ପକ୍ଷରୁ ସେସବୁର ରିପୋର୍ଟ ଆସିବା ପରେ ତାହାର ଅନୁଧ୍ୟାନ କରି ଆଗାମୀ କାର୍ଯ୍ୟପନ୍ଥା ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ନୂଆ ସରକାର ଲୋକଙ୍କ ସରକାର । ତେବେ ରାଜ୍ୟରେ ଫାର୍ମା ପାର୍କ ନାହିଁ, ଅଟୋମୋବାଇଲ ଶିଳ୍ପ ନାହିଁ ବୋଲି କହିଛନ୍ତି ମନ୍ତ୍ରୀ । ହେଲେ ରାଜ୍ୟରେ ଅନେକ ଶିଳ୍ପର ସମ୍ଭାବନା ରହିଛି । ସୌରଶକ୍ତି ନେଇ ମଧ୍ୟ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଆଗକୁ ରାଜ୍ୟରେ ଏସବୁ ଶିଳ୍ପର ବିକାଶ ପାଇଁ କାମ କରିବ ନୂଆ ସରକାର ବୋଲି ମନ୍ତ୍ରୀ କହିଛନ୍ତି । ରାଜ୍ୟରେ କିଭଳି ଅଧିକ ପୁଞ୍ଜିନିବେଶ ଆସିବ, ବିଭିନ୍ନ ଶିଳ୍ପ ଆସିବ, ସେଥିପାଇଁ ପ୍ରୟାସ କରାଯିବ । ଏଥିପାଇଁ ଶାସନ ନୀତିରେ ଆବଶ୍ୟକ ପରିବର୍ତ୍ତନ ମଧ୍ୟ କରାଯିବ । ରାଜ୍ୟ ଶିଳ୍ପ କ୍ଷେତ୍ରରେ କିଭଳି ବିକାଶ କରିବ, ସେଥିପାଇଁ ରଣନୀତି ପ୍ରସ୍ତୁତ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

## କନ୍ଧମାଳରୁ ଦିଲ୍ଲୀ ଗଞ୍ଜେଇ ଚାଲାଣ : ୨ ମହିଳା ସହ ଯୁବକ ଗିରଫ



**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳରୁ ଭାୟା ରାଉରକେଲା ହୋଇ ଦିଲ୍ଲୀକୁ ଏକ ଫର୍ଡ କାର ଓ ବାଇକରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ହାବୁଡରେ ପଡି ୪ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ନିକଟରୁ ୬୩ କେଜି ଗଞ୍ଜେଇ ଜବତ ହୋଇଛି । ଘଟଣାରୁ ପ୍ରକାଶ ଯେ, ବାଲିଗୁଡା ଥାନା ଏସ ଆଇ ଭୋଳାନାଥ ପଣ୍ଡାଙ୍କ ସହ ସଦଳବଳ ନିକଟସ୍ତ ବଡଗାଁ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ବଡଗାଁ କନ୍ୟାଶ୍ରମ ନିକଟରେ ଏକ ଫର୍ଡ କାର ଓଡି-୦୫-ପି -୮୬୮୮ ଏବଂ ପଲସର ବାଇକ ନଂ. ଓଆର- ୦୫-ଏଆର-୫୩୧୩ ରେ ଆସୁଥିବା ବେଳେ ସେମାନଙ୍କୁ ଅଟକାଇ ଚେକିଙ୍ଗ କରୁଥିବା ବେଳେ ଘଟଣା ସ୍ଥଳରୁ ଦୁଇ ଜଣ ମହିଳା ଓ ଦୁଇ ଜଣ ପୁରୁଷଙ୍କୁ ଗିରଫ କରିବା ସହ ଏ ନେଇ ବାଲିଗୁଡା ଥାନାରେ କେଶ ନଂ.୧୪୩ /୨୪ରେ ଏକ ମାମଲା ରୁଜୁ ହୋଇଛି । ଏଥିରୁ ଜଣେ ଦିଲ୍ଲୀ ଅଞ୍ଚଳର ଧନଞ୍ଜୟ ସୋନି ହୋଇଥିବା ବେଳେ ଆଉ ତିନି ଜଣ ଫିରିଙ୍ଗିଆ ଥାନା ସାଡିଙ୍ଗିଆ ଅଞ୍ଚଳର ବୁଧେଇ ଦିଗାଲ, ଉତ୍ତମ ଦିଗାଲ ଓ ରଶ୍ମିତା ଦିଗାଲ ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି ।

## ବାପା-ମାଆଙ୍କୁ ମାରି ମାଟିରେ ପୋତିଲା ପୁଅ

**ସିମୁଳିଆ, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ସିମୁଳିଆରେ ଏକ ଚାଞ୍ଚଲ୍ୟକର ଘଟଣା ଶନିବାର ସାମ୍ନାକୁ ଆସିଛି । ପାରିବାରିକ କଳହର କରୁଣ ପରିଣତି, ମଦୁଆ ପୁଅ ସାଜିଲା ବାପର ହତ୍ୟାକାରୀ ଏବେ ବି ମାଆ ନିଖୋଜ, ଏ ନେଇ ଭଉଣୀ ସିମୁଳିଆ ଥାନାରେ ଅଭିଯୋଗ କରିଛନ୍ତି । ଜଣେ ପିଶାଚ ପୁଅ ନିଜ ବାପା-ମାଆଙ୍କୁ ହତ୍ୟା କରି ମାଟି ତଳେ ପୋତି ଦେଇଥିବା ଅଭିଯୋଗ ହୋଇଛି । ସିମୁଳିଆ ଥାନା ଗରସଙ୍ଗ ଗାଁରେ ପୁଅର ଏଭଳି ନୃଶଂସକାଣ୍ଡ ହଇଚଇ ସୃଷ୍ଟି କରିଛି । ବାରି ପଛପଟୁ ଦୁର୍ଗନ୍ଧ ବାହାରିବାରୁ ସନ୍ଦେହ ବଢିବା ସହ ଭାଇକୁ ଭଉଣୀ ସନ୍ଦେହ କରିବାରୁ ଖବର ପାଇ ପୁଲିସ ପହଞ୍ଚି ଥିଲା । ଏହାପରେ ମାଟି ଖୋଳା ଆରମ୍ଭ ହୋଇ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣଙ୍କ ମୃତଦେହ ଖୋଜିବା ପାଇଁ ମାଟି ଖୋଳା ଯାଇଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବାହାର କରିଛି ପୁଲିସ । ଅଭିଯୁକ୍ତ ପୁଅ ଫେରାର ହୋଇ ଯାଇଥିବା ବେଳେ ପୁଲିସ ଖୋଜାଖୋଜି ଆରମ୍ଭ କରିଛି । ଘଟଣାର ତଦନ୍ତ ଜାରି ରହିଛି । ସୂଚନାନୁଯାୟୀ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଗରସଙ୍ଗ ଗାଁରେ ୪ଦିନ ଧରି ନିଖୋଜ ଥିବା ବାପା ପ୍ରଭାକର ବେହେରା, ମାଆ ଚମ୍ପା ବେହେରାଙ୍କ ନିଖୋଜ ଘଟଣାକୁ ନେଇ ଝିଅ ମମତା ମଲ୍ଲିକ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ ଏବଂ ଭାଇ ରମେଶ ବାପା ମାଆଙ୍କୁ ମାରି ଦେଇ ପୋତି ଦେଇଥିବା ଅଭିଯୋଗ କରିଥିଲେ । ମମତାଙ୍କ ଅଭିଯୋଗ କ୍ରମେ ସିମୁଳିଆ ପୁଲିସ ତଦନ୍ତ ଆରମ୍ଭ କରିଥିବା ସହିତ ରମେଶଙ୍କ ଘର ପଛପଟେ ଏକ ଚାଷ ଜମିରେ ପୋତିଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଖଇରା ଅତିରିକ୍ତ ତହସିଲଦାର ସନ୍ଦିପ୍ରିୟଦର୍ଶନୀ ଧଳ, ବାଲେଶ୍ୱର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଉକ୍ତ ସ୍ଥାନକୁ ଖୋଳି ବାପା ପ୍ରଭାକର ବେହେରାଙ୍କ ମୃତଦେହ ଠାବ ହୋଇଥିବା ବେଳେ ମା' ଏବେ ବି ନିଖୋଜ ଅଛନ୍ତି । ତେବେ ତଦନ୍ତ ପ୍ରକ୍ରିୟା ଜାରି ରହିଛି, ତଦନ୍ତ ପରେ ସବୁ ତଥ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ଗଜବର୍ଦ୍ଧନ ବେଶରେ ଦର୍ଶନ ଦେଲେ ଶ୍ରୀ ସିଦ୍ଧ ବଳଦେବଜୀଉ



**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଗଜବର୍ଦ୍ଧନ ବେଶ ସଂପନ୍ନ ହୋଇଯାଇଛି । ଶନିବାର ଠାରୁ ନେତ୍ର ଉତ୍ସବ ପର୍ଯ୍ୟନ୍ତ ଶ୍ରୀଜୀଉମାନେ ଅନବସର ଗୃହରେ ଅବସ୍ଥାନ କରିବେ । ଠାକୁରମାନଙ୍କ ଏହି ବେଶ ଦେଖିବା ପାଇଁ ତୁଳସୀ କ୍ଷେତ୍ର ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଦିନସାରା ଭକ୍ତ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଲାଗି ରହିଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଭକ୍ତମାନେ ସକାଳୁ ରାତି ପର୍ଯ୍ୟନ୍ତ ଜୀଉମାନଙ୍କ ଦର୍ଶନ ପାଇଁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସରରେ ଭିଡ ଜମାଇଥିବା ଦେଖିବାକୁ ମିଳିଛି । ଏହି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶନିବାର ସକାଳ ୬ଟାରେ ଜୀଉ ମାନଙ୍କୁ ପହଣ୍ଡି ବିଜେ କରାଯାଇ ସ୍ନାନ ମଣ୍ଡପକୁ ଅଣାଯାଇ ଥିଲା । ସେଠାରେ ଜୟ ମଙ୍ଗଳା ଆଳତୀ ପରେ ଜୀଉମାନଙ୍କ ନୀତି ସ୍ନାନ, ବଲ୍ଲଭ ମଣୋହୀ କରାଯାଇ ମଧ୍ୟାହ୍ନ ୧ଟା ସମୟରେ ମଙ୍ଗଳାର୍ପଣ କରାଯାଇ ଥିଲା । ପରେ ପରେ ଜୀଉମାନଙ୍କ ଗଜବର୍ଦ୍ଧନ ବେଶରେ ସଜ୍ଜିତ କରାଯାଇ ସର୍ବ ସାଧାରଣ ଭକ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସ୍ତୁତ କରାଯାଇଛି । ସେହିଭଳି ଅପରାହ୍ନ ୨ଟା ରେ ଖେଚୁଡି ଧୂପ ଉପରାନ୍ତେ ରାତ୍ର ୯ଟା ପର୍ଯ୍ୟନ୍ତ ଜୀଉମାନେ ଗଜବର୍ଦ୍ଧନ ବେଶରେ ସ୍ନାନ ବେଦୀରେ ରହିବା ପରେ ବେଶ ଉଲାଗି କରାଯାଇ ସେନାପଟା ସହ ଅନବସର ଗୃହକୁ ପ୍ରବେଶ ପାଇଁ ଜୀଉମାନଙ୍କ ପହଣ୍ଡି ବିଜେ କରାଯାଇ ଥିବା ଜଣାପଡିଛି । ତେବେ ବିଳମ୍ବିତ ରାତିରେ ଜୀଉମାନଙ୍କୁ ଅନବସର ଗୃହରେ ପ୍ରବେଶ କରାଯାଇ ଥିବା ଜଣାପଡିଛି। ତେବେ ଜୀଉମାନଙ୍କ ଏହି ନୀତିକାନ୍ତି ସୁରୁଖୁରୁରେ ପରିଚାଳନା କରିବା ପାଇଁ ସକାଳୁ ଉପ ଜିଲ୍ଲାପାଳ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ରବିନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରାପଡା ତହସିଲଦାର ତାପସ କୁମାର ଦେହୁରୀ, ମନ୍ଦିର କାର୍ଯ୍ୟ ନିର୍ବାହୀ ବଳଭଦ୍ର ପତ୍ରୀ, ସେବକ ଟ୍ରଷ୍ଟି ବଳରାମ ସୁଆର, ରଞ୍ଜନ ପୃଷ୍ଟି, ଏସଡିପିଓ ଦେବେନ୍ଦ୍ର ମଲିକ, ଟାଉନ ଥାନା ଅଧିକାରୀ ଦିଲୀପ ସାହୁ ପ୍ରମୁଖ ମନ୍ଦିର ପରିସରରେ ଉପସ୍ଥିତ ରହି କାର୍ଯ୍ୟ ନିରୀକ୍ଷଣ କରିଥିଲେ । ତେବେ ଅପରାହ୍ନରେ ସହଧର୍ମିଣୀଙ୍କ ସହ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ନାନ ବେଦୀରେ ଜୀଉମାନଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିବା ଜଣାପଡିଛି।

## ବାଲେଶ୍ୱରରେ ଜନସାଧାରଣଙ୍କ ସମସ୍ୟା ସମାଧାନ ପାଇଁ

# ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ଇଣ୍ଡିଆ ମେଣ୍ଟର ପ୍ରତିନିଧି ଦଳ

**ବାଲେଶ୍ୱର, ନ୍ୟୁଜ**



ବାଲେଶ୍ୱର ସହରରେ ଯେଉଁ ସାମ୍ପ୍ରତିକ ପରିସ୍ଥିତି ଘଟିଛି ଏବଂ ଦୀର୍ଘ ୫ ଦିନ ଧରି ପ୍ରଶାସନ ତରଫରୁ କର୍ଫ୍ୟୁ ଲାଗିବା ଫଳରେ ଲୋକମାନଙ୍କୁ ହଇରାଣ କରାଯାଉଛି ଏବଂ ବାଲେଶ୍ୱର ସହରରେ ଯେଭଳି ଭାବେ ଏକ ଅଶାନ୍ତ ବାତାବରଣ ସୃଷ୍ଟି ହେଇଛି ଏହାକୁ କିଭଳି ଭାବେ ଶୀଘ୍ର ସାମାନ୍ୟ ସ୍ଥିତିକୁ ଅଣାଯିବ ସେ ବିଷୟ ନେଇ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସହ ଆଲୋଚନା କରିବା ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱରର ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ଅନନ୍ତ କୁମାର ସେଠୀ, ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ପୂର୍ବତନ ବିଧାୟକ ତଥା ସିପିଏମ ନେତା ପ୍ରଦୀପ୍ତ ପଣ୍ଡା, ସିପିଏମର ଜିଲ୍ଲା ସଂପାଦକ ଶିଶିର ହୁଇଙ୍କ ସମେତ, ଭାଗବତ ପ୍ରତିହାରୀ, ସିତାଂଶୁ ସେନାପତି, ନରୋତ୍ତମ ନାୟକ, ରେମୁଣା ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା, ସଦର ବିଧାୟିକା ପ୍ରାର୍ଥୀନୀ ମୋନାଲିସା ସାମଲ, କେକେସି ରାଜ୍ୟ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ସେନାପତି, ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜନ ଦାସ, ସରୋଜ ଲେଙ୍କା, ମିଡିଆ ଏବଂ ଯୋଗାଯୋଗ ବିଭାଗ ଜିଲ୍ଲା ଅଧ୍ୟକ୍ଷ ବିକାଶ କୁମାର ଦାସ, ଶ୍ୟାମସୁନ୍ଦର ଜେନା ସିପିଏମ ନେତା, ଅକ୍ଷୟ ମଲ୍ଲିକ, ମନୋଜ ନାୟକ, ଗୋପୀନାଥ ପାଢ଼ୀ, ନନ୍ଦନ ପାଲ ଜିଲ୍ଲା ସଭାପତି ଟିଏମସି, ନିରଞ୍ଜନ ପରିଡା, ଗୌରାଙ୍ଗ ପାଣିଗ୍ରାହୀ, ଭଗବାନ ମୋହନୀ, ରମେଶ ଚନ୍ଦ୍ର ଦାସ, ତୁଷାର କାନ୍ତି ତପସ୍ୱୀ, ନିଶିତ ବାରିକ, ବାସନ୍ତୀ ନାୟକ, ବିଦ୍ୟାଧର ମୋହାନ୍ତି, ଉର୍ମିଳା ମାଝୀ ପ୍ରମୁଖ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଆଲୋଚନା ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ଓ ସଦର ବିଧାୟକ ମାନସ ଦତ୍ତଙ୍କ ଅଭିମୁଖ୍ୟକୁ ଦୃଢ ନିନ୍ଦା କରାଯାଇଥିଲା । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ତୁରନ୍ତ ସମସ୍ତ ରାଜନୈତିକ ଦଳ ପ୍ରତିନିଧି, ଶାନ୍ତିକମିଟି ଓ ବାଲେଶ୍ୱରର ବୁଦ୍ଧିଜୀବୀ, ସମାଜ ସେବୀ, ଶ୍ରମିକ ନେତାମାନଙ୍କୁ ନେଇ ଆଲୋଚନା କରି କାର୍ଯ୍ୟକଲେ ଏଭଳି ପରିସ୍ଥିତିକୁ ସମାଧାନ କରିବା ସହ ବାଲେଶ୍ୱରରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ବୋଲି ମତ ରଖିଥିଲେ ।

## ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ତିରୋଧାନ ଦିବସରେ ଉତ୍ସବ ମୁଖର ନେମାଳ ପୀଠ

**ନେମାଳ, ନ୍ୟୁଜ**

କଟକ ଜିଲ୍ଲା ନେମାଳ ସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ମହାପ୍ରୟାଣ ଦିବସ ଅବସରରେ ପଞ୍ଚସଖା ଯୁଗରଏହି ମହାନ ସାଧକ, ଦିବ୍ୟ ଦ୍ରଷ୍ଟା, ମାଳିକାକାରଙ୍କ ପବିତ୍ର ଗାଦି ପରିସରରେ ଯାତ୍ରା ଓ ମେଳା ତିନିଦିନ ବ୍ୟାପୀ ଅନୁଷ୍ଠିତ ହେଉଛି । ଲୋକ କଥା ରହିଛି, ଏହି ଦିନରେ ମହାପ୍ରଭୁ ଜଗନ୍ନାଥ ନେମାଳବଟକୁ ଆସିଥାନ୍ତି ! ସେଥିପାଇଁ କୁହାଯାଇଛି 'ଯେଉଁ ଜଗନ୍ନାଥ ମୂରତି ନୀଳାଚଳରେ ସ୍ଥିତ, ସେହି ଜଗନ୍ନାଥ ମୂରତି ପଦ୍ମ ବନେ ଉଦିତ' । ପୁଣ୍ୟତିଥି ଅବସରରେ ମହାପୁରୁଷଙ୍କ ରଚିତ ମାଳିକା, ବିଭିନ୍ନ ଗ୍ରନ୍ଥ ପଠନ ସହ ଭଜନ, ସଂକୀର୍ତନ ଆଦି ଅନୁଷ୍ଠିତ ହେବାସହ ଚଳିତବର୍ଷ ଏହି ଯାତ୍ରା ବେଶ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଅଛି । ଚିତ୍ରୋତ୍ପଳା ନଦୀ ପଠାରେ ବାଲିଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଛି । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହିଛନ୍ତି । ସାଲେପୁର, ନେମାଳ, ନିଶ୍ଚିନ୍ତକୋଇଲ ଥାନା ପୋଲିସ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ପରିସ୍ଥିତିନିୟନ୍ତ୍ରଣ କରୁଥିଲେ ହେଁ କେତେକ ଅବ୍ୟବସ୍ଥା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି । ତେବେ ସଂଧ୍ୟା ସମୟରେ ଅଧିକ ଜନଗହଳି ହୋଇ ଥାଏ । ଚିତ୍ରୋତ୍ପଳା ନଦୀପଠାରେ ବାଲିଯାତ୍ରା ଅନୁଷ୍ଠିତ ହେବା ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନ, ସଂକୀର୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୪।୬।୨୦୨୪, ଆଷାଢ଼ ଦି୧୦ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୦୫।୦୯।୩୬ **ଚନ୍ଦ୍ରୋଦୟ-** ରାଘ ୦୮।୫୨।୦୬

**ତୃତୀୟା-** ରାଘ ୧।୨୪ ପର୍ଯ୍ୟନ୍ତ । **ଉତ୍ତରାଷାଢ଼ା ନକ୍ଷତ୍ର-** ଦିଘ ୩।୫୩ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧।୨୪ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୪ ଗତେ ଘ ୧୦।୩୦ ମଧ୍ୟେ । ରାଘ ୯।୧୮ ଗତେ ଘ ୧୦।୨୮ ମଧ୍ୟେ ।


**ମେଷ:** ଇଚ୍ଛା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତିର ସମ୍ଭାବନା । ବ୍ୟବସାୟ ମଧ୍ୟମ ଧରଣର ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି । ମହିଳାମାନେ ସୁଖୀ ହେବେ ।


**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭକରି ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । ଶରୀର ସୁସ୍ଥ ରହିବ ।


**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । ଶୁଭ ଖବର ପାଇପାରନ୍ତି । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।


**କର୍କଟ:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟ ସ୍ଥିର ରହିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ । ପରୋପକାରୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା ।


**ସିଂହ:** ହଠାତ୍ କୌଣସି ଘଟଣାକୁ ନେଇ ମାନସିକ ଅଶାନ୍ତି ଦେଖାଦେଇପାରେ । ମନ ଅସ୍ଥିର ରହିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ କଳହ ଦେଖା ଦେବାର ସୂଚନା ରହୁଛି ।


**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ । ଦେବ ଦର୍ଶନ ସହିତ ଶୁଭ କାର୍ଯ୍ୟ ସ୍ଥିର କରିପାରନ୍ତି । ରୋଜଗାରରେ ଉନ୍ନତି ଦେଖାଦେବ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଲାଭ ହେବାର ସମ୍ଭାବନା ।


**ତୁଳା:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ ପ୍ରାପ୍ତ ହେବ । ଆୟରେ ଉନ୍ନତି ।


**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଘରେ ସୁଖ ଶାନ୍ତି ରହିବ । ଉତ୍ତମ ଭୋଜନ କରିପାରନ୍ତି । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।


**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ରୋଜଗାର ଭଲ ହେବ ।


**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ । ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଦୁଶ୍ଚିନ୍ତା ଦେଖାଦେବ । ମନ ଅସ୍ଥିର ରହିବ ।


**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଆୟରେ ଉନ୍ନତି ଦେଖାଦେବ । ଦେହ ଭଲ ରହିବ ।


**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବେ । ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଶାନ୍ତିର ବାତାବରଣ ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୫।୬।୨୦୨୪, ଆଷାଢ଼ ଦି୧୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୦୫।୦୬।୫୧ **ଚନ୍ଦ୍ରୋଦୟ-** ରାଘ ୯।୩୮।୧୨

**ଚତୁର୍ଥୀ-** ରାଘ ୧୦।୧୨ ପର୍ଯ୍ୟନ୍ତ । **ଶ୍ରବଣାନକ୍ଷତ୍ର-** ଦିଘ ୨।୩୨ ପର୍ଯ୍ୟନ୍ତ । **ମକରଚନ୍ଦ୍ର-** ରାଘ ୧।୫୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-**ମେଷ,କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୧।୫୦ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-ସିଂହ ରାଶିର ରାଘ ୧।୫୦ ଗତେ ମିଥୁନ ଓ ମୀନ ରାଶିର ।** ଶ୍ରାଦ୍ଧନିର୍ଣ୍ଣୟ- ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ନିଷିଦ୍ଧ ଖାଦ୍ୟ- ମୂଳା ରାଘ ୧୧।୧୨ ଗତେ ବେଲ ଖାଇବା ମନା, **ଆଜିର ଶୁଭବେଳା-** ପ୍ରାଘ ୫।୧୪ ଗତେ ଘ ୬।୨୫ ମଧ୍ୟେ, ଦିଘ ୬।୩୬ ଗତେ ଘ ୧୨।୧୬ ମଧ୍ୟେ ।

30 YEARS
ସମ୍ବାଦ କଳିକା

# ଭାରତ ଛାଡ଼ିବେ ୪୩୦୦ ଧନୀ

ଚଳିତ ବର୍ଷ ୪୩୦୦ ଧନୀ ଲୋକ ଭାରତ ଛାଡ଼ିବେ ବୋଲି ହେନ୍ଲି ପ୍ରାଇଭେଟ୍ ୱେଲ୍ଥ ମାଇଗ୍ରେସନ୍ ରିପୋର୍ଟ ୨୦୨୪ରେ ଆକଳନ କରାଯାଇଛି। ୨୦୨୩ରେ ଏହାଠାରୁ ଅଧିକ ୫୧୦୦ ଧନୀ ଲୋକ ଦେଶ ଛାଡ଼ିଥିଲେ। ଭାରତ ହେଉଛି ବିଶ୍ୱର ଅନ୍ୟତମ ପ୍ରମୁଖ ଦେଶ ଯେଉଁଠାରୁ ବହୁ ସଂଖ୍ୟାରେ ଧନୀ ଲୋକ ପ୍ରତିବର୍ଷ ବିଦେଶରେ ବସବାସ କରିବା ଲାଗି ପଳାୟନ କରୁଛନ୍ତି। ଭୂ-ରାଜନୈତିକ ସଙ୍କଟ, ଅର୍ଥନୈତିକ ଅନିଶ୍ଚିତତା ଓ ସାମାଜିକ କାରଣ ଲାଗି ଧନୀ ଲୋକମାନେ ଦେଶ ଛାଡୁଥିବା ରିପୋର୍ଟରେ କୁହାଯାଇଛି। ଭାରତରୁ ଯାଉଥିବା ଅଧିକାଂଶ ଧନୀ ଲୋକ ବସବାସ କରିବା ଲାଗି ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ପସନ୍ଦର ସ୍ଥାନ ଭାବେ ଚୟନ କରୁଛନ୍ତି। ଶୂନ ଆୟକର ନୀତି, ଗୋଲ୍ଡେନ୍ ଭିସା, ବିଳାସପୂର୍ଣ୍ଣ ଜୀବନଶୈଳୀ ପାଇଁ ଲୋକମାନେ ସେହି ଦେଶରେ ରହିବାକୁ ପସନ୍ଦ କରୁଛନ୍ତି। ଚଳିତ ବର୍ଷ ୟୁଏଇ ସାରା ବିଶ୍ୱରୁ ୬୭୦୦ ଧନୀ ଲୋକଙ୍କୁ ଆକର୍ଷିତ କରିବ ବୋଲି ଆକଳନ କରାଯାଇଛି। ଭାରତୀୟମାନେ ପର୍ତ୍ତୁଗାଲ, ଗ୍ରିସ, ସ୍ପେନ୍, ମାଲ୍ଟା, ଆଣ୍ଟିଗୁଆ ଓ ବରବୁଦା ଆଦିର ଭିସା ଓ ବସବାସ କାର୍ଯ୍ୟକ୍ରମକୁ ମଧ୍ୟ ପସନ୍ଦ କରୁଛନ୍ତି। ହେନ୍ଲି ରିପୋର୍ଟ ଅନୁସାରେ ଚଳିତ ବର୍ଷ ସାରା ବିଶ୍ୱରେ ୧,୨୮,୦୦୦ ଧନୀଲୋକ ନିଜ ଦେଶ ଛାଡ଼ି ବସବାସ ଲାଗି ଅନ୍ୟତ୍ର ଯିବେ। ୨୦୨୩ରେ ୧,୨୦,୦୦୦ ଧନୀ ଲୋକ ଦେଶ ଛାଡ଼ିଥିଲେ। ଚଳିତ ବର୍ଷ ଭାରତ ସମେତ ଚୀନ୍, ବ୍ରିଟେନ୍, ଦକ୍ଷିଣ କୋରିଆ, ବ୍ରାଜିଲ୍, ଦକ୍ଷିଣ ଆଫ୍ରିକା, ତାଇୱାନ୍, ଭିଏତ୍ନାମ ଓ ନାଇଜେରିଆ ନିଜର ଦେଶର ବହୁ ଧନୀଙ୍କୁ ହରାଇବେ ବୋଲି ଆକଳନ କରାଯାଇଛି। ନିଜ ଦେଶ ଛାଡୁଥିବା ଧନୀ ଲୋକମାନେ ଆମେରିକା, ସିଙ୍ଗାପୁର, କାନାଡା ଓ ଅଷ୍ଟ୍ରେଲିଆକୁ ନିଜର ନୂଆ ବାସସ୍ଥାନ ଭାବେ ଚୟନ କରୁଛନ୍ତି। ଭାରତୀୟ ଧନୀମାନେ ଦେଶ ଛାଡ଼ିବାର ପ୍ରମୁଖ କାରଣଗୁଡ଼ିକ ହେଉଛି ଉତ୍ତମ ଜୀବନଶୈଳୀ ସୁବିଧା, ସୁରକ୍ଷିତ ପରିବେଶ ଏବଂ ପ୍ରିମିୟମ ମାନର ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା। ଅର୍ଥନୈତିକ ଓ ରାଜନୈତିକ ଘଟଣା ମଧ୍ୟ ଅନ୍ୟତମ କାରଣ ବୋଲି କୁହାଯାଉଛି। ଧନୀମାନଙ୍କୁ ହରାଇବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତିର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)
(କ୍ରମଶଃ)

# ସତରେ କ'ଣ ମହାନଦୀ ଶୁଖିଯିବ ?



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ମହାନଦୀ ଭାରତର ଛତିଶଗଡ଼ ପ୍ରଦେଶର ବସ୍ତର ମାଳଭୂମିରେ ଅବସ୍ଥିତ ଅମରକଣ୍ଟକ ପର୍ବତରୁ ଜନ୍ମନେଇ ଦୀର୍ଘ ୮୫୧ କିଲୋମିଟର ପଥ ଅତିକ୍ରମ କରି ବଙ୍ଗୋପସାଗରରେ ମିଶିଛି । ଓଡିଶା ପ୍ରଦେଶ ପାଇଁ ମହାନଦୀର ଅନେକ ଅବଦାନ ରହିଅଛି ତେଣୁ ଏହାକୁ ଓଡ଼ିଶାର ଜୀବନରେଖା କୁହାଯାଏ, ମହାନଦୀର ଅନେକ ନାମ ଅଛି ସେଗୁଡିକ ହେଲା କନକ ନନ୍ଦିନୀ, ଚିତ୍ରୋତ୍ପଳା, ନୀଳୋତ୍ପଳା, ମହାନନ୍ଦା, ମହାଶ୍ୱେତା ଇତ୍ୟାଦି । ଚୀର ସ୍ରୋତା ନଦୀ ହୋଇ ନ'ଥିବାରୁ କେବଳ ବର୍ଷା ଋତୁରେ ବୃଷ୍ଟିକୁ ପାଥେୟ କରି ଏଥିରେ ଆବଶ୍ୟକତା ଠାରୁ ଅଧିକ ଜଳ ପ୍ରବାହିତ ହୋଇଥାଏ ଯାହାକି ଅନେକ ସମୟରେ ଧନ, ଜୀବନ ପ୍ରତି ବିପଦ ସାବ୍ୟସ୍ତ ହୋଇଛି । ପ୍ରାକୃତିକ ବିପଦର ମୁକାବଲା ତଥା ବର୍ଷସାରା କୃଷିକ୍ଷେତ୍ରକୁ ଜଳ ଯୋଗାଇବା ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ଡ୍ୟାମ୍ / ଜଳଭଣ୍ଡାର ସୃଷ୍ଟିକରିବା କାର୍ଯ୍ୟ ସମ୍ପାଦନ ହୋଇଛି, ମହାନଦୀ ଉପରେ ଗଢି ଉଠିଥିବା ଡ୍ୟାମ୍ ମାନଙ୍କ ମଧ୍ୟରୁ ହୀରାକୁଦ ଡ୍ୟାମ୍ (ଓଡିଶା) ଅନ୍ୟତମ, ସମୁଦାୟ ୮୫୧ କିଲୋମିଟର ପଥ ମଧ୍ୟରୁ ଛତିଶଗଡ଼ ରେ ୩୫୭ କିଲୋମିଟର ଏବଂ ଓଡ଼ିଶାରେ ୪୯୪ କିଲୋମିଟର ପଥ ଅତିକ୍ରାନ୍ତ କରିଛି, ଏଥିରୁ ଅନୁମେୟ ଛତିଶ ଗଡ଼ଠାରୁ ଓଡିଶା ପ୍ରଦେଶରେ ମହାନଦୀ ୧୩୭ କିଲୋମିଟର ଅଧିକ ପଥ ଅତିକ୍ରାନ୍ତ କରିଛି । ବର୍ତ୍ତମାନ ଏହି ନଦୀର ଜଳ ପରିଚାଳନା ତଥା ଜଳ ବଣ୍ଟନକୁ ନେଇ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି, ଛତିଶଗଡ଼ ସରକାର ତାଙ୍କ ରାଜ୍ୟରେ ଜଳସେଚନ ନିମନ୍ତେ ଅନେକ ଗୁଡିଏ ଡ୍ୟାମ୍ / ଜଳ ଭଣ୍ଡାର ନିର୍ମାଣ କରିବା ଦ୍ୱାରା ମହାନଦୀର ଜଳ ପୂର୍ବବତ ହୀରାକୁଦ ଜଳ ଭଣ୍ଡାର ଭିତରକୁ ପ୍ରବେଶ କରି ପାରୁ ନାହିଁ ।

ହୀରାକୁଦ ଜଳଭଣ୍ଡାରର ସର୍ବନିମ୍ନ ଜଳଧାରଣ କ୍ଷମତା ଠାରୁ ଜଳ କମିବାର ଉପକ୍ରମ କରୁଛି, ଏହା ଓଡିଶା ବାସୀଙ୍କ ଲାଗି ଏକ ଚିନ୍ତାଜନକ ବିଷୟ ହୋଇ ଉଠିଛି। ହୀରାକୁଦ ଜଳ ଭଣ୍ଡାରର ଜଳଧାରଣ କ୍ଷମତା ଉପରେ ବିଦ୍ୟୁତ ଶକ୍ତି ଉତ୍ପାଦନ ନିର୍ଭର କରିବା ସହିତ କୃଷିକ୍ଷେତ୍ର ପାଇଁ ଜଳ ଯୋଗାଣ ଓଡିଶା ପାଇଁ ଏକ ଆହ୍ୱାନ ପାଲଟିଛି । ଦେଖାଯାଉ ଓଡ଼ିଶା ସରକାର ଏହି ବିଷୟକୁ କେତେ ଗୁରୁତ୍ୱ ଦେଇ ଏହାର ସ୍ଥାୟୀ ସମାଧାନର ପନ୍ଥା ବାହାର କରୁଛନ୍ତି। ୧୯୫୭ ଜାନୁଆରୀ ୧୩ ତାରିଖ ଦିନ ଉଦ୍ଘାଟିତ ହୋଇଥିବା ମହାନଦୀ ଉପରେ ହୀରାକୁଦ ଡ୍ୟାମ୍ ପୃଥିବୀର ସବୁଠାରୁ ଦୀର୍ଘତମ ମାଟିବନ୍ଧ ଏହା ଓଡ଼ିଶାର ସମ୍ବଲପୁର ସହର ଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଅବସ୍ଥିତ, କଂକ୍ରିଟ ବନ୍ଧର ଗୋଟିଏ ପଟେ ହୀରାକୁଦ ଟାଉନ ଏବଂ ଅନ୍ୟ ପଟେ ବୁର୍ଲା ଟାଉନ ଅବସ୍ଥିତ। ୧୯୮୦ ମସିହା ମଧ ଭାଗରୁ ମହାନଦୀ ଜଳ ବିବାଦର ସୂତ୍ରପାତ ହୋଇଛି, ହୀରାକୁଦର ଉପର ମୁଣ୍ଡରେ ଛତିଶଗଡ଼ ସରକାର ଜଳଭଣ୍ଡାର କରିଛନ୍ତି ତନ୍ମଧ୍ୟରୁ ମିନି ମାତା ଡ୍ୟାମ୍, ଆଗରିଆ ଡ୍ୟାମ୍, ଆମଚୁହା ଡ୍ୟାମ୍, ଆଡ଼ପଥର ଡ୍ୟାମ୍ ଇତ୍ୟାଦି ଅନ୍ୟତମ। ସେହି ସମୟରୁ ଓଡିଶା ମହାନଦୀ ଜଳ ବଣ୍ଟନ ପାଇଁ ଚିନ୍ତିତ ଥିଲା, ଅନେକ ଆଲୋଚନା, ସମାଲୋଚନା, ରାଜନୈତିକ ଆରୋପ, ପ୍ରତ୍ୟାରୋପ, ରାଜ୍ୟ, କେନ୍ଦ୍ର ଭିତରେ ଅହଂ ଭାବ ଲାଗି ବୁଝାମଣାର ଅଭାବ ତଥା ନ୍ୟାୟିକ ପ୍ରକ୍ରିୟା ମଧ ଦେଇ ଆଜି ପର୍ଯ୍ୟନ୍ତ ଏହି ସମସ୍ୟା ର ସମାଧାନ ହୋଇ ପାରୁନାହିଁ । ଜଳ ଟ୍ରିବୁନାଲରେ ବିବାଦ ସମାଧାନ ନିମନ୍ତେ ଦୀର୍ଘ ଦିନ ଧରି ପଡି ରହିଛି । ଏଥି ମଧ୍ୟରେ ବିଭିନ୍ନ ରାଜନୈତିକ ଦଳର ସରକାର କ୍ଷମତାସୀନ ହୋଇ ଛନ୍ତି ପୁନଶ୍ଚ ଶାସନଗାଦୀରୁ ବିଦାୟ ନେଇ ଯାଇଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସମାଧାନର ବାଟ ଫିଟିଲା ନାହିଁ । ନେତା ମନ୍ତ୍ରୀ ସମସ୍ତେ କାନ୍ଦି ଛନ୍ତି , ଆଖିରୁ ଲୁହ ବୋହିଛି ଆଉ ରୁମାଲରେ ସବୁ ପୋଛି ଦେଇଛନ୍ତି, ପୂର୍ବବତ୍ ମହାନଦୀ ଯେମିତି ଶୁଖିଲା ଥିଲା ଠିକ୍ ସେମିତି ଭାଗ୍ୟକୁ ଆଦରି ଶୁଖିଲା ରହିଛି। କଥାରେ ଅଛି 'ଜଳ ବିହୁନେ ସୃଷ୍ଟି ନାଶ ଜଳ ବହୁଳେ ସୃଷ୍ଟି ନାଶ' । ପୃଥିବୀ ପୃଷ୍ଠରେ ବାସ କରୁଥିବା ଲକ୍ଷ ଲକ୍ଷ ଜୀବଜନ୍ତୁ, କୀଟ ପତଂଗ, ଜଳଚର ପ୍ରାଣୀ, ବୃକ୍ଷଲତା ଠାରୁ ଆରମ୍ଭ କରି ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ସମସ୍ତେ ଜୀବନ ଧାରଣ କରିବା ପାଇଁ ମୁଖ୍ୟତଃ ଜଳ, ବାୟୁ ଉପରେ ଶତ ପ୍ରତିଶତ ନିର୍ଭରଶୀଳ । ବାୟୁରେ ଥିବା ଅମ୍ଳଜାନ ଜୀବଜଗତ ଜୀବନ ଧାରଣ ପାଇଁ ପ୍ରଶ୍ୱାସରେ ନେଇଥାଏ ଏବଂ ଜଳ ପାନୀୟ ରୂପେ ଗ୍ରହଣ କରିଥାଏ । ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟାସନାଲ ଏକାଡେମୀ ଅଫ ସାଇନ୍ସ, ଇଞ୍ଜିନିଅରିଂ ଆଣ୍ଡ ମେଡ଼ିସିନ ଦ୍ୱାରା ପରୀକ୍ଷାରୁ ଅନୁମେୟ ଜଣେ ସୁସ୍ଥ ମନୁଷ୍ୟ ପାଇଁ ସର୍ବନିମ୍ନ ୩.୭ ଲି (ପୁରୁଷ) ୨.୭ ଲି (ମହିଳା) ପାନୀୟ ଜଳର ଆବଶ୍ୟକତା ପଡିଥାଏ, ଏହାଛଡା ନିତ୍ୟ ବ୍ୟବହାର ପାଇଁ ମଧ ଜଳର ଆବଶ୍ୟକତାକୁ କେହି ଅସ୍ୱୀକାର କରିବେ ନାହିଁ । ଆମେମାନେ ଯଦି ତର୍ଜମା କରିବା ତେବେ ଜାଣିବାକୁ ପାଇବା ଯେ, ପୃଥିବୀର ଗଚ୍ଛିତ ଜଳ ମଧ୍ୟରୁ ୯୬.୫୪ ପ୍ରତିଶତ ବା ୯୭ ପ୍ରତିଶତ ଲବଣ ଯୁକ୍ତ ସମୁଦ୍ର ଜଳ ଯାହାକି ପାନୀୟ ପାଇଁ ଅନୁପଯୁକ୍ତ । ବରଫ ପାହାଡ଼, ଗ୍ଲାସିଆର୍ ଏବଂ ସ୍ଥାୟୀ ବରଫ ୧.୭୪ ଭାଗ, ଭୂତଳ ଜଳ ୧.୬୯ ଭାଗ, ସତେଜ ଜଳ ୦.୭୬ ଭାଗ ତେଣୁ ଅନୁମାନ କରନ୍ତୁ ତିନି ଚତୁର୍ଥାଂଶ ଜଳ ମଧ୍ୟରୁ କେତେ ଭାଗ ଆମେ ବ୍ୟବହାର କରି ପାରିବା ? ସାଧାରଣତଃ ଆମେମାନେ ନଦୀ ଗୁଡିକ ଉପରେ ନିର୍ଭରଶୀଳ, କିଛି ସ୍ଥାନରେ ଭୂତଳ ଜଳର ମଧ ଉପଯୋଗ କରା ଯାଇଥାଏ, ଭାରତ ସହିତ ଅନ୍ୟ କିଛି ବିକଶିତ ରାଷ୍ଟ୍ର ଗୁଡିକ ଏବେ ବର୍ଷା ଜଳ ଅମଳ ଉପରେ ଗୁରୁତ୍ୱ ଦେବାକୁ ଚେଷ୍ଟିତ ଅଛନ୍ତି । ଜଳ ସଂରକ୍ଷଣ ନ' କଲେ ଆଗାମୀ ପିଢୀ ଆମକୁ ଆମର ଦାୟିତ୍ୱ ହୀନତା ପାଇଁ ଦାୟୀ କରିବେ । ସ୍ୱଚ୍ଛ ପାନୀୟ ଜଳକୁ ସଞ୍ଚିତ କରି ରଖିବା ତଥା ନିତ୍ୟ ବ୍ୟବହୃତ ଜଳକୁ ବିଶୋଧିତ କରି ପୁନଃ କାର୍ଯ୍ୟରେ ଲଗା ଯାଇ ପାରେ । ଆଦିମ ଯୁଗରୁ ମନୁଷ୍ୟ ତଥା ଗୃହପାଳିତ ଜୀବଜନ୍ତୁ ନଦୀ କୂଳରେ ବସ ବାସ କରୁଥିଲେ ଏବଂ ଆଜି ମଧ୍ୟ ପୃଥିବୀର ଅଧିକାଂଶ ବଡ଼ ବଡ଼ ସମୃଦ୍ଧଶାଳୀ ନଗରୀ ପୃଥିବୀର ଅନେକ ନଦୀ କୂଳରେ ଅବସ୍ଥିତ। ଏହି ନଗରୀ ଗୁଡିକ ଶିକ୍ଷା ସଂସ୍କୃତି, କଳା ଭାସ୍କର୍ଯ୍ୟ, ବିଜ୍ଞାନ, ବାଣିଜ୍ୟ ତଥା ଆଧୁନିକ ଜୀବନ ଶୈଳୀକୁ ବହନ କରି ଶତାବ୍ଦୀ ଶତାବ୍ଦୀ ଧରି ରହି ଆସିଛି, ଏଥିରୁ ଅନୁମେୟ ଆମ ପାଇଁ ନଦୀର ଭୂମିକା ଏବଂ ଜଳ କେତେ ଗୁରୁତ୍ୱପୂର୍ଣ୍ଣ । ନଦୀ ଗୁଡିକ ଦେଶର ଜୀବନ ରେଖା କହିଲେ ଅତ୍ୟୁକ୍ତି ହେବନାହିଁ, ଦେଶର କୃଷି, ବାଣିଜ୍ୟ, ଯୋଗାଯୋଗ, ଜଳ ବିଦ୍ୟୁତ ଉତ୍ପାଦନ ଅର୍ଥନୀତିକୁ ସବଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଜଳସେଚନ ଦ୍ୱାରା କୃଷି ଏବଂ ଶିଳ୍ପର ଉନ୍ନତି ସହିତ ଦେଶ ଆତ୍ମନିର୍ଭରଶୀଳ ହୋଇଥାଏ, ଏହି ଦୃଷ୍ଟିରୁ ଓଡିଶା ରାଜ୍ୟ ପାଇଁ ମହାନଦୀର ଜଳ ସୁପରିଚାଳନା ନିତ୍ୟାନ୍ତ ଜରୁରୀ ହୋଇ ପଡିଛି । ଘୃଣିତ ରାଜନୀତିର କୁଫଳ ରାଜ୍ୟବାସୀ ଅଙ୍ଗେ ଅଙ୍ଗେ ଅନୁଭବ କରି ଛନ୍ତି, ଏହି ପରିସ୍ଥିତି ଲାଗି ରହିଲେ ମହାନଦୀର ଉଭୟ ପାର୍ଶ୍ୱରେ ଗଢି ଉଠିଥିବା ଜନବସତି ଶିଳ୍ପ କୃଷିକ୍ଷେତ୍ର କାର୍ଯ୍ୟ ପାଇଁ ଜଳ ପାଇବେ ନାହିଁ ଏପରିକି ପାନୀୟ ଜଳ ସଙ୍କଟର ସମୁଖୀନ ହେବା ଅବସ୍ଥା ଉପନୀତ ହୋଇଛି । ଦଳ ବଳ, ରାଜନୀତି ଠାରୁ ଉର୍ଦ୍ଧରେ ରହି ରାଜ୍ୟ ବାସିଙ୍କ ସ୍ୱାର୍ଥ, ଜୀବନ, ଜୀବିକାକୁ ନଜରରେ ରଖି ସମୟୋପଯୋଗୀ ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟବାସୀଙ୍କ ତରଫରୁ ନିବେଦନ ।

ବର୍ତ୍ତମାନ ବହୁଚର୍ଚ୍ଚିତ ଡବଲ ଇଂଜିନର ସରକାର, କେନ୍ଦ୍ର, ରାଜ୍ୟ, ପଡୋଶୀ ଛତିଶଗଡ଼ ସରକାର ଚାହିଁଲେ ଏହି ସମସ୍ୟା ଦୂର ହୋଇ ପାରିବ ତାହା ଛଡା ଓଡିଶା ସରକାର ହୀରାକୁଦ ଡ୍ୟାମ୍‌ର ତଳ ମୁଣ୍ଡରେ ଅନେକ ଗୁଡିଏ ଚେକ ଡ୍ୟାମ୍, ବ୍ୟାରେଜ୍ କରି ବର୍ଷାଦିନେ ସମୁଦ୍ରକୁ ବୋହି ଯାଉଥିବା ଜଳକୁ ସଂରକ୍ଷଣ କରି ରଖି ପାରିବେ, ସେଥି ମଧ୍ୟରୁ ଟିକରପଡା ଏବଂ ନାରାଜ( ବର୍ତ୍ତମାନ୍ ନରାଜ ଠାରେ ଗୋଟାଏ ବ୍ୟରେଜ୍ ରହିଛି) ଠାରେ ଯଦି ଦୁଇଟି ମଧ୍ୟମ ଧରଣର ଡ୍ୟାମ୍ ହୋଇ ପାରନ୍ତା ତେବେ କୃଷି କାର୍ଯ୍ୟ ପାଇଁ ଜଳ ସଂରକ୍ଷଣ କରାଯାଇ ପାରନ୍ତା ବୋଲି ମୋର ବିଶ୍ୱାସ ତେବେ ବୈଷୟିକ ଟିମ୍ ତଥା ଯନ୍ତ୍ରୀ ମାନେ କ'ଣ ନିର୍ଣ୍ଣୟ ନେବେ ତାହା ଭବିଷ୍ୟତ କହିବ । ଭୂତଳ ଜଳ ସ୍ତର ହ୍ରାସ ଏବେ ପୃଥିବୀର ଅନେକ ଦେଶର ବଡ଼ ବଡ଼ ସହରରେ ଦେଖା ଦେଲାଣି, ଭାରତର ଦିଲ୍ଲୀ, ବେଙ୍ଗାଲୁରୁ ତଥା ଗଙ୍ଗା ନଦୀର ଅବବାହିକାରେ ଭୂତଳ ଜଳ ସ୍ତର କମି କମି ଯାଉଛି। ଦିଲ୍ଲୀ ଏବଂ ବେଙ୍ଗାଲୁରୁ ସହର ବାସୀ ପାନୀୟ ଜଳ ପାଇଁ ହା ହା କାର ଡାକ ଦେଲେଣି, ସେହିପରି ଓଡ଼ିଶାର ମହାନଦୀର ଅବବାହିକା ର ପାର୍ଶ୍ୱବର୍ତ୍ତି ସହର, ଗ୍ରାମ ଗୁଡିକ ଗ୍ରୀଷ୍ମ ଦିନେ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି। ମହାନଦୀ ଆଜି କାନ୍ଦୁଛି ତାହାର କୋଳରେ ପ୍ରବାହିତ ହେଉଥିବା ଜଳ ଆଜି ନାହିଁ କେବଳ ଉତ୍ତପ୍ତ ବାଲୁକା ରାଶି ଦେଖିବାକୁ ମିଳୁଛି କିନ୍ତୁ ଏଥିପ୍ରତି ସରକାରଙ୍କର କୌଣସି ନିଘା ନାହିଁ ବା ଅନ୍ତରରୁ ଆଗ୍ରହ ମଧ ନାହିଁ, ନେତୃତ୍ୱ ନେଉଥିବା ବ୍ୟକ୍ତି ମାନେ ଆଜିକାଲି ଗାନ୍ଧୀ, ଗୋପବନ୍ଧୁ, ମଧୁବାବୁଙ୍କ ପରି ହେବାକୁ ଚାହୁଁ ନାହାନ୍ତି । କଥାରେ ଅଛି ନିଜେ ବଞ୍ଚିଲେ ବାପର ନାଁ ତେଣୁ କାହାରି ଆଗ୍ରହ ନାହିଁ । ମିଳିତ ଜାତିସଙ୍ଘ ଏବଂ ବୈଜ୍ଞାନିକ ମାନେ ଚେତାବନୀ ଦେଇ ସାରିଲେଣି ଦେଶରେ ପ୍ରାୟ ୧.୫ ଡିଗ୍ରୀ ସେଲସିଅସ ତାପ ମାତ୍ରା ବଢିବ ଏଥିରେ ସନ୍ଦେହ ନାହିଁ ।

ଏଠାରେ ଚୀନ ଦେଶର ଗୋଟିଏ ନଦୀର ଉଦାହରଣ ଦେଉଛି, ସେଠାରେ ସରକାର କିପରି ଭାବରେ ନଦୀ ଜଳ ସୁପରିଚାଳନା କରିଛନ୍ତି, ତାହାର ୧୦ ଭାଗରୁ ୧ ଭାଗ ଯଦି ହୋଇ ପାରନ୍ତା ତେବେ ଓଡ଼ିଶାର ଅନେକ ଉନ୍ନତି ହୋଇ ପାରନ୍ତା ବୋଲି ଆଶା କରାଯାଏ। ୟଙ୍ଗତେଜ ନଦୀ ଚୀନ୍ ଦେଶର ସବୁଠାରୁ ଦୀର୍ଘତମ ନଦୀ ଏହାର ଦୈର୍ଘ୍ୟ ୬୩୦୦ କିଲୋମିଟର, ଏହାର ଉତ୍ପତ୍ତି ସ୍ଥଳ କୁଇନ୍ ଘାଇରୁ ବାହାରି ଚୀନ୍ ଦେଶର ମୁଖ୍ୟ ସହର ଚଙ୍ଗକୁଇଂ, ଜିଙ୍ଗଝୋଉ, ଇଚିନ୍, ଲୁଜହୋଉ, ପାଞ୍ଜିହଉ ଇତ୍ୟାଦି ସହର ଦେଇ ଦକ୍ଷିଣ ଚୀନ୍ ସାଗରରେ ମିଶିଛି । ଏହି ନଦୀ ଚୀନ୍ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ଏହାର ପାର୍ଶ୍ୱରେ କୃଷି, ବିରାଟ ଶିଳ୍ପ, ବିରାଟ ମାଛ ଚାଷ , ଘୁଷୁରୀ ଚାଷ ପରି ଲାଭଜନକ ବ୍ୟବସାୟ ଗଢିଉଠିଛି। ୧୯୫୦ ମସିହା ଠାରୁ ଏହି ନଦୀରେ ପ୍ରାୟ ୫୦ ହଜାର ଛୋଟ ବଡ଼ ଡ୍ୟାମ୍ ନିର୍ମିତ ହୋଇ ଜଳ ସଂରକ୍ଷଣ ସହିତ ଉଚିତ୍ ମାର୍ଗରେ ଜଳ ସମ୍ପଦର ପରିଚାଳନା କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇ ପାରିଛି। ଚୀନ୍ ଠାରୁ ଆମକୁ ଅନେକ ସକାରାତ୍ମକ ବିଷୟ ଶିଖିବାର ଅଛି । ନଦୀ ଜଳର ସୁ ପରିଚାଳନା ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ । ନଦୀ ସଂଯୋଗୀ କରଣ ଦ୍ୱାରା ଜଳ ସମ୍ପଦର ଉତ୍ତମ ବିନିଯୋଗ ହୋଇ ପାରିବ ବୋଲି ବିଶ୍ୱାସ ତେବେ ଏହି ସ୍ୱପ୍ନର ପ୍ରକଳ୍ପ କେବେ ସତ୍ୟ ହୋଇ ସମ୍ପୂର୍ଣ୍ଣ ହେବ ? ଅସମ୍ଭବ ବୋଲି କିଛି ଜିନିଷ ନାହିଁ, ସରକାର ଚାହିଁଲେ ଗଙ୍ଗା - ମହାନଦୀ - ଗୋଦାବରୀ ନଦୀକୁ କେନାଲ ଦ୍ୱାରା ସଂଯୋଗୀ କରଣ କରାଯାଇ ପାରିବ ଏବଂ ମହାନଦୀକୁ ବଞ୍ଚାଇ ହେବ , ଚାଷୀ କୂଳ କୁ ଜଳ, ପାନୀୟ ଜଳ ର ସମସ୍ୟା ରହିବ ନାହିଁ, ନୌ ବାଣିଜ୍ୟ, ଜଳ ପଥରେ ଯାତ୍ରୀ ପରିବହନ ମଧ ସମ୍ଭବ ହୋଇ ପାରିବ। ଏହା ସରକାରଙ୍କ ପାଇଁ ଏକ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ସରକାରଙ୍କ ନିଦ କେବେ ଭାଙ୍ଗୁଛି ଦେଖିବା କଥା । ବାଦ ବିବାଦ ଛାଡି ଜନତାଙ୍କ ହିତ ଦୃଷ୍ଟିରୁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ଦରକାର, ଶାସନ ଗାଦିର ଲୋଭ ନ'ରଖି ଜନହିତକର କାର୍ଯ୍ୟ କରିଲେ ଯୁଗ ଯୁଗକୁ ଜନତା ମନେ ରଖିବେ। ଦଳୀୟ ସ୍ୱାର୍ଥକୁ ବାଦ ଦେଇ ସମୂହ ସ୍ୱାର୍ଥ ଉପରେ ଗୁରୁତ୍ୱ ଦେବା ଶ୍ରେୟସ୍କର । କେନ୍ଦ୍ର, ରାଜ୍ୟ ପରସ୍ପର ସହିତ ହାତ ମିଳାଇ ସମସ୍ୟାର ସମାଧାନ କରି ପାରିଲେ ମହାନଦୀ ଛତିଶଗଡ଼ ଏବଂ ଓଡିଶା ଦୁଇଟି ପ୍ରଦେଶର ଜଳସଂକଟ ଦୂର କରିବା ସହିତ ଦୁଇଟି ରାଜ୍ୟକୁ ଭାରତର ଅଗ୍ରଣୀ ରାଜ୍ୟ ରୂପେ ପରିଗଣିତ କରିବ । ଅହଂ ଭାବ, ଇଚ୍ଛା ଶକ୍ତିର ଅଭାବ, ଅସୂୟା ମନୋଭାବ ତଥା ହିଂସା ଏହିସବୁ ଉନ୍ନତିର ପରିପନ୍ଥୀ ଅଟେ । ରାଜ୍ୟର ନେତା, ମନ୍ତ୍ରୀ, ଯନ୍ତ୍ରୀ, କୃଷକ, ଶିଳ୍ପପତି, ବ୍ୟବସାୟୀ, ବୁଦ୍ଧିଜୀବୀ, ଜନସାଧାରଣ ସବୁ ଏକ ହୋଇ ସବୁ ଭେଦ ଭାବ ଭୁଲି ଆସନ୍ତୁ ଆମେ ଆମ ଓଡ଼ିଶାର ଜୀବନରେଖା ମହାନଦୀକୁ ବଞ୍ଚାଇବା, ଯେଉଁ ଗୋଡ଼ ଟଣା ମାନେ ବିରୋଧ କରୁଛନ୍ତି ସେମାନଙ୍କୁ ମଧ୍ୟ ମାନବିକତାର ଦୁହାଇ ଦେଇ ମହାନଦୀ ବଞ୍ଚାଇବା କାର୍ଯ୍ୟରେ ସାମିଲ କରିବା ଏହି ଲେଖାର ଉଦ୍ଦେଶ୍ୟ । ମହାନଦୀ ବଞ୍ଚିଲେ ଓଡିଶା ବଞ୍ଚିବ, ଓଡିଶା ବଞ୍ଚିଲେ ଓଡିଶା ବାସୀଙ୍କର ଅସ୍ମିତା ବଞ୍ଚିବ । ବନ୍ଦେ ଉତ୍କଳ ଜନନୀ, ଜୟ ହିନ୍ଦ ।

# ହିଂସା କେବେ ସକାରାତ୍ମକ ଫଳ ଦିଏନି



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୪୩୮୦୩୪୧୬୩
E-mail : mayadharnayak2014@gmail.com

ରୁଷ-ୟୁକ୍ରେନ୍ ଯୁଦ୍ଧ ୟୁରୋପର ମାତ୍ରା ଟପିଚାଲୁଥିବା ଯୁଦ୍ଧ । ୨୦୨୨ ଫେବୃୟାରୀ ୨୪ରୁ ଯୁଦ୍ଧ ଚାଲିଛି । ୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧର ପ୍ରଚାର ରୁଷ-ୟୁକ୍ରେନ୍ ଯୁଦ୍ଧକୁ ପଛରେ ପକେଇଦେଇଛି । ସଂପ୍ରତି ଗାଜା ଯୁଦ୍ଧରେ ଇସ୍ରାଏଲ ସୈନ୍ୟଙ୍କ ଅକଥନୀୟ ହିଂସ୍ରତା ସମସ୍ତ ସୀମା ଟପିଗଲାଣି । ଇସ୍ରାଏଲ ଯୁଦ୍ଧକୁ ଊର୍ଦ୍ଧ୍ୱମୁଖୀ କରିଚାଲିଛି । ଆଜି ନହେଲେ ଆଗକୁ ନିମ୍ନମୁଖୀ ହେବାକୁ ବାଧ । ଇସ୍ରାଏଲକୁ ଆମେରିକା, ନାଟୋଦେଶ ଯେତେ ଯୁଦ୍ଧାସ୍ତ୍ର ଯୋଗାଇଲେ ବି ତା'ର ମଧ୍ୟ ସୀମା ଅଛି । ଇସ୍ରାଏଲ ପାଖରୁ ଧୀରେଧୀରେ ଯୁଦ୍ଧାସ୍ତ୍ର ସରିଆସୁଛି । ଏ ଯୁଦ୍ଧରେ ପ୍ରଚୁର ଅର୍ଥ ଖର୍ଚ୍ଚହେଉଛି । ଦିନକୁଦିନ ଇସ୍ରାଏଲର ଅର୍ଥନୀତିର ଅବନତି ଘଟୁଛି । ବିରୋଧୀଦଳ ପ୍ରବଳ ପ୍ରତିବାଦ କରି ଇସ୍ରାଏଲ ରାଷ୍ଟ୍ରପତି ନେତାନ୍ୟାହୁଙ୍କ ଇସ୍ତଫା ଦାବି କରୁଛନ୍ତି ।

ମାସାମାସଧରି ଏ ଜଘନ୍ୟ ଯୁଦ୍ଧ ଚାଲିଥିଲେ ବି ଇସ୍ରାଏଲସୈନ୍ୟ ଏ ପର୍ଯ୍ୟନ୍ତ ପଣବନ୍ଦୀମାନେ କେଉଁଠି ଅଛନ୍ତି - ଠାବ କରିପାରିନାହାଁନ୍ତି । ହମାସ୍‌ମାନେ ସର୍ତ୍ତ ରଖିଛନ୍ତି - ଯୁଦ୍ଧ ପାଞ୍ଚଦିନ ବିରତ ରଖିଲେ ୧୪୧ ପଣବନ୍ଦୀରୁ ୭୦ଜଣଙ୍କୁ ଛାଡିବୋ ଆମେରିକା ଓ ଅନ୍ତର୍ଜାତୀୟ ସଂସ୍ଥା ଜାତିସଂଘ ଚାପରେ ଇସ୍ରାଏଲ ଚାରିଘଣ୍ଟା ଯୁଦ୍ଧବିରତିରେ ରାଜିହୋଇ ପୁଣି ପଛଘୁଞ୍ଚା ଦେଇଛି । ସଂପ୍ରତି ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ମଧ୍ୟସ୍ଥତା ପାଇଁ କୌଣସି ଦେଶ ନାହିଁ । ପ୍ରାୟ ସବୁଦେଶ ପକ୍ଷଭୁକ୍ତ ହୋଇସାରିଲେଣି । କେବଳ ଇଜିପ୍ଟ, କାତାର, ତୁର୍କି ମିଳିତଭାବେ ଚାହିଁଲେ ମଧ୍ୟସ୍ଥତା କରିପାରନ୍ତି । ଏମାନଙ୍କ ମଧ୍ୟସ୍ଥତା ଇସ୍ରାଏଲ-ପାଲେଷ୍ଟାଇନ୍ ମାନିବେ ତ ? ଗାଜା ସଂପ୍ରତି ବହୁଦେଶ ପାଇଁ ଅଭିଶାପ ପାଲଟିଯାଇଛି । ବାଇବେଲ୍‌ରେ ଲେଖାଅଛି - ପାଲେଷ୍ଟାଇନ୍ ଏକ ଧର୍ମପୀଠ । ଯିଶୁ ଖ୍ରୀଷ୍ଟଙ୍କ ଜନ୍ମସ୍ଥାନ ଜେରୁଜ଼ଲମ୍‌କୁ ଖ୍ରୀଷ୍ଟିୟାନ୍‌ମାନେ ଶ୍ରେଷ୍ଠ ଧର୍ମସ୍ଥାନ ବୋଲି ବିବେଚିତ କରନ୍ତି । ମକ୍କା, ମଦିନାକୁ ମୁସ୍‌ଲିମ୍‌ମାନେ ଶ୍ରେଷ୍ଠ ଧର୍ମପୀଠ ମାନନ୍ତି । 'ଜିଉଜ୍'ମାନେ ପାଲେଷ୍ଟାଇନ୍‌ରେ ରହିଆସୁଛନ୍ତି । 'ଜିଉଜ୍'ମାନେ ଶିକ୍ଷିତ ଓ ବୁଦ୍ଧିମାନ୍ । ଆରବ ଓ 'ଜିଉଜ୍'ମାନଙ୍କ ମଧ୍ୟରେ ସବୁବେଳେ ଦ୍ୱନ୍ଦ୍ୱ ଲାଗିରହିଲା । ଭଗବାନ ଅହିଂସା ପାଇଁ ସୁପାରିଶ୍ କରିଛନ୍ତି । ହିଂସା କେବେ ସକାରାତ୍ମକ ଫଳ ଦିଏନି ।

ଏବେ ଇସ୍ରାଏଲ ସୀମାରେ ଟେନ୍‌ସନ୍ । ଇସ୍ରାଏଲ ସୈନ୍ୟମାନେ ଗାଜାରେ ପଶି ହମାସ୍‌ମାନଙ୍କୁ ଠାବକରିବାକୁ ଯାଇ ସାଧାରଣ ନାଗରିକ, ମହିଳା, ଶିଶୁମାନଙ୍କୁ ବୋମା ପକାଇ ହତ୍ୟା କରୁଛନ୍ତି । ଗାଜାବାସୀଙ୍କ ଘରଦ୍ୱାର ମାଟିରେ ମିଶାଇଦେଲେଣି । ହସ୍‌ପିଟାଲରେ ହମାସ୍ ଯୋଦ୍ଧାମାନେ ଲୁଚିରହିଛନ୍ତି ବୋଲି ସନ୍ଦେହକରି ବଡବଡ ହସ୍‌ପିଟାଲକୁ ଧ୍ୱଂସ କରିବାରେ ଲାଗିଛି । ଯଦିଓ ଜେନେଭା ସମ୍ମିଳନୀରେ ଯୁଦ୍ଧସମୟରେ ମେଡିକାଲ ଫାସିଲିଟି ଉପରେ ଆକ୍ରମଣ ଆନ୍ତର୍ଜାତିକ ଆଇନ୍ ବିରୋଧୀ, ଇସ୍ରାଏଲ କୌଣସି ଆଇନ୍ ମାନୁନି । ଗାଜାରେ ମାନବୀୟ ସଂକଟ ସୃଷ୍ଟି ହୋଇଛି । ଇସ୍ରାଏଲ ସୈନ୍ୟଙ୍କ ବର୍ବର ଆକ୍ରମଣ ବଢୁଥିବାରୁ ସମଗ୍ର ବିଶ୍ୱର ବହୁଳାଂଶ ଦେଶ ପ୍ରବଳ ବିରୋଧ କରୁଛନ୍ତି । ଇସ୍ରାଏଲ ସୀମାରେ ଲେବାନନ୍‌ର ହିଜ୍‌ବୁଲ୍ଲା ୧୯୮୨ରୁ ମଧ୍ୟପ୍ରାଚ୍ୟରେ ସବୁଠୁ ବଡ ବିଦ୍ରୋହୀସେନା । ଏହି ଚରମପନ୍ଥୀ ସଂଗଠନର ୫୦ହଜାର ଲଢୁଆସୈନ୍ୟ ଅଛନ୍ତି। ୧୩୦ ହଜାର ମିଜାଇଲ୍ ଅଛି । ଇସ୍‌ଲାମିକ୍ ଜିହାଦ୍ ସଂଗଠନ, ଆଦିବାସୀ ଦୁର୍ଦ୍ଧର୍ଷଲଢୁଆ 'ହାଇଥି' ମହାଶକ୍ତିଶାଳୀ । ଏ ସଂଗଠନ କୁଇରାନ୍, ଲେବାନନ୍, ସିରିଆ ସବୁପ୍ରକାର ସାହାଯ୍ୟ ସହଯୋଗ କରୁଛନ୍ତି । ଏ ତିନି ସଂଗଠନ, ହମାସ୍ ଯୋଦ୍ଧାମାନେ ଇସ୍ରାଏଲ ବିରୋଧରେ ଲଢୁଛନ୍ତି - ଲଢିବେ । ଫଳରେ ଯୁଦ୍ଧରେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି । ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧର ଶେଷ ପରିଣିତି କ'ଣ ହେବ ଏବଠୁ କହିହେବନି । ଏହା 'ଗ୍ରୀକ୍ ଟ୍ରାଜେଡି'ର ରୂପ ନେଇପାରେ । ସମସ୍ୟା ସମାଧାନ ନହେଲେ ତାହା ସବୁଠୁ ଦୁଃଖଦାୟକ - ଯାହା ଖ୍ରୀଷ୍ଟପୂର୍ବ ପଂଚମ ଶତାବ୍ଦୀରେ ଗ୍ରୀସ୍‌ର ଏଥେନସ୍‌ରେ ଘଟିଥିଲା । ଗ୍ରୀକ୍ ଟ୍ରାଜେଡିରେ ଦ୍ୱନ୍ଦ୍ୱ ଆରମ୍ଭ ହୋଇଥିଲା - ପ୍ଲାଷ୍ଟିକ୍ କାମ ଓ ଅଣପ୍ଲାଷ୍ଟିକ୍ (ସଂଗୀତ) ମଧ୍ୟରେ ଶେଷପର୍ଯ୍ୟନ୍ତ ତାହା ସମାଧାନ ନହୋଇ ଏକ ମର୍ମନ୍ତୁଦ ବେଦନାଦାୟକ ଘଟଣାରେ ପରିଣତ ହୋଇଥିଲା । ଟ୍ରୟସାମ୍ରାଜ୍ୟର ପତନ ପରେ ଗ୍ରୀକ୍ ସୈନ୍ୟ ପ୍ରତିଶୋଧ-ପରାୟଣ ହୋଇ ନାନା ଅଘଟଣ ଘଟାଇଥିଲେ । ପଚିଶଶହ ବର୍ଷ ପୂର୍ବର ଗ୍ରୀକ୍ ଟ୍ରାଜେଡି ଆଜି ଏକବିଂଶ ଶତାବ୍ଦୀରେ ଇସ୍ରାଏଲ-ପାଲେଷ୍ଟାଇନ୍-ଗାଜା ଯୁଦ୍ଧରେ ଶୁଭୁଥିବା ସେଇ ହିଂସ୍ର ହୁଂକାର ।

ଇସ୍ରାଏଲ ସୈନ୍ୟମାନେ ଧରି ନେଇଥିଲେ ହସ୍‌ପିଟାଲ ତଳେ ସୁଡଙ୍ଗରେ ହମାସ୍ ଯୋଦ୍ଧାମାନେ ଅସ୍ତ୍ରଶସ୍ତ୍ର ରଖିଛନ୍ତି - ସେଠାରେ ପଣବନ୍ଦୀମାନଙ୍କୁ ମଧ୍ୟ ରଖିଛନ୍ତି । ତେଣୁ ସେମାନେ ହସ୍‌ପିଟାଲକୁ ଧ୍ୱଂସକରି ରୋଗୀ, ଆହତମାନଙ୍କୁ ହତ୍ୟା କରିଚାଲିଲେ, କିନ୍ତୁ ହମାସ୍ କିମ୍ବା ପଣବନ୍ଦୀ କାହାକୁ ପାଇଲେ ନାହିଁ । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅଭିଯୋଗ ଆସିଲା - ହସ୍‌ପିଟାଲକୁ ଯୁଦ୍ଧକ୍ଷେତ୍ର ଭାବେ ବ୍ୟବହାର କରିବା ଘୋର ଅନ୍ୟାୟ। ମାନବିକ ଯୁଦ୍ଧବିରତି ପାଇଁ ରାଷ୍ଟ୍ରପୁଂଜର ନିରାପଦ ପରିଷଦରେ ଗାଜାରେ ମୃତ୍ୟୁ ଶୋଭାଯାତ୍ରାକୁ ରୋକିବା ନିମିତ ପ୍ରସ୍ତାବ ଗୃହୀତ ହୋଇଛି । ଏ ପ୍ରସ୍ତାବକୁ ଯୁଦ୍ଧଖୋର ଇସ୍ରାଏଲ ମାନିବାକୁ ପ୍ରସ୍ତୁତ ନୁହେଁ । ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧର ଦୁଃଖଦ ପରିଣାମ ଆଗକୁ ଉଭୟଙ୍କୁ ଭୋଗିବାକୁ ପଡିବ । ଏ ଯୁଦ୍ଧ ହଜାର ହଜାରବର୍ଷ ଧରି ଚାଲିନପାରେ । ଉଭୟପକ୍ଷ ଯେତେ ଧରାଶାୟୀ ହେବେ - ସମାଧାନ ପାଇଁ ପାଗଳ ହୋଇଯିବେ । ଏବେ କାହାକଥା ମାନୁନାହାଁନ୍ତି । ପରେ ଗୋଟିଏ ଛୋଟିଆ ଦେଶ ବି ମଧ୍ୟସ୍ଥତା କରି ଯୁଦ୍ଧ ବନ୍ଦ କରିଦେଇପାରେ । ହତ୍ୟା, ଗଣହତ୍ୟା ସମସ୍ୟାର ସମାଧାନ ନୁହେଁ । ଆରବଦେଶମାନଙ୍କ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ହେଲେ ପାଲେଷ୍ଟାଇନ୍ ଜୀବନ ପାଇବ, ସମ୍ମାନ ସହ ବଂଚିପାରିବ । କୋଭିଡ୍-୧୯ ବିପର୍ଯ୍ୟୟରୁ ବିଶ୍ୱ ମୁଣ୍ଡ ଟେକିବାକୁ ଚେଷ୍ଟା କରୁଥିଲାବେଳେ ପୁଣି ବିଶ୍ୱରେ ମାନ୍ଦାବସ୍ଥା ମାଡିଆସିଲାଣି । ବିଶ୍ୱରେ ତୈଳଦର ବଢିଗଲେ ଏହା ଭାରତକୁ ପ୍ରଭାବିତ କରିବ । ଦରଦାମ୍ ଆକାଶଛୁଆଁ ହେବ । ଫଳରେ ସାଧାରଣ ମଣିଷ ଭୀଷଣ କ୍ଷତିଗ୍ରସ୍ତ ହେବେ । ଆମ ଦେଶରୁ ପଶ୍ଚିମ ଏସିଆରେ ୯୦ଲକ୍ଷ ଲୋକ କାମ କରୁଛନ୍ତି । ଏମାନେ ଯୁଦ୍ଧ ସମୟରେ ଭୟଭୀତ ଅବସ୍ଥାରେ ଅଛନ୍ତି । ଆମ ଭାରତକୁ ଯେଉଁମାନେ ଯୁଦ୍ଧାସ୍ତ୍ର ବିକ୍ରି କରୁଥିଲେ - ବର୍ତମାନ ସେଥିରେ ଅନିଶ୍ଚୟତା ଦେଖାଦେଇଛି । ସମଗ୍ର ବିଶ୍ୱରେ ଚୀନ୍-ଜାପାନ୍-ଆମେରିକା-ଇଂଲଣ୍ଡ-ଫ୍ରାନ୍‌ସ୍ ନିଜ ନିଜ ବୁଦ୍ଧିରେ ବଳୀଆନ୍ । ଆମେରିକା ଅତିସିଆଣିଆ ହୋଇ କାକପକ୍ଷୀର ମଳଭକ୍ଷଣ ଭଳି ଅବସ୍ଥାରେ ପହଂଚିବାକୁ ଯାଉଛି । ଜଗତୀକରଣ, ଉଦାରୀକରଣ, ଘରୋଇକରଣ, ବିଶ୍ୱବଜାର ଦ୍ୱାରା ଆମେରିକା ସମଗ୍ର ବିଶ୍ୱକୁ ପଦାନତ କରିବାକୁ ଯାଇ ନିଜେ ଆଣ୍ଟେଇପଡିଛି ନିଜଦ୍ୱାରା ବିଛାଇଥିବା ବାରୁଦଗଦା ସାମ୍ନାରେ।

ସଂପ୍ରତି ଇସ୍ରାଏଲ ବିରୋଧରେ ଯିଏ କହିଲା – ସେ ପାଗଳ । ପୂର୍ବରୁ ହିଟଲର୍ ମଧ ବିରୋଧୀଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲା। ଏବେ ଚୀନ୍, ରୁଷ, ଉତ୍ତରକୋରିଆ ପ୍ରମୁଖ ଦେଶରେ ମୁଖିଆଙ୍କୁ ବିରୋଧ ଷଡଯନ୍ତ୍ରକରି ମୃତ୍ୟୁଦଣ୍ଡ ଦିଆଯାଉଛି । ସବୁ ଜାଣିଥିଲେ ବି ମିଡିଆରେ କେହି କହିବାକୁ ସାହସ କରୁନାହାଁନ୍ତି । ଏ ରୋଗ ମଧ ଭାରତକୁ ଆକ୍ରମଣ କଲାଣି । ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ଶହେରୁ ଉର୍ଦ୍ଧ ସାମ୍ବାଦିକ ମୃତ୍ୟୁବରଣ କଲେଣି । ଯେଉଁ ସାମ୍ବାଦିକ/ ସାମ୍ବାଦିକା ସଠିକ୍ ଖବର ପରିବେଷଣ କଲେ – ତାହା ଯଦି ଇସ୍ରାଏଲ ବିପକ୍ଷରେ ଗଲା- ତାଙ୍କୁ କଳେବଳେକୌଶଳେ ହତ୍ୟା କରାଯାଉଛି ।

ଅଜବ ଏ ଦୁନିଆ । ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରେ ଯେଉଁମାନେ ଛଇ ଦେଖାଇ ଥରହର କରୁଥିଲେ – ସେମାନଙ୍କ ଛଇ ଛାଡିଗଲା – ପୁରାଣରୁ ଏସବୁ କଥା ଶୁଣୁଛେ । ଏ ଘୋର କଳିକାଳଯୁଗରେ ଗଲା ତିନିଯୁଗର ଛଇଛଟକବାଲାଙ୍କ ସବୁ ଗୁଣରୁ ହଜାରଗୁଣ ଅଧିକ ଛଟକିଆ ଅଛନ୍ତି । ସେମାନଙ୍କ ଛଟକ ଦେଖିଆସୁଛେ । କିଏ କେତେ କଳଙ୍କିତ କୁଳାଙ୍ଗାରମାନେ ଇତିହାସର ଅଳିଆଗଦାରେ ପଡିଛନ୍ତି – ତା'ର ହିସାବ କେବଳ ଇତିହାସ ରଖିଛି। ଯେଉଁମାନେ ଗର୍ବ ଅହଂକାରରେ ଫାଟିପଡି ଛକେଛକେ ଛଟକ ଦେଖାଇ ଜନସମ୍ମୁଖରେ ଘୃଣାର ପାତ୍ରଭାବେ ପରିଚିତ ହୋଇ ପରପାରିକୁ ଚାଲିଗଲେଣି – ସେମାନଙ୍କୁ ଇତିହାସ କେବେ କ୍ଷମା ଦେଇନି କି ଦେବନାହିଁ । ଆମର ଏ ବିଶ୍ୱ ଏବେ ଏକ ବିୟୋଗାତ୍ମକ ବିଶ୍ୱ – ଯାହା ଦିନଦିନ, ମାସମାସ, ମସିହାମସିହା ଧରି ଲଗାତାର ଲହୁଲୁହାଣ, ମଣିଷମରା ଯୁଦ୍ଧ-ମହାଯୁଦ୍ଧର ଜଘନ୍ୟତମ ହିଂସ୍ରହୁଂକାରମୟ ଅବଦାନ – ଏ ମୁମୂର୍ଷୁ ମଣିଷଜାତିକୁ । ଯୋଜନାବଦ୍ଧ ଏ ବର୍ବର ଯୁଦ୍ଧପର୍ବର ଧୂସର ଦସ୍ତାବିଜ୍ ତିଆରି କରିଛି ସେହି ଅତନ୍ଦ୍ର ଅମାନୁଷିକ ଦର୍ଶନ – ଯାହାର ପାପପ୍ରେରଣାରେ କରୋନାର କୃତାନ୍ତକାଳ କବଳିତ କଲା ଆମର ଏ ଫୁଲଫସଲର ଦରଫୁଟା ପୃଥିବୀଗ୍ରହକୁ, ଖେଳନା କଲା ବିଜ୍ଞାନକୁ – ପୃଥିବୀକୁ ଖତମ୍ କରିବାକୁ କସମ୍ ଖାଇଥିବା ଗୋଟାଏ ଖଳନାୟକ ସଜାଇ, ବଟକରା କଲା ମଣିଷର ବୁଦ୍ଧିବିଦ୍ୟାବିତକୁ ମୁନାଫାର ମହାମାରୀଚକ୍ରଚାଳନାକାରୀମାନଙ୍କ ପଲାରେ ! ରାଜନୀତି-ଅର୍ଥନୀତି-ସମାଜନୀତିକୁ ପଙ୍ଗୁକରି ବ୍ୟକ୍ତିବାଦର ଏକ ବିଘାତକାରୀ ବ୍ୟଭିଚାରୀ ବିକୃତବିଳାସୀ ବଣିକତନ୍ତ୍ର ନିଜ ମୁଣାଗୁଡାକରେ ମାଣିକ ଭରିବାପାଇଁ ଆମ ସୁନାକୁ ଭେଣ୍ଡି କଲା ଆଉ ତମାମ୍ ମଣିଷର ମଇଦାନରେ ଖେଳାଇ ଦେଲା ଘୃଣା, ସଂଶୟ, ସଂକଟର ବିକଟ ଜୀବାଣୁପଂଜୁ – ପରସ୍ପର ପ୍ରତି ! ଯୋଜନାବଦ୍ଧ ଏପରି ଅଭାବନୀୟ ଅବିଶ୍ୱାସ ଯୁଦ୍ଧମହାଯୁଦ୍ଧର ଭିତିପ୍ରସ୍ତର ସ୍ଥାପକବର୍ଗ ସମ୍ବନ୍ଧରେ ଏହା ଏକ ଚରମ ସତର୍କବାଣୀ !

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଜୁନ୍ ୨୦୨୪ ସୋମବାର





## ଇନ୍ଦୋର ଏୟାରପୋର୍ଟକୁ ବୋମାରେ ଉଡାଇବାକୁ ପୁଣି ଧମକ

**ଇନ୍ଦୋର, ନ୍ୟୁଜ୍ ବ୍ୟୁରୋ**

ଇନ୍ଦୋର ଏୟାରପୋର୍ଟକୁ ପୁଣି ଥରେ ବୋମାରେ ଉଡାଇବାକୁ ଧମକ ମିଳିଛି । ଏୟାରପୋର୍ଟର ଇମେଲ ଆଇଡିକୁ ଏହି ଧମକ ମିଳିଛି । ଏହି ମାମଲାରେ ଏୟାରପୋର୍ଟର ମୁଖ୍ୟ ସୁରକ୍ଷା ଅଧିକାରୀ ଏରୋଡ୍ରମ ଥାନାରେ ଅଭିଯୋଗ କରି କେସ୍ ରୁଜୁ କରିଛନ୍ତି । ଧମକପୂର୍ଣ୍ଣ ଇମେଲ ଆସିବା ପରେ ଇନ୍ଦୋର ଏୟାରପୋର୍ଟ ପ୍ରବନ୍ଧନ ସୁରକ୍ଷା ଏଜେନ୍ସିକୁ ସତର୍କ କରି ସିଆଇଏସଏଫ ଟିମ ଚେକିଂ ଅଭିଯାନ ଚଳାଇଥିଲେ, କିନ୍ତୁ ଏୟାରପୋର୍ଟରୁ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନଥିଲା । ଏୟାରପୋର୍ଟ ପକ୍ଷରୁ ଶୁକ୍ରବାର ଦିଆଯାଇଥିବା ସୂଚନା ମୁତାବକ ଏୟାରପୋର୍ଟ ନିର୍ଦ୍ଦେଶକଙ୍କ ମେଲ ଆଇଡିରେ ଗୁରୁବାର ସକାଳ ୧୦.୨୬ ମିନିଟରେ ଇମେଲ ଆସିଥିଲା । ଇମେଲରେ ପେଟ୍ରିକ ନାମକ ବ୍ୟକ୍ତି ଏୟାରପୋର୍ଟରେ ବୋମା ରଖିବା ନେଇ ଧମକ ଦେଇଥଲା, କିନ୍ତୁ ସେ କୌଣସି ସଙ୍ଗଠନ କଥା ଉଠାଇନଥିଲା । ଏହାପରେ ମୁଖ୍ୟ ସୁରକ୍ଷା ଅଧିକାରୀ କରଣ ତିୱାରୀ ପୋଲିସ ନିକଟରେ ମାମଲା ରୁଜୁ କରାଇଥିଲେ ।

## ଯାଜପୁର ଜିଲ୍ଲାରେ ନକଲି ପାଣି ପାଉଚ୍‌ର ବହୁଳ ବ୍ୟବହାର:ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**



ପ୍ରଶାସନ ପକ୍ଷରୁ ବାରମ୍ବାର ପାଣି ପାଉଚର ବ୍ୟବହାରକୁ ନିଷିଦ୍ଧ କରାଯାଉଥିଲେ ସୁଦ୍ଧା ଯାଜପୁର ଜିଲ୍ଲା ରସୁଲପୁର ବ୍ଲକରେ ଏହାର ବହୁଳ ଭାବେ ବିକ୍ରୀ ଚାଲିଛି । ପ୍ରତିଦିନ ବିଭିନ୍ନ ଭୋଜି, ଛୋଟ ମୋଟ କାର୍ଯ୍ୟକ୍ରମ, ସରକାରୀ କାର୍ଯ୍ୟକ୍ରମ ଏବଂ ଭୋଜିମାନଙ୍କରେ ମଧ୍ୟ ବହୁଳ ବ୍ୟବହାର ଦେଖିବାକୁ ମିଳିଛି । ବହୁଦିନ ପୂର୍ବରୁ କିଛି ଆଖି ଦୃଶିଆ ଭାବେ କାଁ ଭାଁ ସ୍ଥାନରେ ଛୋଟ ଛୋଟ ଦୋକାନ ମାନଙ୍କରେ ଚଢଉ ହୋଇଥିଲା । କିନ୍ତୁ, ପରବର୍ତ୍ତି ପର୍ଯ୍ୟାୟରେ ଏହି ବ୍ୟବସାୟ କ୍ରମଶଃ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଏବେ ଏହାର ବ୍ୟବହାର ଆଶାଠୁ ଅଧିକ ଖୁଲମ୍ ଖୁଲା ବିକ୍ରୀ ବୃଦ୍ଧି ପାଇଛି । ଫଳରେ ଏହି କାର୍ଯ୍ୟାନୁଷ୍ଠାନ ପାଣିରଗାର ସଦୃଶ ହୋଇଛି । ଜିଲ୍ଲା ବାହାରୁ କିଛି ବେଆଇନ୍ ଏବଂ ବିନା ଲାଇସେନ୍ସରେ ପାଣି ପାଉଚ କାରଖାନା ଖୋଲୁଛି । ପାଉଚ ପାଣି ପ୍ୟାକେଟ୍ ଓ ନିମ୍ନମାନର ବୋତଲରେ କୌଣସି ଅବଧି ନଥିବା ବେଳେ ଆଇଏସ୍ଆଇ ମାର୍କ ମଧ୍ୟ ରହୁନାହିଁ । କିନ୍ତୁ ଏହାର ମାନ୍ୟତା ଯାଞ୍ଚ କରାଯାଉନାହିଁ । ଏଣେ ଲୋକମାନଙ୍କୁ ବାରମ୍ବାର ସଚେତନ କରାଗଲେ ମଧ୍ୟ ସଚେତନତା ଅଭାବରୁ ଦିନକୁ ଦିନ ପାଣି କାରଖାନା ବୃଦ୍ଧି ପାଉଛି । କମ୍ପାନୀମାନେ ଏହି ପାଣିକୁ ବ୍ଲକର କୁଆଖିଆ, ହରିପୁର, ବରୁଆଁ, ବ୍ରହ୍ମବରଦା ଆଦି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ବଡବଡ ଦୋକାନୀମାନଙ୍କୁ ବେଧଡକ ଭାବେ ଯୋଗାଇ ଦେଇଥାଆନ୍ତି । କିଛି ମାସ ତଳେ ପାଉଚ ପାଣିରେ ଇବୋଲା ଭାଇରସ୍‌କୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା । କିଛିଦିନ ସଚେତନ ଲୋକେ ଏହାର ବ୍ୟବହାର କରିନଥିଲେ, କିନ୍ତୁ ପରବର୍ତ୍ତି ପର୍ଯ୍ୟାୟରେ ପାଉଚର ବ୍ୟବହାର ଦିନକୁ ଦିନ ବଢୁଛି । ଏହା ଏକ ଲଜ୍ଜାଜନକ ବ୍ୟବସାୟ ହୋଇଥିବାରୁ କିଛି ଅସାଧୁ ଅଧିକାରୀଙ୍କୁ ବ୍ୟବସାୟୀମାନେ ହାତ ବାରିସି କରି ବ୍ୟବସାୟ ବଢାଇବାରେ ଲାଗିଛନ୍ତି । ପ୍ରଶାସନ ତରଫରୁ ବେଆଇନ୍ କାରଖାନା ପ୍ରତି କୌଣସି ପଦକ୍ଷେପ ନେବା ତ ଦୂର କଥା ପାଣିର ମାନ୍ୟତାକୁ ମଧ୍ୟ ଯାଞ୍ଚ କରାଯାଉନାହିଁ । ଏହି ବ୍ୟବସାୟୀମାନେ ଖୋଲା ପାଣିକୁ ପ୍ୟାକେଟ୍ କରି ବିଭିନ୍ନ କମ୍ପାନୀର ନାମ ଦେଇ ବଜାରରେ ଅବାଧରେ ବିକ୍ରୀ ଚାଲାଇଥିବାର ସାଧାରଣରେ ଅଭିଯୋଗ ହୋଇଛି । ବଜାରରେ ଦୋକାନୀମାନଙ୍କୁ କମ୍ ଦରରେ ଏହି ପାଣିକୁ ବିକି ଚାଲିଯାଇଥାଆନ୍ତି । ଲାଭଖୋର ଦୋକାନୀମାନେ ଅଧିକ ଲାଭ ଆଶାରେ ସାଧାରଣ ଜନତାଙ୍କୁ ଠକିବାରେ ଦିନ ରାତି ଲାଗି ପଡିଛନ୍ତି । ପ୍ରଶାସନ ଏଥିପ୍ରତି ସଚେତନ ନଥିବା ବେଳେ ଜନସାଧାରଣ କିଭଳି ସଚେତନ ହେବେ ? ସେହିଭଳି ସ୍ୱଚ୍ଛ ଭାରତ ଅଭିଯାନରେ ଭାରତକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବା ପାଇଁ ପ୍ରୟାସ କରାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ପାଣିପାଉଚ କୁଢକୁଢ ଜମା ହୋଇଥିବା ଦେଖିବାକୁ ମିଳୁଛି । ଏଥିପ୍ରତି ଜିଲ୍ଲାପ୍ରଶାସନ ଏହାକୁ ନରୋକିବାରେ ତତ୍ପରତା ନହୁଅନ୍ତି ତେବେ ଏହି ନିମ୍ନମାନର ପାଣି ପାଉଚ ପିଇ ବିଭିନ୍ନ ରୋଗ ବ୍ୟାପିବାକୁ ଏଡାଇ ଦିଆଯାଇନପାରେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।



## ଫଳକରୁ ସୂଚନା ଗାଏବ:ମୂକସାକ୍ଷୀ ପାଇଁ ରହିଛି ଫ୍ରେମ୍

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କ ଯାତାୟାତ ସମୟରେ ବିଭିନ୍ନ ସ୍ଥାନ ଓ କାର୍ଯ୍ୟାଳୟ ବିଷୟରେ ସୂଚନା ପାଇବା ପାଇଁ ପୂର୍ତ୍ତବିଭାଗ ଦ୍ୱାରା ପରିଚାଳିତ ରାସ୍ତା ପାର୍ଶ୍ୱରେ ଫଳକ ଲଗାଯାଇ ସୂଚିତ କରାଯାଏ । ସେଥିପାଇଁ ମଧ୍ୟ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥାଏ । କେନ୍ଦୁଝର ପୁରୁଣା ସହର ଠାରୁ ଶିରିଷପାଳ ଦେଇ ମଣ୍ଡୁଆ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଅନେକ ସୂଚନା ଫଳକ ଲଗାଯାଇଥିଲା । ଯେଉଁଥିରେ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ଅଫିସ, ରାସ୍ତା ଛକ ଆଦିର ନିର୍ଦ୍ଦିଷ୍ଟ ସୂଚନା ପ୍ରଦାନ କରିବା ପାଇଁ ଲେଖାଯାଇଥିଲା । ମାତ୍ର ବର୍ଷେ ପରେ ରାସ୍ତା ପାର୍ଶ୍ୱରେ ଲାଗିଥିବା ଅନେକ ସୂଚନା ଫଳକରୁ ସୂଚନା ଲେଖା ସବୁ ଗାଏବ ହୋଇଗଲାଣି । ଏବେ କେବଳ ଫ୍ରେମ୍ ଖୁଣ୍ଟି ସବୁ ଠିଆ ହୋଇଛି । ଏହାକୁ ପୁଣି ଥରେ ସୂଚନା ଲଗାଇବା ଦିଗରେ ପୂର୍ତ୍ତ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉନଥିବା କାରଣରୁ ବେଲଦା, ସରାସ, ଶିରିଷପାଳ, ରାଙ୍କି, ଠାକୁରପାଟଣାର ଲୋକେ ଅସନ୍ତୋଷବ୍ୟକ୍ତ କରିଛନ୍ତି । ଏହି ସୂଚନାଫଳକ ସବୁକୁ ଜୀବନ୍ତ କରାଇପାରିଲେ ଅନେକ ଲୋକ ଉପକୃତ ହୁଅନ୍ତେ । ନଚେତ କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତା ପାର୍ଶ୍ୱରେ ଲାଗିଥିବା ଏହି ଫଳକ ସବୁ ଜୀବନ୍ତ ସମାଧି ନେଇ କବାଡ଼ି ଦୋକାନରେ ବିକ୍ରି ହେବା ସାର ହେବ ।

## ଖାଇରେ ବସ୍ ଖସି ୪ ଜଣଙ୍କ ମୃତ୍ୟୁ

**ଶିମଳା, ନ୍ୟୁଜ୍ ବ୍ୟୁରୋ**

ହିମାଚଳ ପ୍ରଦେଶର ଶିମଳା ଜିଲ୍ଲାର ଜୁବ୍ବଲ ଅଞ୍ଚଳରେ ଶୁକ୍ରବାର ସକାଳେ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି । ଜୁବ୍ବଲ ଥାନା ଅନ୍ତର୍ଗତ ଗିଲଟାଡି ଅଞ୍ଚଳରେ ଏଚଆରଟିସି ବସ୍ ଗଭୀର ଖାଇକୁ ଖସିପଡିଛି । ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବସ୍ ଡ୍ରାଇଭର ଓ ସହଡ୍ରାଇଭରଙ୍କୁ ହସ୍ପିଟାଲ ନେଇଯିବା ରାସ୍ତାରେ ମୃତ୍ୟୁ ହୋଇଛି । ବସ୍‌ରେ ପ୍ରାୟ ୭ଜଣ ଲୋକ ଯାଉଥିଲେ । ଦୁର୍ଘଟଣା ପ୍ରାୟ ୭ଟା ବେଳେ ହୋଇଥିଲା, ଯେତେବେଳେ ଏଚଆରଟିସି ବସ୍ କୁଡୁରୁ ଗିଲଟାଡି ଯାଉଥିଲା, ଗିଲଟାଡି ନିକଟ ଚୁଆରି କୈଚିରେ ଡ୍ରାଇଭର ଭାରସାମ୍ୟ ହରାଇଥିଲେ ଏବଂ ରେଲିଂ ଭାଙ୍ଗି ବସ୍ ପ୍ରାୟ ୨ଶହ ମିଟର ତଳେ ଥିବା ଅନ୍ୟ ଏକ ରାସ୍ତା ଉପରେ ଖସିପଡିଥିଲା । ଏଠାରେ ବସ୍ ପାରାଫିଟ ଉପରେ ଅଟକି ରହିଥିଲା ।

## ଶିଶୁ ସୁରକ୍ଷା ଯୋଜନା ସତ୍ତ୍ୱେ ଟ୍ରେନ୍ ଗୁଡ଼ିକରେ ବଢୁଛି ଶିଶୁ ଭିକ୍ଷାବୃତ୍ତି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଶିଶୁ ସୁରକ୍ଷା ଓ ସେମାନଙ୍କ ମୌଳିକ ଅଧିକାର ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଅଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାଳ ମାଳ ଯୋଜନା ପ୍ରଣୟନ କରୁଛନ୍ତି । ଏହା ବାବଦକୁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହେଉଛି । ହେଲେ ତୃଣମୂଳସ୍ତରରେ ଏହି ସବୁ ଯୋଜନା କାର୍ଯ୍ୟକାରୀ ହେଉଛି ନା ନାହିଁ ତାହାର ତଦାରଖ କରାଯାଉନାହିଁ । ଫଳରେ ହଜାର ହଜାର ଶିଶୁ ଏବେବି ସରକାରଙ୍କ ଯୋଜନାରୁ ବଞ୍ଚିତ ରହୁଛନ୍ତି । ଏପରିକି ସେମାନଙ୍କ ମୌଳିକ ଆବଶ୍ୟକତା ମଧ୍ୟ ପୂରଣ ହୋଇପାରୁନି । ଅନେକ ଶିଶୁଙ୍କୁ ଦିନକୁ ୨ ଓଳି ଖାଇବା ପାଇଁ ସଂଘର୍ଷ କରିବାକୁ ପଡୁଛି । ଶିକ୍ଷା ଅନେକଙ୍କ ପାଇଁ ସ୍ୱପ୍ନ ପାଲଟିଛି । ଅନେକ ଶିଶୁ ଟ୍ରେନ୍, ଷ୍ଟେସନ୍, ଦେବାଳୟ ସମେତ ବିଭିନ୍ନ ଭିଡ଼ ସ୍ଥାନ ମାନଙ୍କରେ ଭିକ୍ଷାବୃତ୍ତି କରି ଅସହାୟ ଭାବେ ଜୀବନ ନିର୍ବାହ କରୁଥିବା ଦେଖିବାକୁ ମିଳୁଛି । ବ୍ରହ୍ମପୁର ରେଳ ଷ୍ଟେସନ୍‌ରେ ଏହାର ଅନେକ ଉଦାହରଣ ଦେଖିବାକୁ ମିଳୁଛି । ଷ୍ଟେସନ୍‌ରେ ଅସହାୟ ଭାବେ ଜୀବନ ଯାପନ କରୁଥିବା ଶିଶୁଙ୍କୁ ଆରପିଏଫ୍ ହେପାଜତକୁ ନେବାପାଇଁ ସରକାର ନିୟମ କରିଛନ୍ତି । ହେଲେ ଏହି ସରକାରୀ ନିୟମ ବ୍ରହ୍ମପୁର ରେଳ ଷ୍ଟେସନ୍‌ରେ ପାଳନ ହେଉନଥିବା ଦେଖାଯାଉଛି । ଷ୍ଟେସନ୍ ପରିସର ଓ ବାହାରେ ଏକାଧିକ କୋମଳମତି ଶିଶୁ ଅସହାୟ ଜୀବନଯାପନ କରୁଥିବା ଦେଖିବାକୁ ମିଳିଛି । ଏଭଳିକି ଟ୍ରେନ୍ ଭିତରେ ବି ଶିଶୁଙ୍କ ଭିକ୍ଷାବୃତ୍ତିରେ ରୋକ୍ ଲାଗିପାରିନାହିଁ । ବ୍ରହ୍ମପୁର ରେଳଷ୍ଟେସନ୍ ଦକ୍ଷିଣ ଓଡ଼ିଶାର ପ୍ରମୁଖ ଷ୍ଟେସନ୍ ରୂପେ ପରିଚିତ । ଏହି ଷ୍ଟେସନ୍ ଦେଇ ପ୍ରତିଦିନ ଶତାଧିକ ରେଳ ରାଜ୍ୟର ବିଭିନ୍ନ ସ୍ଥାନ ସହ ରାଜ୍ୟ ବାହାରକୁ ଯାତାୟାତ କରିଥାଏ । ହଜାର ହଜାର ଲୋକ ସେମାନଙ୍କ କାମଧନ୍ଦାରେ ବ୍ରହ୍ମପୁର ଠାରୁ ଯାତ୍ରା କରିଥାନ୍ତି । ଆଉ ସେମାନଙ୍କୁ ଟ୍ରେନ୍ ଭିତରେ ସବୁବେଳେ ଏହି କୋମଳମତି ଶିଶୁଙ୍କ ନିରିହ ମୁହଁ ସହ ଭିକ୍ଷାବୃତ୍ତି କରୁଥିବାର ଦେଖିବାକୁ ପଡ଼ିଥାଏ । ବର୍ଷ ବର୍ଷ ଧରି ଟ୍ରେନ୍‌ରେ ଭିକ୍ଷାବୃତ୍ତି କରି ପ୍ରତିପୋଷଣ ହେଉଥିବା ଲୋକ ସେମାନଙ୍କ ଛୋଟ ଛୋଟ ପିଲାମାନଙ୍କୁ ଏହି ବୃତ୍ତିରେ ନିୟୋଜିତ କରୁଥିବା ଦେଖାଯାଉଛି । ସେହିପରି କିଛି ଅସାଧୁ ବ୍ୟକ୍ତି ମଧ୍ୟ ଟଙ୍କା ରୋଜଗାର ଲକ୍ଷ୍ୟରେ ଶିଶୁମାନଙ୍କୁ ବ୍ୟବହାର କରୁଥିବା ଜଣାପଡ଼ିଛି । ଲୋକଙ୍କ ଦୟାଭାବର ଫାଇଦା ଉଠାଇବା ପାଇଁ ସେମାନେ ଶିଶୁଙ୍କୁ ବ୍ୟବହାର କରୁଛନ୍ତି । ବିଶେଷ କରି ପାସେଞ୍ଜର ଓ ମେମୁ ଟ୍ରେନ୍ ଗୁଡ଼ିକରେ ଶିଶୁମାନଙ୍କର ଭିକ୍ଷାବୃତ୍ତି ଅଧିକ ପରିମାଣରେ ଦେଖିବାକୁ ମିଳୁଛି । ଯେଉଁ ବୟସରେ ଖଡ଼ି, ସ୍ଲେଟ୍ ତଥା ବହି, ଖାତା ଧରି ପାଠ ପଢ଼ିବା କଥା ସେହି ବୟସରେ ସେମାନେ ଏ ବଗିରୁ ସେ ବଗିକୁ ଯାଇ ରେଳଯାତ୍ରୀଙ୍କ ଗୋଡ଼ହାତ ଧରି ଭିକ୍ଷା ମାଗୁଛନ୍ତି । ଏହା ଏବେ ସେମାନଙ୍କ ନିତିଦିନିଆ କାମ ହୋଇଗଲାଣି । ଏମାନଙ୍କ ଅଭିଭାବକମାନଙ୍କୁ ମଧ୍ୟ ପ୍ରଶାସନ ପକ୍ଷରୁ ସଚେତନ କରାଯାଉନାହିଁ । ଅଳ୍ପ କିଛିଙ୍କ ସ୍ୱାର୍ଥ ପାଇଁ ଛୋଟ ଛୋଟ ଶିଶୁମାନଙ୍କର ଶୈଶବ, ଶିକ୍ଷା ଓ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦିଆଯାଉଛି । ଅନ୍ୟପକ୍ଷରେ ଆର୍‌ପିଏଫ୍ ପକ୍ଷରୁ ଟ୍ରେନ୍ ଭିତରେ ଭିକ୍ଷାବୃତ୍ତି କରୁଥିବା ଏହି ଶିଶୁଙ୍କୁ ଉଦ୍ଧାର କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉନାହିଁ । ସେମାନେ କାହିଁକି ଭିକ୍ଷାବୃତ୍ତି କରୁଛନ୍ତି ? କିଏ କରାଉଛି ? ଟଙ୍କା ସବୁ କଣ କରୁଛନ୍ତି ? ସେ କଥା ଜାଣିବା ପାଇଁ କାହା ପାଖରେ ବି ସମୟ ନାହିଁ । ସମସ୍ତେ ଦେଖୁଛନ୍ତି ଆଉ ନୀରବଦ୍ରଷ୍ଟା ସାଜିଛନ୍ତି । ତୁରନ୍ତ ଏ ଦିଗରେ ସରକାର ଦୃଷ୍ଟି ଦେବା ସହ ବ୍ୟାପକ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି ।

## ଦ୍ୱିତୀୟ କାର୍ଯ୍ୟକାଳରେ ପ୍ରଥମ ବିଦେଶ ଯାତ୍ରାରେ ଶ୍ରୀଲଙ୍କାରେ ପହଞ୍ଚିଲେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଭାରତର ବୈଦେଶିକମନ୍ତ୍ରୀ ଏସ.ଜୟଶଙ୍କର ନିଜ ଲଗାତର ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବିଦେଶ ଯାତ୍ରାରେ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ପହଞ୍ଚିଛନ୍ତି । କଲମ୍ବୋରେ ତାଙ୍କର ଜୋରଦାର ସ୍ୱାଗତ କରାଯାଇଛି । ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, ଏହି ଯାତ୍ରା ଭାରତର ପଡୋଶୀ ପ୍ରଥମ ନୀତି ଅଧୀନରେ ଅଟେ ଏବଂ ଶ୍ରୀଲଙ୍କାକୁ ଲଗାତର ନିଜ ନିକଟତମ ସାମୁଦ୍ରିକ ପଡୋଶୀ ଭାବେ ଦେଖିଥାଏ । ବୈଦେଶିକ ମନ୍ତ୍ରୀ ଜୟଶଙ୍କର କଲମ୍ବୋରେ ପହଞ୍ଚିବା ପରେ ଦୁଇଟି ଫଟୋ ସେୟାର କରିଛନ୍ତି । ବୈଦେଶିକ ମନ୍ତ୍ରାଳୟ କହିଛି ଯେ, ଏସ.ଜୟଶଙ୍କରଙ୍କ ଏହି ଯାତ୍ରା ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ପ୍ରକଳ୍ପ ଓ ଅନ୍ୟ କ୍ଷେତ୍ରରେ ପାରସ୍ପରିକ ଭାବେ ଲାଭକାରୀ ହେବ । ଉଲ୍ଲେଖନୀୟ ଅଟେ, ଯେ ଜୟଶଙ୍କର ଗତ ସପ୍ତାହ ଇଟାଲୀର ଅପୁଲିୟା ଅଞ୍ଚଳରେ ଆୟୋଜିତ ଜି-୭ ଆଉଟରିଚ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିନିଧିମଣ୍ଡଳର ଅଂଶ ଥିଲେ ।

## ପଶ୍ଚିମବଙ୍ଗ ଜିଆରପି ରେଳ ଦୁର୍ଘଟଣାର ସମାନ୍ତରାଳ ଯାଞ୍ଚ କରିବ:ଗଠନ ହେଲା ଏସ୍ଆଇଟି

**କୋଲକାତା, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମବଙ୍ଗ ଜିଆରପି ଜଣେ ରେଳଯାତ୍ରୀଙ୍କ ଦ୍ୱାରା ଦାୟର୍ ହୋଇଥିବା ଅଭିଯୋଗ ଆଧାରରେ କଞ୍ଚନଜଙ୍ଘା ଏକ୍ସପ୍ରେସ୍ ଦୁର୍ଘଟଣାର ସମାନ୍ତରାଳ ଯାଞ୍ଚ କରିବ । ସୋମବାର ଘଟିଥିବା ଏହି ରେଳ ଦୁର୍ଘଟଣାର ସ୍ୱତନ୍ତ୍ର ଯାଞ୍ଚ ନେଇ ଜିଆରପି ୬ ସଦସ୍ୟ ବିଶିଷ୍ଟ ତଦନ୍ତକାରୀ ଟିମ୍ (ଏସଆଇଟି)ର ଗଠନ କରିଛି । ସିଲିଗୁଡ଼ି ଜିଆରପି ଅଧିକ୍ଷକ ଏସ ସେଲବା ମୁରୁଗନ ଗୁରୁବାର ଏନେଇ ସୂଚନା ଦେଇ କହିଛନ୍ତି ଯେ, ଏସଆଇଟିର ନେତୃତ୍ୱ ନେବେ ପୋଲିସ ଉପଅଧିକ୍ଷକ ସ୍ତରର ଜଣେ ଅଧିକାରୀ । ତାଙ୍କୁ ସହାୟତା କରିବା ପାଇଁ ଜଣେ ନିରୀକ୍ଷକ, ଦୁଇ ଜଣ ଉପ ନିରୀକ୍ଷକ ଏବଂ ଦୁଇ ଜଣ ସହାୟକ ଉପ ନିରୀକ୍ଷକ ରହିବେ । ଏଠାରେ ଉଲ୍ଲେଖଯୋଗ୍ୟ, ଏହି ଦୁର୍ଘଟଣାର ତଦନ୍ତ ପୂର୍ବତଟ ସୀମାନ୍ତ ରେଲୱେ (ଏନଏଫଆର)ର ମୁଖ୍ୟ ରେଳ ସୁରକ୍ଷା ଆୟୁକ୍ତ (ସିସିଆରଏସ) ଜନକ କୁମାର ଗର୍ଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି ।

## ଜାଗା ଚିହ୍ନଟ ପରେବି ସୋଧ-ଅଙ୍ଗେଇପାଳ ଗେଙ୍ଗୁଟି ନଦୀର ସେତୁ ଗ୍ରାମବାସୀଙ୍କ ଅପେକ୍ଷାରେ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଧାମନଗର ବ୍ଲକ ଦୋବଲ ପଞ୍ଚାୟତର ସୋଧ ଓ ଅଙ୍ଗେଇପାଳ ମଧ୍ୟରେ ପୋଲ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଥିଲା । ଧାମନଗର ଜଳସମ୍ପଦ ବିଭାଗର ଅଧିକାରୀ, ଡ୍ରେନେଜ୍ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଆସି ଜାଗା ଚିହ୍ନଟ କରିଥିଲେ । ଅଙ୍ଗେଇପାଳ ପଟେ ଅଙ୍ଗେଇପାଳ ଓ ନନ୍ଦିପୁର ମଝିରେ ଓ ସୋଧ ପଟେ ବାହୁବଳେନ୍ଦ୍ର ସାହି ବଙ୍କାଣି ନିକଟରେ ଏହି ପୋଲ ନିର୍ମାଣ ଲାଗି ସ୍ଥିର ହୋଇଛି । ଦୁଇ ଗାଁକୁ ଯୋଡ଼ିବା ଲାଗି ପୋଲ ନିର୍ମାଣ ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା । ଏନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ମଧ୍ୟ ସକ୍ରିୟତା ଦେଖାଯାଇଥିଲା । ପୋଲ ନିର୍ମାଣ ଲାଗି ପ୍ରସ୍ତାବ ଅନୁମୋଦିତ ହୋଇସାରିଥିଲା । ହେଲେ ପୋଲ କେଉଁଠି ନିର୍ମାଣ ହେବ, ସେନେଇ ବିବାଦ ଲାଗି ରହିଥିଲା । ଗେଙ୍ଗୁଟିର ଉଭୟ ପାର୍ଶ୍ୱରେ ସୋଧ ଓ ଅଙ୍ଗେଇପାଳ ପଟେ ଗେଙ୍ଗୁଟି କୂଳେ କୂଳେ ସବୁ ଜମି ବ୍ୟକ୍ତିଗତ ମାଲିକାନାରେ ଏଣୁ ପୋଲ ନିର୍ମାଣ ପାଇଁ କେହି ଜମି ଦେବାକୁ ରାଜି ହୋଇନଥିଲେ । ଯାହାଫଳରେ ଗତ ତିନି ବର୍ଷ ହେଲା ଏ ପୋଲ ନିର୍ମାଣ ଲାଗି ଅନିଶ୍ଚିତତା ରହିଥିଲା । ଏବେ ଉଭୟ ପଟ ଦୁଇ ବ୍ୟକ୍ତି ନିଜ ଜମି ଛାଡ଼ିବାରୁ ପୋଲ ନିର୍ମାଣ ପାଇଁ ଜାଗା ସ୍ଥିର କରାଯାଇଛି । ସୋଧ ଓ ଅଙ୍ଗେଇପାଳ ମଝିରେ ପୋଲ ନିର୍ମାଣ ଲାଗି ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ । ବୈତରଣୀର ଶାଖା ନଦୀ ଗେଙ୍ଗୁଟି ସୋଧ ଗାଁକୁ ଦୁଇ ଭାଗ କରୁଛି । ଫଳରେ ସୋଧର କିଛି ଅଂଶ ନଦୀ ଆରପଟେ ରହି ଅଙ୍ଗେଇପାଳ ନାଁରେ ଜଣାଯାଇଛି । ଅଙ୍ଗେଇପାଳ ଓ ନନ୍ଦିପୁର ସାହି ମିଶିକି ଦୋବଲ ପଞ୍ଚାୟତର ଗୋଟିଏ ୱାର୍ଡ ହୋଇଛି । ହେଲେ ପଞ୍ଚାୟତ ହେଡକ୍ୱାର୍ଟରେ ଏବେ ଦୋବଲର ସୋଧରେ ରହିଛି । ଏଣୁ ସୋଧକୁ ଯିବା ଆସିବା ଲାଗି ଲୋକମାନେ ତିନି କିଲୋମିଟର ବୁଲିକି ଆସୁଛନ୍ତି । ତାଛଡ଼ା ସୋଧ ବୁଥ୍‌ରେ ଭୋଟ୍ ଦେଉଥିବା ୩୦୦ ଭୋଟର ଅଙ୍ଗେଇପାଳ ପଟେ ରହିଛନ୍ତି । ଏଣୁ ଗେଙ୍ଗୁଟି ଉପରେ ପୋଲଟିଏ ହେଲେ ଏହି ଦୂରତା ୧୦୦ ମିଟରକୁ କମି ଆସନ୍ତା । ଦୁଇ ଗାଁକୁ ଯୋଡ଼ିବା ଲାଗି ଗେଙ୍ଗୁଟି ନଦୀ ଉପରେ ପୋଲ ନିର୍ମାଣ ପାଇଁ ଉଭୟ ପାର୍ଶ୍ୱର ଲୋକ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ । ଏହା ସବୁବେଳେ ସ୍ଥାନୀୟ ନିର୍ବାଚନରେ ପ୍ରସଙ୍ଗ ହୋଇ ରହିଛି । ତେବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମୟରେ ପୋଲ ନିର୍ମାଣ ଲାଗି ପଦକ୍ଷେପ ନିଆଯାଇଥିଲା । ହେଲେ ଯେଉଁ ସ୍ଥାନରେ ପୋଲ ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇଥିଲା, ସେହି ଜମିର ମାଲିକଙ୍କ ପରିବାର ପକ୍ଷରୁ ଜୋରଦାର୍ ବିରୋଧ ହେବାରୁ ଏହା ସ୍ଥଗିତ ରହିଗଲା । ପରେ ମୁକ୍ତିକାନ୍ତ ବିଧାୟକ ପଦରୁ ଯିବାରୁ ଏନେଇ ଫାଇଲ୍ ଆଗକୁ ଯାଇନଥିଲା । ବର୍ତ୍ତମାନର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ନିର୍ବାଚନ ପ୍ରଚାରବେଳେ ସ୍ଥାନୀୟ ଲୋକଙ୍କୁ ଧାମନଗର ଅଞ୍ଚଳର ବନ୍ୟା ସମସ୍ୟା ସହ ଯୋଗାଯୋଗ ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ବିଧାନସଭାରେ ଏହାକୁ ପ୍ରସଙ୍ଗ କରି ସମାଧାନର ରାସ୍ତା ବାହାର କରିବା ଲାଗି ସେ କହିଥିଲେ । ନିଜ କଥା ରଖିବାକୁ ଯାଇ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ୨୦୨୩ ମାର୍ଚ୍ଚ ୨୦ରେ ବିଧାନସଭାରେ ଏ ପ୍ରସଙ୍ଗ ଉଠାଇଥିଲେ । ପରେ ଗତ ସାଧାରଣ ନିର୍ବାଚନରେ ମଧ୍ୟ ଏହି ପୋଲକୁ ପ୍ରସଙ୍ଗ କରାଯାଇଥିଲା । ଏହାପରେ ଜଳସମ୍ପଦ ବିଭାଗ ଓ ଡ୍ରେନେଜ୍ ବିଭାଗ ପକ୍ଷରୁ ପୋଲ ନିର୍ମାଣ ଲାଗି ତତ୍ପରତା ପ୍ରକାଶ ପାଇଥିଲା । କିଛିଦିନ ତଳେ ଆସି ଅଧିକାରୀମାନେ ଜାଗା ଚିହ୍ନଟ କରିଛନ୍ତି ।

## ଟିଟିଲାଗଡ଼ର କାଳୀ ମନ୍ଦିର ପୂଜକଙ୍କ ପରଲୋକ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ଟିଟିଲାଗଡ଼ ମୁକ୍ତିଧାମ ପଛ ପଟେ ଥିବା କାଳୀ ମନ୍ଦିର ପୂଜକ ଅଦ୍ରିଶ୍ୱରା ନନ୍ଦ ମହାରାଜଙ୍କ ଟିଟିଲାଗଡ଼ ଡାକ୍ତରଖାନାରେ ଦେହାନ୍ତ ହୋଇଯାଇଛି । ଭୌତିକ ଶରୀର ତ୍ୟାଗକରି ପରମାତ୍ମାଙ୍କ ପାଖରେ ବିଲୀନ ହେଲେ ପୂଜକ । ଏହି କାଳୀ ମନ୍ଦିରର ସ୍ଥାନ ନିରୂପଣ, ମନ୍ଦିର ନିର୍ମାଣ, ବୃକ୍ଷରୋପଣ ଠାରୁ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ସେ ତୁଲାଉଥିଲେ । ବହୁତ ସଂଘର୍ଷ କରି ଏହି କାଳୀ ମନ୍ଦିର ନିର୍ମାଣ କରି କାଳୀ ଭକ୍ତଙ୍କୁ ଏକତ୍ରିତ କରି ଏଠାରେ ପୂଜା କାର୍ଯ୍ୟ କରୁଥିଲେ । ପୂଜକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବଙ୍ଗାଳୀ ସମାଜର ସଦସ୍ୟ, ସହରର ବୁଦ୍ଧିଜୀବୀ, ସମାଜସେବୀ ଓ ଅନ୍ୟମାନେ ଉପସ୍ଥିତ ହୋଇଥିଲେ । କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁରର ରାମକୃଷ୍ଣ ପରମହଂସ ଆଶ୍ରମର ପୂଜକମାନେ ଆସି ତାଙ୍କର ଶବ ସତ୍କାର କରିଥିଲେ ।

## ନଳକୂପ ଅଚଳ:ପାନୀୟ ଜଳ ପାଇଁ ବସ୍ତିବାସିନ୍ଦାଙ୍କ ହଟହଟା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ପଲ୍ଲୀ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ସରକାର ଯୋଜନା ଉପରେ ଯୋଜନା ପ୍ରସ୍ତୁତ କରି ଚାଲିଛନ୍ତି । କିନ୍ତୁ ରାଜ୍ୟରେ ଗତ କିଛି ଦିନ ଧରି ପାରଦ ଉପର ମୁହାଁ ହୋଇଛି । ଦିନକୁ ଦିନ ତାତି ବଢ଼ିବାରେ ଲାଗିଛି । ମୁଣ୍ଡ ଫଟା ଖରା ସାଙ୍ଗକୁ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜନ ଜୀବନକୁ କଲବଲ କରୁଛି । ତାତି ବୃଦ୍ଧି ସହ ଗୁଳୁଗୁଳି ଅନୁଭୂତ ହେଉଥିବାରୁ ଲୋକେ ପଦାକୁ ବାହାରିବା କଷ୍ଟକର ହୋଇଛି । ତଥାପି ଟାଣ ଖରାକୁ ଖାତିର ନକରି ସାଧାରଣ ଲୋକେ ଜରୁରୀ ଆବଶ୍ୟକତା ଅନୁସାରେ ବିଭିନ୍ନ ସ୍ଥାନକୁ ଯିବାଆସିବା କରିବାକୁ ପଡୁଛି । ଏପରିକି ବିଭିନ୍ନ ସ୍ଥାନରେ ପାଣି ଟାଙ୍କି ନିର୍ମାଣ କରି କିମ୍ବା ଟ୍ୟାଙ୍କର ମାଧ୍ୟମରେ ପ୍ରତ୍ୟେକ ଘରକୁ ପାଣି ସଂଯୋଗ କରାଯାଇ ପାନୀୟ ଜଳ ସମସ୍ୟା ଦୂର କରାଯିବା କଥା ସରକାର କହୁଛନ୍ତି । ମାତ୍ର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା । ରମ୍ଭା ଭେଟେନାରୀ ରୋଡ଼ ଭିଆଇପି ରୋଡ ହୋଇଥିବା ବେଳେ ଉପରୋକ୍ତ ବସ୍ତିରେ ଦୀର୍ଘଦିନ ଧରି ଏକାଧିକ ନଳକୂପ ଅଚଳ ଯୋଗୁଁ ଜନ ସାଧାରଣ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଘଟଣାସ୍ଥଳରୁ ପ୍ରକାଶ ଯେ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହିତ ଅନେକ କାର୍ଯ୍ୟ କରୁଥିବା ବେଳେ ଉପରୋକ୍ତ ରୋଡ଼ରେ ସତେ ଯେପରି ଏହି ବିଭାଗ ଦିଗହରା ହୋଇପଡିଛି । ଉପରୋକ୍ତ ବସ୍ତିରେ ୫୦ ରୁ ଉର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇଁ ନିର୍ଭର କରୁଥିବା ବେଳେ ଉପରୋକ୍ତ ବସ୍ତିରେ ଏକାଧିକ ନଳକୂପ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିରହିଛି । ନଳକୂପ ଚଟାଣ ବୃକ୍ଷ ବାନାନୀ ସାଙ୍ଗକୁ ସରୀସୃପଙ୍କ ଆଗମନ ଅସ୍ୱୀକାର କରାଯାଇନପାରେ । ତତ୍‌ସହିତ ଏନଏସିର ନାଳଗୁଡ଼ିକ କୁଢ଼ କୁଢ଼ ଅଳିଆ ପରିବେଶକୁ ବିଶୁଦ୍ଧ କରୁଛି । ଏହି ସମ୍ପର୍କରେ ବାସିନ୍ଦା ଅନେକ ଥର ଅଭାବ ଅସୁବିଧା ଉପରୋକ୍ତ ବିଭାଗକୁ ଦୃଷ୍ଟି ଗୋଚର କରୁଥିଲେ ମଧ୍ୟ ଅଣ ଦେଖା କରାଯାଉଥିବା ଅଭିଯୋଗ ହୋଇଛି । ତେବେ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ଦାବି ହେଉଛି ।

## ଭାରତ ଏଡିଟିଭ୍ ବିନିର୍ମାଣର ଉନ୍ନତିକୁ ଗ୍ରହଣ କରୁଛି

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍.କ୍ରିଷ୍ଣନ୍ ନୂଆଦିଲ୍ଲୀ ଠାରେ ଆୟୋଜିତ ପ୍ରଥମ ଜାତୀୟ ଏଡିଟିଭ୍ ମ୍ୟାନୁଫାକ୍ଚରିଂ ସିମ୍ପୋଜିୟମ୍ (ଏନ୍ଏଏମ୍ଏସ୍) - ୨୦୨୪କୁ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଏଡିଟିଭ୍ ମ୍ୟାନୁଫାକ୍ଚରିଂ ଲ୍ୟାଣ୍ଡସ୍କେପ୍ ରିପୋର୍ଟ ଉନ୍ମୋଚନ କରାଯାଇଥିଲା ଏବଂ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏଡିଟିଭ୍ ମ୍ୟାନୁଫାକ୍ଚରିଂ ମେସିନ୍ ଉନ୍ମୋଚନ କରାଯାଇଥିଲା । ସଚିବ ତାଙ୍କ ଅଭିଭାଷଣରେ ଗୁରୁତ୍ୱାରୋପ କରି କହିଥିଲେ ଯେ ଅନେକ କ୍ଷେତ୍ର ଅଛି, ଯେଉଁଠାରେ ଏଏମ୍ ଉନ୍ନତ ସ୍ତରର ଉତ୍ପାଦନ ଦକ୍ଷତାକୁ ସୁଗମ କରିବା ଏବଂ ନୂତନ ବଜାର ଦଖଲ କରିବା ପାଇଁ ଗ୍ରହଣ କରିପାରିବ । ହାଇଦ୍ରାବାଦର ନ୍ୟାସନାଲ ସେଣ୍ଟର ଫର ଏଡିଟିଭ୍ ମ୍ୟାନୁଫାକ୍ଚରିଂ (ଏନସିଏଏମ), ହାଇଦ୍ରାବାଦକୁ ଏହି ଉଦୀୟମାନ ଜ୍ଞାନକୌଶଳରେ ନିୟୋଜିତ ଅନ୍ୟାନ୍ୟ ସଂସ୍ଥା ସହିତ ସଂଯୋଗ କରିବା ପାଇଁ ପ୍ରୟାସ କରାଯିବା ଉଚିତ ଯାହା ଦ୍ୱାରା ଏହି ଉଦୀୟମାନ ଜ୍ଞାନକୌଶଳରେ ନିୟୋଜିତ ମେସିନ, ସାମଗ୍ରୀ, ସଫ୍ଟୱେର କିମ୍ବା ଉତ୍ପାଦଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଭାବରେ ବିକଶିତ କରାଯାଇପାରିବ ଯାହା ଦ୍ୱାରା ଶିଳ୍ପକୁ ଅଧିକ ପ୍ରଭାବଶାଳୀ ଭାବରେ ଲାଭ ମିଳିପାରିବ ଏବଂ ଏହା ବ୍ୟତୀତ ଦେଶ ପାଇଁ ସର୍ବାଧିକ ଏଏମ ବ୍ୟବସାୟ ସୁଯୋଗ ଉପଲବ୍ଧ ହୋଇପାରିବ । ୨୦୨୨ରେ ପ୍ରକାଶିତ ନ୍ୟାସନାଲ ଷ୍ଟ୍ରାଟେଜି ଫର ଏଡିଟିଭ୍ ମ୍ୟାନୁଫାକ୍ଚରିଂ (ଏନଏସଏଏମ) ଶିଳ୍ପ ଅଭିବୃଦ୍ଧି, ନବସୃଜନ ଏବଂ ଅନ୍ତର୍ଭୁକ୍ତ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପରିବର୍ତ୍ତନଶୀଳ ଜ୍ଞାନକୌଶଳର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରିବା ଉଦ୍ଦେଶ୍ୟରେ ଏକ ବ୍ୟାପକ ଦୃଷ୍ଟିକୋଣର ପରିକଳ୍ପନା କରିଛି । ବର୍ତ୍ତମାନ ସୁଦ୍ଧା, ଏଏମ୍ ଟେକ୍ନୋଲୋଜିର ନିୟୋଜନ ଏବଂ ବିକାଶ ପାଇଁ ଉତ୍ସର୍ଗୀକୃତ ସାତଟି କେନ୍ଦ୍ର, ଏଏମ ଇକୋସିଷ୍ଟମକୁ ଶକ୍ତିଶାଳୀ କରିବା ପାଇଁ ବିଭିନ୍ନ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ସାମିଲ କରି ଜୀବନ୍ତ ହବ୍ ଭାବରେ କାର୍ଯ୍ୟ କରୁଛି, ଏବଂ ଉତ୍ପାଦନରେ ଅଗ୍ରଣୀ ଜ୍ଞାନକୌଶଳର ଅଗ୍ରଗତି ଯଥା ଅପ୍ଟିକାଲ ଚିପ୍ ପ୍ୟାକେଜିଂ, ଅପ୍ଟିକାଲ କମ୍ପ୍ୟୁଟିଂ ଚିପ୍ସ, ଇଲେକ୍ଟ୍ରୋନିକ୍ସ ଉପାଦାନ, ମେଡିକାଲ ଡିଭାଇସ୍, ଖାଦ୍ୟ ୩ ପ୍ରିଣ୍ଟିଂ ଏବଂ ନବୀକରଣ ଶକ୍ତି ଉତ୍ପାଦ ଇତ୍ୟାଦି । ଏନ୍ଏଏମ୍ଏସ୍-୨୦୨୪ରେ ଶିଳ୍ପ, ଶିକ୍ଷାନୁଷ୍ଠାନ ଓ ସରକାରଙ୍କ ଭଳି ବିଭିନ୍ନ ଅଂଶୀଦାର ଅଂଶଗ୍ରହଣ କରିଛନ୍ତି । ଏଥିରେ ଇଲେକ୍ଟ୍ରୋନିକ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଇଣ୍ଡିଆ ସେଲୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ୍ (ଆଇସିଇଏ), ଏଡିଟିଭ୍ ମ୍ୟାନୁଫାକ୍ଚରିଂ ସୋସାଇଟି ଅଫ୍ ଇଣ୍ଡିଆ (ଏଏମ୍ଏସ୍ଆଇ), ଏଏମ୍ କ୍ରୋନିକାଲ୍ ଏବଂ ଥ୍ରୀଡି ଗ୍ରାଫି ଏଲ୍ଏଲ୍‌ପି ଭଳି ଶିଳ୍ପ ସଂଘ ସାମିଲ ଥିଲେ । ଏହାବ୍ୟତୀତ କେନ୍ଦ୍ରୀୟ ମନ୍ତ୍ରଣାଳୟ, ଯଥା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ, କେନ୍ଦ୍ର ମନ୍ତ୍ରଣାଳୟ ଭଳି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ, ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ, ପ୍ରତିରକ୍ଷା ଉତ୍ପାଦନ ବିଭାଗ ଏହାବ୍ୟତୀତ, ରାଜ୍ୟ ସରକାର (ତେଲେଙ୍ଗାନା ସରକାର) ସାମିଲ ଥିଲେ । ଏହାବ୍ୟତୀତ ସଗୋଷ୍ଠୀରେ ଏସଟିପିଏଲ୍‌୩ଡି, ଡିଭାଇଡ୍ ବାୟ ଜିରୋ ଟେକ୍ନୋଲୋଜି, ଇଓଏସ୍‌ଜିଏମ୍‌ବିଏଚ୍, ଷ୍ଟ୍ରାଟେସିସ୍ ଲିମିଟେଡ୍, ହ୍ୟୁଲେଟ୍-ପେକାର୍ଡ କମ୍ପାନୀ, ନିକନ୍ ଏସ୍ଏଲ୍ଏମ୍ ସଲ୍ୟୁସନ୍, ଜେନେରାଲ୍ ଇଲେକ୍ଟ୍ରିକ୍ ଓ ଫିଲିପ୍ସ ଏଡିଟିଭ୍ ଭଳି ଜାତୀୟ ଓ ଅନ୍ତର୍ଜାତୀୟ କମ୍ପାନିର ପ୍ରତିଯୋଗୀମାନେ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ ।

## ପାକିସ୍ତାନର ସବୁ ସରକାରୀ କମ୍ପାନୀ ବିକ୍ରି ହେବ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**




ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛି ପାକିସ୍ତାନ । ପରିସ୍ଥିତି ଏପରି ହୋଇଛି ଯେ, ଶେଷରେ ଦେଶର ସବୁ ସରକାରୀ କମ୍ପାନୀଗୁଡ଼ିକୁ ବିକ୍ରି କରିବାକୁ ପ୍ରସ୍ତୁତ ହେଉଛନ୍ତି ପାକିସ୍ତାନ ସରକାର । ପାକିସ୍ତାନ ସରକାରଙ୍କ ଏପରି ନିଷ୍ପତ୍ତି ଏବେ ସେଠାକାର ଗଣମାଧ୍ୟମରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି । ଏହାକୁ ନେଇ ପାକିସ୍ତାନର ଲୋକ ବି ଘୋର୍ ଅସନ୍ତୁଷ୍ଟ ଜଣାପଡୁଛନ୍ତି । ପାକିସ୍ତାନରେ ଏବେ ଲୋକଙ୍କ ଚିନ୍ତାଧାରା ହେଉଛି ଯେ, ସବୁ ସରକାରୀ କମ୍ପାନୀ ବିକ୍ରି ହୋଇଯିବା ପରେ ଦେଶରେ ଦରଦାମ୍ ଅଧିକ ବଢ଼ିଯିବ । ତେବେ ଏହି ଘଟଣାକୁ ନେଇ ପାକିସ୍ତାନୀ ୟୁଟ୍ୟୁବର୍ ସୋହେବ ଚୌଧରୀ ଲୋକଙ୍କ ପ୍ରତିକ୍ରିୟା ନେଇଛନ୍ତି । ସାହେବ ଚୌଧରୀ ଯେତେବେଳେ ଲୋକଙ୍କ ପ୍ରତିକ୍ରିୟା ନେଉଥିଲେ, ସେତେବେଳେ ଜଣେ ବ୍ୟକ୍ତି କହିଛନ୍ତି ଯେତେବେଳେ ଆମ ଘରେ ପଇସା ନଥାଏ ସେତେବେଳେ ଆମେ ଘରର ବାସନ ବିକ୍ରି କରୁ । ବ୍ୟକ୍ତିଜଣକ ଆହୁରି କହିଛନ୍ତି ସରକାର କମ୍ପାନୀ ବିକ୍ରି କଲେ ପଇସା ତ ଆସିବ, ହେଲେ ଯିଏ କିଣିବ ସିଏ ତାର ହୁକୁମାତି ଚଲାଇବ, ସବୁ ସାମଗ୍ରୀ ଦାମ୍ ବଢ଼ାଇଦେବ । ଯାହାର ବୋଝ ଜନସାଧାରଣଙ୍କ ଉପରେ ଯିବ । ପାକିସ୍ତାନୀ ବ୍ୟକ୍ତି ଜଣକ କହିଛନ୍ତି ଯେ ଏକ ବିଲିୟନ୍ ଡଲାର୍ ପାଇଁ ଆମେ ସାଉଦି ଆରବ ଆଗରେ ହାତ ପତାଉଛୁ ଏବଂ ପାକିସ୍ତାନର ବିଦେଶରେ ଶହ ଶହ ବିଲିୟନ ଡଲାର ପଡ଼ିରହିଛି । ବିଦେଶରେ ଜମା ହୋଇଥିବା ପାକିସ୍ତାନର ଟଙ୍କା ଫେରସ୍ତ ନ ଆସିବା ପର୍ଯ୍ୟନ୍ତ ଦେଶର ଅବସ୍ଥା ଭଲ ହୋଇପାରିବନାହିଁ ବୋଲି ସେ କହିଛନ୍ତି । ନୱାଜ୍ ସରିଫ୍ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଦାବିଦାର ବୋଲି କହୁଥିଲେ ଏବଂ ଆଜି ତାଙ୍କ ଭାଇମାନେ ସମଗ୍ର ବିଶ୍ୱ ଠାରୁ ଦାବି କରୁଛନ୍ତି । ଏହି ବ୍ୟକ୍ତି ଜଣକ କହିଛନ୍ତି ଯେ ପାକିସ୍ତାନର ସ୍ଥିତିରେ ଉନ୍ନତି ଆଣିବା ପାଇଁ ବିଦେଶରେ ଜମା ହୋଇଥିବା ପାକିସ୍ତାନର ଟଙ୍କା ଫେରାଇ ଆଣିବା ଦରକାର ।

# ସସ୍‌ପେଣ୍ଡ୍ ହେଲେ ରେସଲର ବଜରଙ୍ଗ ପୁନିଆ



**ନୂଆଦିଲ୍ଲୀ**

ଅଲିମ୍ପିକ୍ସ ପଦକ ବିଜେତା ରେସଲର ବଜରଙ୍ଗ ପୁନିଆଙ୍କୁ ବଡ଼ ଝଟ୍‌କା ଲାଗିଛି । ତାଙ୍କୁ ନ୍ୟାସନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ସସ୍‌ପେଣ୍ଡ୍ କରିଛି । ସେ ମୂତ୍ର ନମୁନା ପରୀକ୍ଷଣ ପାଇଁ ନ ଦେବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଇଛି । ତାଙ୍କୁ ଡୋପିଂ ଟେଷ୍ଟ ପାଇଁ ମୂତ୍ର ନମୁନା ପରୀକ୍ଷା ପାଇଁ ଦେବାକୁ ଡୋପିଂ କଣ୍ଟ୍ରୋଲ ଅଫିସର (ଡିସିଓ) କହିଥିଲେ । ତଥାପି ସେ ଏହାକୁ ଖାତିର କରି ନଥିଲେ । ତେଣୁ ତାଙ୍କୁ ଜୁଲାଇ ୧୧ ଯାଏ ରେସଲିଂରୁ ନିଲମ୍ବିତ କରାଯାଇଛି । ସେହିପରି ଜୁଲାଇ ୧୧ ସୁଦ୍ଧା ସସ୍‌ପେଣ୍ଡ୍ ନୋଟିସ୍ ଉପରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ସେ ଉତ୍ତର ନ ଦେବେ, ତା'ହେଲେ ନିଲମ୍ବନ ଆଦେଶକୁ ପୁଣି ବୃଦ୍ଧି କରାଯିବ । ନାଡ଼ା ପକ୍ଷରୁ କୁହାଯାଇଛି ଯେ ବଜରଙ୍ଗ ତାଙ୍କ ମୂତ୍ର ନମୁନା ପରୀକ୍ଷା ପାଇଁ ଦେଇ ନଥିଲେ । ନାଡା ପୁରୁଣା ଯୁଗର ପରୀକ୍ଷା କିଟ୍ ବ୍ୟବହାର କରୁଛି ଓ ଏହା ଉପରେ ସେ ନାଡାକୁ ଜବାବ ମାଗିଥିଲେ । ଏପରି ହରକତ ପାଇଁ ବଜରଙ୍ଗଙ୍କୁ ଡିସିଓ ପକ୍ଷରୁ ବାରମ୍ବାର ଚେତାବନୀ ଦିଆଯାଇଥିଲା । ତଥାପି ଏହାକୁ ବଜରଙ୍ଗ ଖାତିର କରି ନଥିଲେ । ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନୋଟିସର ଜବାବ ଦେବାକୁ କୁହାଯାଇଛି ।

# ଟି-୨୦ ବିଶ୍ୱକପ୍ : ଆମେରିକାକୁ ୧୦ ୱିକେଟରେ ହରାଇଲା ଇଂଲଣ୍ଡ

**ବ୍ରିଜ୍‌ଟାଉନ**

ବାର୍ବାଡୋସ୍‌ର ବ୍ରିଜଟାଉନଠାରେ ଖେଳାଯାଇଥିବା ଆଇସିସି ଟି-୨୦ ବିଶ୍ୱକପର ସୁପର-୮ର ଏକ ମ୍ୟାଚ୍‌ରେ ଆମେରିକାକୁ ୧୦ ୱିକେଟରେ ପରାସ୍ତ କରିଛି ଇଂଲଣ୍ଡ । ଇଂଲଣ୍ଡ ଦ୍ୱାରା ଆମେରିକା ଆଗରେ ୧୧୬ ରନର ଲକ୍ଷ୍ୟ ରଖାଯାଇଥିବା ବେଳେ ଇଂଲଣ୍ଡ ମାତ୍ର ୯.୪ତମ ଓଭରରେ ମ୍ୟାଚ୍ ଜିତି ନେଇଥିଲା । ଦଳ ପକ୍ଷରୁ ଅଧିନାୟକ ଜସ୍ ବଟଲର ୮୩ ରନ ଓ ଫିଲିପ ସଲ୍ଟ



୨୫ ରନ କରିଥିଲେ ।

ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ମାତ୍ର ୯ ରନରେ ପ୍ରଥମ ୱିକେଟ ହରାଇଥିଲା । ଏହା ପରେ ଦଳ ୪୩ ରନରେ ୨ୟ ୱିକେଟ ହରାଇଥିଲା । ଏହା ପରେ ନିୟମିତ ବ୍ୟବଧାନରେ ଦଳ ୱିକେଟ ହରାଇଚାଲିଥିଲା । ଦଳ ପକ୍ଷରୁ ନୀତୀଶ କୁମାର ସର୍ବାଧିକ ୩୦ ରନ କରିଥିବାବେଳେ କୋରି ଆଣ୍ଡରସନ ୨୯ ରନ କରିଥିବାବେଳେ ହରମିତ ସିଂ ୨୧ ରନ କରିଥିଲେ । ଆଶ୍ଚର୍ଯ୍ୟ କଥା ହେଉଛି ଦଳର ସ୍କୋର ଯେତେବେଳେ ୧୧୫ ରନ ହୋଇଥିଲା ଦଳ ୬ଟି ୱିକେଟ ହରାଇଥିଲା । କିନ୍ତୁ ଏହି ରନରେ ହିଁ ଦଳ ଅଲଆଉଟ ହୋଇଯାଇଥିଲା । ଦଳର ଶେଷ ୪ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନଥିଲେ । ଇଂଲଣ୍ଡର କ୍ରିସ୍ ଜୋର୍ଡାନଙ୍କ ହ୍ୟାଟ୍ରିକ ନେଇ ଆମେରିକାର ଇନିଂସ ଶେଷ କରିଦେଇଥିଲା । ଇଂଲଣ୍ଡ ପକ୍ଷରୁ କ୍ରିସ୍ ଜୋର୍ଡାନ ୪ଟି ୱିକେଟ ନେଇଥିବା ବେଳେ ସାମ କୁରାନ ଓ ଆଦିଲ ରସିଦ ୨ଟି ଲେଖାଏଁ ୱିକେଟ ନେଇଥିଲେ ।



କେନ୍ଦୁଝର ଷ୍ଟାଡିୟମ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବିଶାଳ ଜନସଭାକୁ ଉଦ୍‌ବୋଧନ ଦେଉଛନ୍ତି । (ଫଟୋ : ସମ୍ବାଦକଳିକା)

# ଟି-୨୦ ବିଶ୍ୱକପ୍ : ସୁପର-୮ରେ ଆଜି...

ଭାରତ ସହିତ ଅଷ୍ଟ୍ରେଲିଆ (ସନ୍ଧ୍ୟା ୮ଟା)

ଆଫଗାନିସ୍ତାନ ସହିତ ବାଂଲାଦେଶ (ସକାଳ ୬ଟା)

# ଇତିହାସ ରଚିଲେ ସ୍ମୃତି ମନ୍ଧାନା

## ୩-୦ରେ ସିରିଜ୍ କବ୍‌ଜା କଲା ଭାରତୀୟ ମହିଳା ଦଳ



**ବେଙ୍ଗାଲୁରୁ**

ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳ ବର୍ତ୍ତମାନ ଭାରତ ଗସ୍ତରେ ଅଛନ୍ତି । ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଟିମ୍ ଇଣ୍ଡିଆ ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ କରିଛି । ଟିମ ଇଣ୍ଡିଆ ଏହି ସିରିଜକୁ ୩-୦ରେ ଜିତିବାରେ ସଫଳ ହୋଇଛି । ଏହି ସିରିଜରେ ଟିମ୍ ଇଣ୍ଡିଆର ବିଜୟର ହିରୋ ଥିଲେ ସ୍ମୃତି ମନ୍ଧାନା । ସମସ୍ତ ତିନୋଟି ମ୍ୟାଚ୍‌ରେ ସ୍ମୃତି ଚମତ୍କାର ବ୍ୟାଟିଂ କରିଥିଲେ । ଏହି ସିରିଜରେ ସେ ଏପରି ଏକ ସଫଳତା ହାସଲ କରିଥିଲେ ଯାହା ପୂର୍ବରୁ କୌଣସି ମହିଳା ଖେଳାଳି କରିପାରି ନ ଥିଲେ ।

ଏହି ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚରେ ସ୍ମୃତି ଶତକ ହାସଲ କରିଥିଲେ । ଏଥି ସହିତ ଶେଷ ମ୍ୟାଚ୍‌ରେ ସେ ୮୩ ବଲରେ ୯୦ ରନ ସଂଗ୍ରହ କରିଥିଲେ । ଏହି ଅବଧିରେ ସେ ୧୧ ଚୌକା ମାରିଥିଲେ । ଏହି କ୍ରମରେ ସେ ମୋଟ ୩୪୩ ରନ ସଂଗ୍ରହ କରିଥିଲେ । ଏହା ସହ ସେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ସର୍ବାଧିକ ରନ ସ୍କୋରର୍ ହୋଇଛନ୍ତି । ଏହାପୂର୍ବରୁ କୌଣସି ମହିଳା ଖେଳାଳି ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଏତେ ରନ ସ୍କୋର କରି ନ ଥିଲେ । ସେ ଲୌରା ୱୋଲାର୍ଡଙ୍କ ରେକର୍ଡ ଭାଙ୍ଗିଛନ୍ତି । ସେ ଚଳିତ ବର୍ଷ ଶ୍ରୀଲଙ୍କା ବିପକ୍ଷ ୩ଟି ମ୍ୟାଚରେ ୩୩୫ ରନ ସଂଗ୍ରହ କରିଛନ୍ତି ।

ଏହି ଚମତ୍କାର ପ୍ରଦର୍ଶନ ସହିତ ସ୍ମୃତି ତାଙ୍କ ନାମରେ ଆଉ ଏକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି । ସେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୩୦୦+ ରନ ସ୍କୋର କରିବାରେ ଏସିଆର ପ୍ରଥମ ଖେଳାଳି ହୋଇଛନ୍ତି । ଏହା ପୂର୍ବରୁ ଏସିଆ ସିରିଜରେ ମଧ୍ୟ ଖେଳାଳି ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୩୦୦ ରନ ମାର୍କ ଛୁଇଁ ନଥିଲେ । ଏଥି ସହିତ ସେ ଦିନିକିଆରେ ୩୫୦୦ ରନ ସମାପ୍ତ କରିଥିଲେ । ସେ ଦିନିକିଆରେ ୨୫୦୦ ରନ ସ୍କୋର କରିବାରେ ତୃତୀୟ ଦ୍ରୁତତମ ଖେଳାଳି ହୋଇଛନ୍ତି ।

# ଅଲିମ୍ପିକ୍ସରେ ଚମକ୍ ଦେଖାଇବେ ଭାଜପା ବିଧାୟିକା

**ପାଟନା**

ବିହାରର ଭାଜପା ବିଧାୟିକା ତଥା ଶୁଟର୍ ଶ୍ରେୟାସୀ ସିଂ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ପାଇଁ ସେ ଶଟ୍‌ଗନ ଟ୍ରାପ୍ ମହିଳା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଅଲିମ୍ପିକ୍ସ ପାଇଁ ମନୋନୀତ ହୋଇଥିବା ବିହାରର ଶ୍ରେୟାସୀ ସିଂ ପ୍ରଥମ ଆଥ୍‌ଲେଟ୍ ହୋଇଛନ୍ତି ।

ପ୍ୟାରିସରେ ଆୟୋଜିତ ଅଲିମ୍ପିକ ଗେମ୍ସରେ ଶଟଗନ ଟ୍ରାପ ମହିଳା ପ୍ରତିଯୋଗିତାରେ ଜାମୁଇ ବିଧାନସଭା ବିଧାୟକ ଶ୍ରେୟାସୀ ସିଂଙ୍କୁ ମନୋନୀତ କରାଯାଇଛି । ସେ ଅଲିମ୍ପିକ ଗେମ୍ସରେ ପଦକ ପାଇବାକୁ ଲକ୍ଷ୍ୟ ରଖିଛନ୍ତି । ସେ ଶୁଟିଂରେ ଅନେକ ଟାଇଟଲ ଜିତି ସାରିଛନ୍ତି । ପ୍ୟାରିସ ଅଲିମ୍ପିକ୍ସରେ ଶ୍ରେୟାସୀ ସିଂଙ୍କ ଚୟନକୁ ନେଇ ସମଗ୍ର ଜିଲ୍ଲାରେ



ଆନନ୍ଦର ବାତାବରଣ ରହିଛି । ଗ୍ଲାସ୍‌ଗୋରେ ୨୦୨୪ କମନୱେଲ୍‌ଥ ଗେମ୍ସରେ ଡବଲ ଟ୍ରାପ ଶୁଟିଂ ଇଭେଣ୍ଟରେ ଶ୍ରେୟାସୀ ସିଂ ରୌପ୍ୟ ପଦକ ଜିତିଥିଲେ ।

ସୂଚନାଯୋଗ୍ୟ ଯେ, ୨୦୧୮ରେ ଶ୍ରେୟାସୀ ସିଂ ଅଷ୍ଟ୍ରେଲିଆ କମନୱେଲ୍‌ଥ ଗେମ୍ସରେ ମହିଳା ଡବଲ ଟ୍ରାପ ଶୁଟିଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେହି ବର୍ଷ ଶ୍ରେୟସୀ ସିଂଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଶ୍ରେୟସୀ ସିଂ ୨୦୨୦ରେ ଭାଜପାରେ ଯୋଗ ଦେଇଥିଲେ । ଦଳ ତାଙ୍କୁ ଜାମୁଇ ଆସନରୁ ଫିଲ୍ଡ କରିଥିଲା ଏବଂ ସେ ଜିତିଥିଲେ ।

ଶ୍ରେୟସୀ ସିଂ ୨୯ ଅଗଷ୍ଟ ୧୯୯୧ରେ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ସ୍ୱର୍ଗତ ଦିଗ୍‌ବିଜୟ ସିଂ କେନ୍ଦ୍ର ସରକାରରେ ଏମ୍‌ପି ତଥା ମନ୍ତ୍ରୀ ଥିଲେ । ତାଙ୍କ ମା' ପୁତୁଲ ସିଂ ମଧ୍ୟ ଏମ୍‌ପି ଥିଲେ । ଶ୍ରେୟାସୀ ସିଂ ଦିଲ୍ଲୀର ହାନସରାଜ କଲେଜରୁ ଏବଂ ଫରିଦାବାଦର ମାନଭ ରଚନା ବିଶ୍ୱବିଦ୍ୟାଳୟରୁ ଏମବିଏ ସ୍ନାତକ ହାସଲ କରିଛନ୍ତି ।

# ଆଜି ଇଣ୍ଡିଆ-ଅଷ୍ଟ୍ରେଲିଆ ଲଢ଼େଇ : ଦାଉ ସାଧିପାରେ ବର୍ଷା



**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ବିପକ୍ଷରେ ଆଫଗାନିସ୍ତାନର ଚମକ୍‌ପ୍ରଦ ବିଜୟ ପରେ ଟି-୨୦ ବିଶ୍ୱକପ୍ର ସୁପର-୮ର ଗ୍ରୁପ୍ ୧ରେ ସେମିଫାଇନାଲ ଦୌଡ଼ ରୋଚକ ସ୍ଥିତିରେ ପହଞ୍ଚି ଯାଇଛି । ଏହି ପରିପ୍ରେକ୍ଷୀରେ ସୋମବାର ଭାରତ ଓ ଅଷ୍ଟ୍ରେଲିଆ ମ୍ୟାଚ୍ର ଗୁରୁତ୍ୱ ବଢ଼ି ଯାଇଛି । ଭାରତ ନିଜର ଦୁଇଟି ମ୍ୟାଚ୍ ଜିତି ୪ ପଏଣ୍ଟ ସହ ଅଙ୍କ ତାଲିକାରେ ଶୀର୍ଷରେ ରହିଥିବାବେଳେ ଅନ୍ୟପଟେ ଆଫଗାନିସ୍ତାନଠୁ ପରାଜିତ ହେବା ପରେ କଙ୍ଗାରୁ ଦଳର ସେମିଫାଇନାଲ ରାସ୍ତା ମୁସ୍କିଲ ହୋଇଯାଇଛି । ସେମି ଫାଇନାଲ ଯିବା ପାଇଁ ହେଲେ କଙ୍ଗାରୁ ଦଳ ଭାରତୀୟ ଦଳକୁ ହରାଇବା ଜରୁରୀ । ମାତ୍ର ଯେଉଁ ଖବର ରହିଛି ତାହା ଅଷ୍ଟ୍ରେଲିଆକୁ ବଡ଼ ଝଟ୍‌କା ଦେଇପାରେ । ସୋମବାର ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ବର୍ଷାର ହେବାର ସମ୍ଭାବନା ରହିଛି ।

ଏହି ମୁକାବିଲା ସେଣ୍ଟ ଲୁସିଆର ଡାରେନ ସାମି ନ୍ୟାସନାଲ କ୍ରିକେଟ୍ ଷ୍ଟାଡ଼ିୟମରେ ଖେଳାଯିବ । ଏହା ମଧ୍ୟରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେଣ୍ଟ ଲୁସିଆରେ ପ୍ରବଳ ବର୍ଷା ହେଉଥିବା ଦେଖିବାକୁ ମିଳିଛି । ପାଣିପାଗ ଖରାପ ରହିବା ସହ ବିଜୁଳି ମଧ୍ୟ ମାରୁଛି । ସେଣ୍ଟ ଲୁସିଆରେ ଆଗାମୀ ପୂରା ସପ୍ତାହ ବର୍ଷା ହେବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ସୋମବାର ସକାଳେ ହାଲୁକା ବର୍ଷା ହୋଇପାରେ । ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୪ଟା ଯାଏ ଆକାଶ ସଫା ରହିପାରେ । ଯଦି ବର୍ଷା ହୁଏ ତେବେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ଓଭର ହ୍ରାସ ହୋଇପାରେ ଏବଂ ମ୍ୟାଚ୍ ରଦ୍ଦ ହୋଇପାରେ । ମ୍ୟାଚ୍ ରଦ୍ଦ ହେଲେ ଦୁଇ ଦଳକୁ ମିଳିବ ଗୋଟିଏ ଲେଖାଏଁ ପଏଣ୍ଟ । ଫଳରେ ଭାରତ ୫ ଓ ଅଷ୍ଟ୍ରେଲିଆର ୩ ପଏଣ୍ଟକୁ ବୃଦ୍ଧି ଘଟିବ । ଏମିତି ସ୍ଥିତିରେ ଅଷ୍ଟ୍ରେଲିଆ ଚାହିଁବ ଯେ କୌଣସି ସ୍ଥିତିରେ ବାଂଲାଦେଶ ଆଫଗାନିସ୍ତାନକୁ ହରାଉ । ଏମିତି ହେଲେ ଅଷ୍ଟ୍ରେଲିଆ ସେମିରେ ପହଞ୍ଚିବ । ବାଂଲାଦେଶକୁ ପରାସ୍ତ କଲେ ଆଫଗାନିସ୍ତାନକୁ ସେମିକୁ ଉନ୍ନିତ ହେବ ।

# ଚେସ୍ ବୋର୍ଡରେ ଭାରତୀୟଙ୍କ ବିପ୍ଲବ : ପ୍ରତିବର୍ଷ ସୃଷ୍ଟି ହେଉଛନ୍ତି ୪ରୁ ଅଧିକ ଗ୍ରାଣ୍ଡମାଷ୍ଟର୍

**ଭୁବନେଶ୍ୱର**

ବିଶ୍ୱ ଚେସ୍‌ର ତାରକା ଖଚିତ ମଞ୍ଚରେ ଭାରତୀୟମାନେ ଧୀରେଧୀରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ଚାଲିଛନ୍ତି । ୬୪ ବର୍ଗକ୍ଷେତ୍ରର କଳାଧଳା ବୋର୍ଡରେ ଅସାଧାରଣ ପ୍ରତିଭାର ପରିଚୟ ଦେଇ ରୁଷ୍, ଚୀନ୍, ଜର୍ମାନୀ ଓ ଆମେରିକା ଭଳି ଦେଶକୁ କଡ଼ା ଟକ୍କର ଦେଉଛନ୍ତି । ଯାହା ଗତ ଅଢ଼େଇ ଦଶନ୍ଧି ମଧ୍ୟରେ ଭାରତରୁ ସୃଷ୍ଟି ହୋଇଥିବା ଗ୍ରାଣ୍ଡମାଷ୍ଟର ସଂଖ୍ୟାରୁ ସ୍ପଷ୍ଟ ହୋଇଥାଏ । ଗ୍ରାଣ୍ଡମାଷ୍ଟର ଟାଇଟଲ୍ ହାସଲ କରିବାରେ ମଧ୍ୟ ଭାରତୀୟମାନେ ବିଶ୍ୱର ଦ୍ରୁତତମ ଆଖ୍ୟା ଅର୍ଜନ କରିଛନ୍ତି ।

୧୯୬୧ ମସିହାରେ ମାନୁଏଲ ଆରୋନ ଦେଶର ପ୍ରଥମ ଆଇଏମ ହେବା ପରଠାରୁ ଚେସ୍ ଜଗତରେ ଭାରତ ଅନେକ ମାଇଲଖୁଣ୍ଟ ଛୁଇଁ ସାରିଲାଣି । ଭାରତୀୟ ଚେସ୍ ବିପ୍ଲବର ଏହି ସ୍ୱର୍ଣ୍ଣିମ ଇତିହାସକୁ ତର୍ଜମା କଲେ ଜଣାପଡ଼େ ଯେ ୧୯୮୭ ମସିହାରେ ବିଶ୍ୱନାଥନ ଆନନ୍ଦଙ୍କ ରୂପରେ ଭାରତରେ ମାତ୍ର ଜଣେ ଚେସ୍ ଗ୍ରାଣ୍ଡମାଷ୍ଟର ଥିଲେ, ଯାହା ଏବେ ୮୫ରେ ପହଞ୍ଚିଛି । ଏପରିକି ୧୯୮୭ରୁ ୧୯୯୯ ମସିହାର ୧୨ ବର୍ଷୀୟ ଅବଧିରେ ଭାରତରେ ଥିବା ଗ୍ରାଣ୍ଡମାଷ୍ଟର୍ ସଂଖ୍ୟା ୧ରୁ ମାତ୍ର ୩କୁ ବୃଦ୍ଧି ପାଇଥିଲା । ଏବେ କିନ୍ତୁ ଗ୍ରାଣ୍ଡମାଷ୍ଟର ସଂଖ୍ୟାରେ ଭାରତ, ରୁଷିଆ, ଜର୍ମାନୀ, ୟୁକ୍ରେନ ଓ ଆମେରିକା ପରେ ବିଶ୍ୱର ପଞ୍ଚମ ସ୍ଥାନରେ ରହିଛି । ଆଗାମୀ ସମୟରେ ଭାରତ ଏହି କ୍ରମରେ ଶ୍ରେଷ୍ଠ ୩ରେ ପ୍ରବେଶ କରିବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି । ୨୦୦୦ରୁ ୨୦୨୪ ମସିହା ମେ' ମାସ ସୁଦ୍ଧା ଭାରତରେ ଅବିଶ୍ୱସନୀୟ ଭାବେ ୮୨ଜଣ ଗ୍ରାଣ୍ଡମାଷ୍ଟର ସୃଷ୍ଟି ହୋଇଛନ୍ତି । ୨୦୨୩ ଡିସେମ୍ବର ସୁଦ୍ଧା ଭାରତରେ ୧୩୬ ଆଇଏମ ଓ ୩୩,୦୨୮ ରେଟିଂ ପ୍ରାପ୍ତ ଖେଳାଳି ଥିଲେ । ସଂପ୍ରତି ଫିଡେ ବିଶ୍ୱମାନ୍ୟତାର ଓପନ ବର୍ଗର ଶ୍ରେଷ୍ଠ ୨୦ରେ ୪ଜଣ ଭାରତୀୟ ରହିଛନ୍ତି । ମହିଳା ବର୍ଗରେ ଏହି ସଂଖ୍ୟା ହେଉଛି ୩ । ଓଡ଼ିଶା କଥା ବିଚାରକୁ ନେଲେ, ୨୦୧୩ ମସିହାରେ ଦେବାଶିଷ ଦାସ ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇବାରେ ପ୍ରଥମ ଓଡ଼ିଆ ହୋଇଥିଲେ । ୬ ବର୍ଷ ପରେ ସ୍ୱୟମ୍ଭ ମିଶ୍ର ରାଜ୍ୟର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ହୋଇଥିଲେ । ସେବେଠୁ ଆଉ ଓଡ଼ିଶାରେ ଗ୍ରାଣ୍ଡମାଷ୍ଟର ସୃଷ୍ଟି ହୋଇନାହାନ୍ତି ।

ନିକଟରେ ସମ୍ମାନଜନକ କ୍ୟାଣ୍ଡିଡେଟ୍ସ ଚେସ୍ ଜିତିବାରେ ବିଶ୍ୱର ସର୍ବକନିଷ୍ଠ

**ତାମିଲନାଡୁରେ ସର୍ବାଧିକ ୨୫, ଓଡ଼ିଶାରେ ୨**



ଖେଳାଳି ହୋଇ ଡି. ଗୁକେଶ ଭାରତୀୟ ଚେସ୍‌କୁ ଆହୁରି ସମୃଦ୍ଧ ଓ ଋଦ୍ଧିମନ୍ତ କରିଛନ୍ତି । କେବଳ ସେତିକି ନୁହେଁ, ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଦୁଇ ଜଣ ମହିଳାଙ୍କ ସହ ୫ଜଣ ଭାରତୀୟ ଯୁବ ଗ୍ରାଣ୍ଡମାଷ୍ଟର ଅଂଶଗ୍ରହଣ କରିବା ମଧ୍ୟ ଚେସ୍ ବୋର୍ଡରେ ଭାରତର ବର୍ଦ୍ଧିତ ଶକ୍ତିର ବଳିଷ୍ଠ ପ୍ରମାଣ ହୋଇଛି । ଭାରତରେ ସୃଷ୍ଟି ହୋଇଥିବା ଚେସ୍ ସଂସ୍କୃତି, ବଡ଼ଠୁ ଆରମ୍ଭ କରି ଛୋଟ ସହରରେ ଗଢ଼ି ଉଠିଥିବା ହଜାର ହଜାର ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ତଥା ଅଭିଭାବକଙ୍କ ମଧ୍ୟରେ ଚେସ୍‌କୁ ନେଇ ସୃଷ୍ଟି ହୋଇଥିବା ଭଲପାଇବା ଓ ସଚେତନତା ଏହାର ମୂଳ କାରଣ ବୋଲି କୁହାଯାଉଛି ।

ଭାରତର ବର୍ଦ୍ଧିତ ଚେସ୍ ଶକ୍ତି ପାଇଁ ଇଣ୍ଟରନେଟ୍‌ର ଅଭ୍ୟୁଦୟକୁ ଏକ ପ୍ରମୁଖ କାରଣ ଭାବେ ଦର୍ଶାଇଛନ୍ତି । ଜିଏମ ଆର୍‌ବି ରମେଶ ଉନ୍ନତ ପ୍ରଶିକ୍ଷଣ ବ୍ୟବସ୍ଥା, ଆଧୁନିକ ଚେସ୍ ସଫ୍ଟରେ, ତଥା ତଥ୍ୟ ଭିତ୍ତିକ ପୁସ୍ତକ ପାଇଁ ଯୁବ ଖେଳାଳିମାନେ ବି କିମ୍ବଦନ୍ତିମାନେ ଆପଣାଉଥିବା ରଣନୀତି ଓ ଚାଲ୍‌କୁ ବୁଝିପାରୁଛନ୍ତି ଏବଂ ଚେସ୍ ବୋର୍ଡରେ ବିନିଯୋଗ କରୁଛନ୍ତି । ଜାତୀୟ ସ୍ତରରେ ସରକାରୀ ଓ ବେସରକାରୀ ସହାୟତା ବି ଚେସ୍‌କୁ ପୂର୍ବାପେକ୍ଷା ଅଧିକ ମିଳୁଛି । ଏଥିପାଇଁ ହିଁ ଭାରତରୁ ଅଧିକରୁ ଅଧିକ ଗ୍ରାଣ୍ଡମାଷ୍ଟର ସୃଷ୍ଟି ହୋଇପାରୁଛନ୍ତି ବୋଲି ସେ ମତ ଦେଇଛନ୍ତି । ଏହି ଧାରାକୁ ଆହୁରି ଆଗକୁ ନେବାକୁ ସ୍ୱତନ୍ତ୍ର ଯୋଜନା କରାଯାଉଥିବା ମଧ୍ୟ ସର୍ବଭାରତୀୟ ଚେସ୍ ମହାସଂଘ ସଭାପତି ନିତିନ ନାରଙ୍ଗ ଏକ ସାକ୍ଷାତ୍‌କାରରେ କହିଛନ୍ତି । ତେବେ ଚେସ କ୍ରମଶଃ ବ୍ୟୟବହୁଳ ହେବାରେ ଲାଗିଛି । ଏହା ଆସନ୍ତା କିଛି ବର୍ଷ ମଧ୍ୟରେ ଭାରତରେ ଚେସ୍ ଅଭିବୃଦ୍ଧିରେ ବ୍ରେକ୍ ଲଗାଇପାରେ ବୋଲି ଆଶଙ୍କା କରାଯାଉଛି ।

ଦୁର୍ଭାଗ୍ୟଜନକ ଭାବେ ସର୍ବଭାରତୀୟ ସ୍ତରର ଏହି ଐତିହାସିକ ସଫଳତା ସହ ଓଡ଼ିଶା କିନ୍ତୁ ତାଳ ଦେଇପାରୁନି । ସେଥିପାଇଁ ରାଜ୍ୟରେ ଗ୍ରାଣ୍ଡମାଷ୍ଟର ସଂଖ୍ୟା ମାତ୍ର ୨ରେ ସୀମିତ ରହିଛି । ଏହାର ସମ୍ଭାବ୍ୟ କାରଣ ଉପରେ ଆଲୋକପାତ କରି ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ ଚେସ୍ ପ୍ରଶିକ୍ଷକ ସତ୍ୟ ରଞ୍ଜନ ପଟ୍ଟନାୟକ କହିଛନ୍ତି, ଓଡ଼ିଶାରେ ଚେସ୍ ଭିତ୍ତିଭୂମି ସହ ଅନ୍ୟାନ୍ୟ ସୁବିଧାସୁଯୋଗ ବଢ଼ିଛି । ହେଲେ ଆମ ପିଲାଙ୍କ ଭିତରେ ଆଉ ଆଗଭଳି ଏକାଗ୍ରତା ଓ ଶୃଙ୍ଖଳା ଭାବ ରହୁନି । ଗ୍ରାଣ୍ଡମାଷ୍ଟର ହେବାକୁ ସେମାନେ ଲକ୍ଷ୍ୟ କରୁନାହାନ୍ତି ବରଂ ଅଧିକାଂଶ ଅନଲାଇନ୍‌ରେ ପ୍ରଶିକ୍ଷଣ ଦେବାରେ ମାତିଛନ୍ତି । ରାଜ୍ୟସଂଘ ମଧ୍ୟ ଏ ଦିଗରେ ସେମିତି କିଛି ଆଦୃଶିଆ ପଦକ୍ଷେପ ନେଉନି । ସରକାରୀସ୍ତରରେ ଆୟୋଜିତ ହେଉଥିବା ଗ୍ରାଣ୍ଡମାଷ୍ଟର ଚେସ୍ ପ୍ରଶିକ୍ଷଣରୁ ପିଲାଙ୍କୁ ବିଶେଷ କିଛି ଲାଭ ମିଳୁନି । ତାମିଲନାଡୁ ଭଳି ରାଜ୍ୟର ଖେଳାଳିମାନେ ସଂଗଠିତ ପ୍ରଶିକ୍ଷଣ ଉପରେ ଜୋର ଦେଉଛନ୍ତି ଯାହା ଓଡ଼ିଶାରେ ହେଉନି । ତଥାପି ସମ୍ବିତ ପଣ୍ଡା, ପଦ୍ମିନୀ ରାଉତ, ସିଦ୍ଧାନ୍ତ ମହାପାତ୍ର, ରାକେଶ ଜେନାଙ୍କ ଭଳି ଖେଳାଳିଙ୍କ ପାଖରେ ଜିଏମ୍ ହେବାର ସମ୍ଭାବନା ରହିଛି । ଏଥିଲାଗି କିନ୍ତୁ ସେମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ ।

# ଆଚରଣବିଧି ଉଲ୍ଲଂଘନ: ଡେଭିଡ୍‌ଙ୍କ ନାଁରେ ଯୋଗ ହେଲା ଡିସିପ୍ଲିନାରି ଡିମେରିଟ୍ ପଏଣ୍ଟ



**ସେଣ୍ଟ ଲୁସିଆ**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ସୁପର-୮ ଗ୍ରୁପ୍-୨ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟର ଡେଭିଡ୍ ମିଲର ଆଇସିସି ଆଚରଣବିଧି ଧାରା-୧ର ଉଲ୍ଲଂଘନ କରିଥିବାରୁ ଭର୍ତ୍ସନା କରାଯିବା ସହ ତାଙ୍କୁ ଏକ ଡିମେରିଟ୍ ପଏଣ୍ଟ ପ୍ରଦାନ କରାଯାଇଛି ।

ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ । ୨୪ ମାସରେ ଏହା ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ମିଲରଙ୍କ ଡିସିପ୍ଲିନାରି ରେକର୍ଡରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି ।

ଦକ୍ଷିଣ ଆଫ୍ରିକା ଇନିଂସ୍‌ର ୧୯ତମ ଓଭରରେ ଏହି ଘଟଣା ଘଟିଥିଲା । ମିଲର ପେସ୍ ବୋଲର ସାମ୍ କୁରାନଙ୍କ ଏକ ଫୁଲ୍‌ଟସ୍ ଖେଳୁଥିବା ବେଳେ ବଲ୍‌ଟି ଉଚ୍ଚା ଥିବାରୁ ଅମ୍ପାୟର ଏହାକୁ ନୋ ବଲ୍ ଦେବେ ବୋଲି ଆଶା କରାଯାଉଥିଲା । କିନ୍ତୁ ତାହା ହୋଇ ନ ଥିଲା । ନିଷ୍ପତ୍ତିର ରିଭ୍ୟୁ ପାଇଁ ସେ ସଙ୍କେତ ଦେଇଥିଲେ । ତାଙ୍କ କଥା ପ୍ରତି ଧ୍ୟାନ ଦିଆଯାଇ ନ ଥିଲା । ମିଲର ତାଙ୍କ ଦୋଷ ସ୍ୱୀକାର କରିବା ସହ ମ୍ୟାଚ୍ ରେଫରି ଜେଫ୍ କ୍ରୋଙ୍କ ଦ୍ୱାରା ହୋଇଥିବା ଦଣ୍ଡବିଧାନକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା । ମିଲରଙ୍କ ବିରୋଧରେ ଫିଲ୍ଡ ଅମ୍ପାୟର କ୍ରିସ୍ ବ୍ରାଉନ୍ ଓ ଶାର୍ଫୁଦୋଲ୍ଲା ଇବ୍‌ନେ ଶାହିଦ, ତୃତୀୟ ଅମ୍ପାୟର ଜୋଏଲ ୱିଲସନ ଏବଂ ଚତୁର୍ଥ ଅମ୍ପାୟର କ୍ରିସ୍ ଗାଫାନି ପ୍ରମୁଖ ଅଭିଯୋଗ ଆଣିଥିଲେ ।

# ପ୍ୟାରିସ୍ ଟିକେଟ୍ ପକ୍କା କଲେ ନଗଲ

## ଏକକରେ ପ୍ରତିଦ୍ୱ-ନ୍ଦ୍ୱିତା କରିବାରେ ଭାରତରୁ ଦ୍ୱିତୀୟ

**ନୂଆଦିଲ୍ଲୀ**

ଭାରତୀୟ ଯୁବ ଟେନିସ୍ ତାରକା ସୁମିତ ନଗଲ ପ୍ୟାରିସ୍ ଅଲିମ୍ପିକ୍ସକୁ ଆନୁଷ୍ଠାନିକ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହା ବିଷୟରେ ସେ ନିଜେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଜଣାଇଛନ୍ତି । ଏହା ତାଙ୍କ ପାଇଁ ସ୍ମରଣୀୟ ମୁହୂର୍ତ୍ତ ଓ ଅଲିମ୍ପିକ୍ସ ତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ପାଇଥିବା ସେ କହିଛନ୍ତି । କିନ୍ତୁ ଏ ବିଷୟରେ ଆନ୍ତର୍ଜାତିକ ଟେନିସ୍ ମହାସଂଘ ପକ୍ଷରୁ କୌଣସି ଔପଚାରିକ ଘୋଷଣା କରାଯାଇନାହିଁ । ବିଶ୍ୱସ୍ତରରେ ଅନେକ ଉଚ୍ଚ ମାନ୍ୟତାପ୍ରାପ୍ତ ଖେଳାଳିମାନେ ଅଲିମ୍ପିକ୍ସରୁ ଓହରି ଯାଉଥିବାରୁ ନଗଲଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି । ପ୍ୟାରିସ୍ ଅଲିମ୍ପିକ୍ସରେ ଟେନିସ୍‌ର ମ୍ୟାଚ୍‌ଗୁଡ଼ିକ ରୋଲାଁ ଗାରୋସ୍‌ରେ ଖେଳାଯିବ । ଏଠାରେ ଫ୍ରେଞ୍ଚ ଓପନ୍ ମଧ୍ୟ ଖେଳାଯାଇଛି ।

ଏହି ଯୋଗ୍ୟତା ଫଳରେ ୨୬ ବର୍ଷୀୟ ନଗଲ ଏକକରେ



ପ୍ରତିଦ୍ୱ-ନ୍ଦ୍ୱିତା କରିବାରେ ଭାରତରୁ ଦ୍ୱିତୀୟ ଖେଳାଳି ହୋଇଛନ୍ତି । ପୂର୍ବରୁ ୧୯୯୨ରୁ ୨୦୦୦ ମସିହା ମଧ୍ୟରେ ଲିଆଣ୍ଡର ପେସ୍ ଲଗାତାର ଭାବେ ଅଲିମ୍ପିକ୍ସର ଏକକ ବର୍ଗରେ ପ୍ରତିଦ୍ୱ-ନ୍ଦ୍ୱିତା କରିଥିଲେ । ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ପେସ୍ କାଂସ୍ୟ ପଦକ ଜିତିଥିଲେ । ନଗଲ ମଧ୍ୟ ଟୋକିଓ ଅଲିମ୍ପିକ୍ସରେ ଖେଳିଥିଲେ, ଯେଉଁଥିରେ ସେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ରୁଷିଆର ଡାନିଏଲ୍ ମେଦଭେଦେଭଙ୍କଠୁ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ । କିନ୍ତୁ ଏଥର ନଗଲଙ୍କ ପାଇଁ ଭଲ ସୁଯୋଗ ରହିଛି । କାରଣ ଚଳିତ ବର୍ଷ ଆରମ୍ଭରୁ ଅଷ୍ଟ୍ରେଲିଆନ୍ ଓପନ୍‌ର ମୁଖ୍ୟ ପର୍ଯ୍ୟାୟକୁ ସେ ଯୋଗ୍ୟତା ଅର୍ଜନ କରିଥିଲା ବେଳେ ୩୧ତମ ମାନ୍ୟତାପ୍ରାପ୍ତ କାଜାଖସ୍ଥାନ ଖେଳାଳି ଆଲେକ୍‌ଜାଣ୍ଡର ବବଲିକ୍‌ଙ୍କୁ ପ୍ରଥମ ରାଉଣ୍ଡରେ ପରାଜିତ କରି ବିପର୍ଯ୍ୟୟ କରିଥିଲେ ।

ଫଳରେ ୩୫ ବର୍ଷ ମଧ୍ୟରେ ସେ ପ୍ରଥମ ଖେଳାଳି ଭାବେ ଏକ ଗ୍ରାଣ୍ଡସ୍ଲାମ୍ ଇଭେଣ୍ଟରେ ଜଣେ ସିଡେଡ୍ ଖେଳାଳିଙ୍କୁ ପରାଜିତ କରିପାରିଥିଲେ । ଏହାବାଦ୍ ଚେନ୍ନାଇ ଓପନ୍ ଏଟିପି ଚ୍ୟାଲେଞ୍ଜରରେ ବିଜେତା ହେବା ପରେ ଏଟିପି ମାନ୍ୟତାର ଶୀର୍ଷ ୧୦୦ ଭିତରେ ସେ ସ୍ଥାନ ପାଇଥିଲେ । ପୁଣି ପ୍ରଥମ ଖେଳାଳି ଭାବେ ମଣ୍ଟେ କର୍ଲୋ ମାଷ୍ଟର୍ସର ମୁଖ୍ୟ ପର୍ଯ୍ୟାୟକୁ ଯିବାରେ ପ୍ରଥମ ଭାରତୀୟ ହୋଇଥିଲେ । ଫ୍ରେଞ୍ଚ ଓପନ୍‌ରେ ସେ ପଦାର୍ପଣ କରିଥିବା ବେଳେ ୱିମ୍ବଲଡନ୍ ମୁଖ୍ୟ ପର୍ଯ୍ୟାୟରେ ମଧ୍ୟ ଖେଳିବେ ।

# ୟୁରୋ କପ୍ : ଫ୍ରାନ୍ସ-ନେଦରଲାଣ୍ଡ୍‌ସ ଗୋଲ୍‌ଶୂନ୍ୟ

## ଜର୍ଜିଆକୁ ପ୍ରଥମ ୟୁରୋ କପ ପଏଣ୍ଟ୍

**ଲିପଜିଗ୍**

ଚଳିତ ୟୁରୋ କପ୍ ଫୁଟ୍‌ବଲ ପ୍ରତିଯୋଗିତାର ଫ୍ରାନ୍ସ ଓ ନେଦରଲାଣ୍ଡ୍‌ସ ଗ୍ରୁପ୍-ଡି ମୁକାବିଲା ଗୋଲଶୂନ୍ୟ ରହିଛି । ପ୍ରଥମାର୍ଦ୍ଧରେ ଗୋଲ ନହେବା ପରେ ଦ୍ୱିତୀୟାର୍ଦ୍ଧରେ ନେଦରଲାଣ୍ଡ୍‌ସ ଏକ ଗୋଲ ଦେଇ ଉତ୍ସବରେ ମାତିଥିଲେ ମଧ୍ୟ ଏହାକୁ ଭାର୍ (ଭିଡ଼ିଓ ଆସିଷ୍ଟାଣ୍ଟ ରେଫରି) ନାକଚ କରି ଦେଇଥିଲା । ଆହତ କାରଣରୁ ଫ୍ରାନ୍ସ ଅଧିନାୟକ କିଲିଆନ ଏମ୍‌ବାପେ ଏହି ମ୍ୟାଚ୍ ନଖେଳିବା ଫ୍ରାନ୍ସର ଫରୱାର୍ଡକୁ ଶାଣିତ କରିପାରି ନ ଥିଲା ତଥାପି ଦଳ ଖେଳିଥିବା ନୂଆ ଫର୍ମାଟ ୪-୩-୨-୧ ପ୍ରଭାବ ପକାଇପାରିଥିଲା । ପ୍ରଥମରୁ ଗ୍ରିଜମ୍ୟାନ୍ ପାଇଥିବା ଦୁଇଟି ସୁଯୋଗ ହାତଛଡ଼ା ହେବା ଶେଷରେ ଫ୍ରାନ୍ସକୁ ସମ୍ପୂର୍ଣ୍ଣ ପଏଣ୍ଟରୁ ବଞ୍ଚିତ ରଖିଲା । ଏହି ମ୍ୟାଚ୍ ପରେ ଉଭୟ ଫ୍ରାନ୍ସ ଓ ନେଦରଲାଣ୍ଡ୍‌ସ ୨ ଲେଖାଏଁ ମ୍ୟାଚ୍‌ରୁ ସମାନ ୪ ପଏଣ୍ଟ ପାଇଛନ୍ତି ।

ହାମ୍ବର୍ଗ: ଜର୍ଜିଆ-ଚେକ୍‌ରିପବ୍ଲିକ ଶନିବାର ଗ୍ରୁପ୍-ଏଫ୍ ମ୍ୟାଚ୍‌କୁ ୧-୧ ଗୋଲ୍‌ରେ ଅମୀମାଂସିତ ରଖି ୧ ପଏଣ୍ଟ୍ ଲେଖାଏଁ ଅର୍ଜନ କରିଛନ୍ତି । ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ତଥା ରୋମାଞ୍ଚକ ମୁକାବିଲାର ପ୍ରଥମାର୍ଦ୍ଧ ଆହତ ସମୟରେ ଜର୍ଜେସ ମିକୁତାଜି (୪୫+୪ ମିନିଟ୍) ଏକ ଚମତ୍କାର ଗୋଲ ଦେଇ ଜର୍ଜିଆକୁ ଆଗୁଆ କରିଥିଲେ । ଦ୍ୱିତୀୟାର୍ଦ୍ଧର ଚତୁର୍ଦ୍ଦଶ ମିନିଟ୍‌ରେ ପାଟ୍ରିକ ସ୍କିକ୍‌ଙ୍କ ମାଧ୍ୟମରେ ଚେକରିପବ୍ଲିକ ଏହାକୁ ଶୁଝି ଦେଇଥିଲା । ଅବଶିଷ୍ଟ ୩୧ ମିନିଟ୍‌ରେ ଉଭୟ ଦଳ ପରସ୍ପରର ରକ୍ଷଣଭାଗ ଉପରେ ଘନଘନ ଆକ୍ରମଣ କରିଥିଲେ ମଧ୍ୟ ଗୋଲ ଦେବାକୁ ସକ୍ଷମ ହୋଇ ନଥିଲେ । ଫଳରେ ବିନା ଫଳାଫଳରେ ମ୍ୟାଚ୍ ଶେଷ ହୋଇଥିଲା । ତେବେ ଏହି ମ୍ୟାଚ୍‌କୁ ଅମୀମାଂସିତ ରଖି ଜର୍ଜିଆ ନିଜ ଫୁଟ୍‌ବଲ ଇତିହାସରେ ସଫଳତାର ନୂଆ ଫର୍ଦ୍ଦ ଯୋଡ଼ିଥିଲା । ପ୍ରଥମ ଥର ପାଇଁ ୟୁରୋ କପ୍‌ର କୌଣସି ସଂସ୍କରଣରେ ପଏଣ୍ଟ ଅର୍ଜନ କରିଥିଲା ।

ବର୍ଲିନ: ଚଳିତ ୟୁରୋ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ଗ୍ରୁପ୍-ଡି ସ୍ଥାନ ପାଇଥିବା ଅଷ୍ଟ୍ରିଆ ଶୁକ୍ରବାର ପ୍ରଥମ ବିଜୟ ପାଇଛି । ଏଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଷ୍ଟ୍ରିଆ ୩-୧ ଗୋଲ୍‌ରେ ପୋଲାଣ୍ଡକୁ ପରାସ୍ତ କରିଥିଲା । ନବମ ମିନିଟ୍‌ରେ ଗେର୍ନେଟ ଟ୍ରାଉନରଙ୍କ ଗୋଲ୍‌ରେ ଅଷ୍ଟ୍ରିଆ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ପୋଲାଣ୍ଡର କ୍ରଜିଷ୍ଟଫ ପିଆଟେକ (୩୦ ମିନିଟ୍) ଏହି ଗୋଲ୍‌ଟି ଶୁଝି ସ୍ଥିତି ବରାବର କରିଥିଲେ । ପ୍ରଥମାର୍ଦ୍ଧ ୧-୧ରେ ଶେଷ ହୋଇଥିଲା । ଦ୍ୱିତୀୟାର୍ଦ୍ଧରେ ଅଷ୍ଟ୍ରିଆ ଦୁଇଟି ଗୋଲ୍ ଲଦି ୩-୧ରେ ବିଜୟ ମୁଣ୍ଡି ମାରିଥିଲା । ୬୬ତମ ମିନିଟ୍‌ରେ କ୍ରିଷ୍ଟୋଫ ବାଉମଗାର୍ଟନର ଗୋଲ୍‌ରେ ଅଷ୍ଟ୍ରିଆ ୨-୧ରେ ଆଗୁଆ ହୋଇଥିଲା । ୭୭ତମ ମିନିଟ୍‌ରେ ଅଷ୍ଟ୍ରିଆର ଖେଳାଳି ମାର୍ସେଲ ସାବିତଜରଙ୍କୁ ପୋଲାଣ୍ଡ ଗୋଲି ଓଜିଚ୍ ସେସ୍‌ନି ଫାଉଲ ମାରିଥିଲେ । ରେଫରି ସେସ୍‌ନିଙ୍କୁ ୟେଲୋ କାର୍ଡ ଦେବା ସହ ଅଷ୍ଟ୍ରିଆକୁ ପେନାଲ୍‌ଟି ଦେଇଥିଲେ । ଏହି ପେନାଲ୍‌ଟିକୁ ମାର୍କୋ ଅର୍ନାଉତୋଭିକ୍ ଗୋଲ୍ ଦେଇ ସ୍ଥିତି ୩-୧ କରିଥିଲେ । ଏହି ଦୁଇ ଗୋଲ୍ ଶୁଝିବାକୁ ପୋଲାଣ୍ଡ ବହୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇ ପରାଜୟ ବରଣ କରିଥିଲେ ।






ନେମାଳ : ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଆୟୋଜିତ ବାଲିଯାତ୍ରା ମହୋତ୍ସବରେ ଅତିଥିରୂପେ ଯୋଗ ଦେଇଛନ୍ତି ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, କଟକ ସଦର ବିଧାୟକ ପ୍ରକାଶ ସେଠୀ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

## କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଓ ଅର୍ଥ ମନ୍ତ୍ରୀଙ୍କୁ ଉପ ମୁଖ୍ୟମନ୍ତ୍ରୀଙ୍କ ସୌଜନ୍ୟମୂଳକ ସାକ୍ଷାତ





**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କେନ୍ଦ୍ର ଓ ଓଡିଶାରେ ନୂଆ ସରକାର ଗଠନ ପରେ ଓଡିଶାର ନବନିଯୁକ୍ତ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂ ଦେଓ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରି ଶ୍ରୀ ସିଂହ ନୂଆ ସରକାରଙ୍କ ଗଠନମୂଳକ ଆଭିମୁଖ୍ୟ ଉପରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

### ସ୍ୱର୍ଗତଃ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୨ତମ ବଳିଦାନ ଦିବସ

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଜେପିର ବିଚାରଧାରା ଓ ରାଜନୈତିକ ଆନ୍ଦୋଳନର ପ୍ରଣେତା ଥିଲେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ। ସେ ଜଣେ ବିଶିଷ୍ଟ ରାଜନେତା ହେବା ସହ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ନେତୃତ୍ୱରେ ୧୯୫୧ ମସିହାରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ଜନସଂଘ ପରବର୍ତ୍ତୀ ସମୟରେ ବିଜେପି ଭଳି ବିଶାଳ ରାଜନୈତିକ ଦଳରେ ପରିଣତ ହୋଇଛି। ଏହି ଦଳ ବିଶ୍ୱର ସର୍ବବୃହତ ରାଜନୈତିକ ଦଳଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଭାରତର ଏକତା ଓ ଅଖଣ୍ଡତା ପାଇଁ ସ୍ୱର୍ଗତଃ ମୁଖାର୍ଜୀ ନିଜ ଜୀବନ ସମର୍ପଣ କରିଥିଲେ। ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ପାଇଁ ସେ ସଂକଳ୍ପବଦ୍ଧ ଥିଲେ।

ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ଭାବେ ପାଳନ କରାଯାଉଅଛି । ରବିବାର ରାଜ୍ୟ କାର୍ଯ୍ୟାଳୟରେ ସ୍ୱର୍ଗତଃ ମୁଖାର୍ଜୀଙ୍କ ୭୨ତମ ବଳିଦାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, ଏକାମ୍ର ବିଧାୟକ ବାବୁ ସିଂ, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠି, ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତିନ ମହାନ୍ତି, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଦର୍ଶନ ନାୟକ, ଭୁବନାନନ୍ଦ ତ୍ରିପାଠୀ, ନିରଞ୍ଜନ ମିଶ୍ର, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ପଞ୍ଚାନନ ନାୟକ ପ୍ରମୁଖଙ୍କ ସମେତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ସ୍ୱର୍ଗତଃ ମୁର୍ଖାଜୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସ୍ମରଣ କଲେ ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଶ୍ରଦ୍ଧେୟ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତର ଅସ୍ମିତା ଓ ଅଖଣ୍ଡତା ପ୍ରତି ଆଜୀବନ ସଂଘର୍ଷ କରିଥିଲେ ତଥା ଭାରତୀୟ ସଂସ୍କୃତି ଓ ସମାଜର ପୁନର୍ନିର୍ମାଣ ପାଇଁ ଜନସଂଘ ସ୍ଥାପନା କରିଥିଲେ । ନିଜ ଆଦର୍ଶ ଓ ବିଚାରରେ ସେ ଭାରତୀୟ ରାଜନୀତିରେ ଉଚ୍ଚ ଆଦର୍ଶ ସ୍ଥାପିତ କରିଛନ୍ତି । ରାଷ୍ଟ୍ର ଏକତା ପାଇଁ ସେ ନିଜ ଜୀବନ ବଳିଦାନ ଦେଇଥିଲେ । ଏଭଳି ମହାନ ରାଷ୍ଟ୍ର ନିର୍ମାତାଙ୍କ ବଳିଦାନ ଦିବସ ଅବସରରେ ତାଙ୍କ ଚରଣରେ କୋଟି କୋଟି ପ୍ରଣାମ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା' ତାରିଣୀଙ୍କ...

ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ମନ୍ଦିର ବାହାରେ ଏକ ସାଧାରଣ ଲୋକ ପରି ନଡ଼ିଆ କୋରା, ମା'ଙ୍କ ଫଟୋ ଓ ଭୋଗ ସାମଗ୍ରୀ ନିଜେ ପଇସା ଦେଇ କିଣିଥିଲେ। ଦୋକାନୀ ଅଧିର ଦାସଙ୍କ ଭଲ ମନ୍ଦ ପଚାରି ବୁଝିଥିଲେ । ଅଧିର ଦାସ ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ଆଶ୍ଚର୍ଯ୍ୟ ହୋଇଯାଇ ଥିଲେ ଏବଂ କହିଥିଲେ ମୋ ଭଳି ଗୋଟେ ସାଧାରଣ ଲୋକ ଓ ଏକ ସାଧାରଣ ଦୋକାନକୁ ମୁଖ୍ୟମନ୍ତ୍ରୀ ଆସିବେ ବୋଲି ମୁଁ କେବେ କଳ୍ପନା କରି ନଥିଲି । ଲୋକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଏତେ ସାଧାରଣ ଭାବରେ ମିଶିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରୁଥାଏ। ରୋଡ ସୋ'ରେ ଏବଂ ମନ୍ଦିର ପାଖରେ ଲୋକଙ୍କ ଅଭିଯୋଗ ପତ୍ର ମଧ୍ୟ ଗ୍ରହଣ କରୁଥାନ୍ତି ମୁଖ୍ୟମନ୍ତ୍ରୀ।

ମା'ଙ୍କ ଦର୍ଶନ ସାରି ଫେରିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ, ପୂର୍ବ ସରକାରର ମୁଖ୍ୟମନ୍ତ୍ରୀ ଲୋକଙ୍କ ସହ ମିଶୁନଥିଲେ, ମୁଁ ଗୋଟେ ସାଧାରଣ ଗରିବ ଘରୁ ଆସିଛି, ସରପଞ୍ଚ ଭାବେ ରାଜନୈତିକ ଯାତ୍ରା ଆରମ୍ଭ କରି ଆଜି ମୁଖ୍ୟମନ୍ତ୍ରୀ ହୋଇଛି । ତେଣୁ ଗରିବଙ୍କୁ ଚିହ୍ନିବା ଓ ଗରିବର ସମସ୍ୟା ଜାଣିବାରେ ମୋର ଅସୁବିଧା ନାହିଁ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଘଟଗାଁକୁ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦିଆଯିବା ସହିତ ଜାତୀୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ। ଏବେ ମା'ଙ୍କ ମନ୍ଦିର ବିକାଶ ପାଇଁ ୫୦ କୋଟି ଟଙ୍କାର କାମ ଚାଲିଛି । ଏହା ପର୍ଯ୍ୟାପ୍ତ ନୁହେଁ, ମା'ଙ୍କ ମନ୍ଦିର ପାଇଁ ମୁଖ୍ୟମନ୍ତ୍ରୀ ଆଉ ୫୦ କୋଟିର ଅନୁଦାନ ଘୋଷଣା କରିଥଲେ। ଏବେ ୧୦୦ କୋଟି ଟଙ୍କାରେ ମା'ଙ୍କ ମନ୍ଦିର ବିକାଶ କାମ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ଆହୁରି ମଧ୍ୟ କହିଲେ ଯେ, ଖଣି ଖାଦାନ, ବୈତରଣୀ ଓ ମା' ତାରିଣୀଙ୍କ ଆଶୀର୍ବାଦ କେନ୍ଦୁଝରକୁ ସମୃଦ୍ଧ କରିଛି। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ କେନ୍ଦୁଝର ହେବ ସୁନାର କେନ୍ଦୁଝର ବୋଲି ସେ କହିଥିଲେ।

### ଖୁବ୍‌ଶୀଘ୍ର ଶ୍ରୀମନ୍ଦିରରେ...

ମାସରେ ସରକାରଙ୍କ ପ୍ରଥମ ୧୦୦ ଦିନର ଏଜେଣ୍ଡାରେ ସ୍ଥାୟୀ ପ୍ରଶାସକ ନିଯୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବ ବୋଲି ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି।

ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ନୀତିକାନ୍ତିଠୁ ଆରମ୍ଭ କରି ଦର୍ଶନ ପର୍ଯ୍ୟନ୍ତ ଅନେକ କଥାକୁ ଶୃଙ୍ଖଳିତ କରିବା ପାଇଁ ଯେଉଁ ସବୁ ଯୋଜନା ତିଆରି ହୋଇଛି, ସେ ସବୁକୁ ଅନୁଧ୍ୟାନ କରିବା ପାଇଁ ଜଣେ ସ୍ଥାୟୀ ପ୍ରଶାସକ ନିହାତି ଆବଶ୍ୟକ। ଶୀମନ୍ଦିରରେ ସ୍ଥାୟୀ ପ୍ରଶାସକ ନିଯୁକ୍ତି ନେଇ କୋର୍ଟଙ୍କ ନିର୍ଦ୍ଦେଶ ମଧ୍ୟ ରହିଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

### ସୁରକ୍ଷା ବାହିନୀ...

କରିଥିଲେ। ଏହାର ଜବାବରେ ସୁରକ୍ଷା ବାହିନୀଙ୍କ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ସୁରକ୍ଷାକର୍ମୀଙ୍କ ପକ୍ଷରୁ ପାଲଟା ଗୁଳି ଚାଳନା ହେବା ମାତ୍ରେ ଆତଙ୍କବାଦୀମାନେ ପଛଘୁଞ୍ଚା ଦେଇଥିଲେ।

ଜଣେ ଅଧିକାରୀ କହିଛନ୍ତି ଯେ ଗୋହଲାନ ଅଞ୍ଚଳରେ ଅନୁପ୍ରବେଶ ଉଦ୍ୟମ ବିଫଳ ହୋଇଛି । ସୁରକ୍ଷା ବାହିନୀ ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନ କରୁଛନ୍ତି।

### ବର୍ଷା ନାହିଁ: ୪ ଜିଲ୍ଲାରେ...

ବର୍ଷା ରେକର୍ଡ ହୋଇଥିବା ଭୁବନେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଜିଲ୍ଲାଗୁଡ଼ିକ ହେଉଛି- ନବରଙ୍ଗପୁର, ମାଲକାନଗିରି, କନ୍ଧମାଳ, ଢେଙ୍କାନାଳ ଓ ଜଗତସିଂହପୁର।

ଗତ ୨୪ ଘଣ୍ଟାରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟିରେ ସର୍ବାଧିକ ୫୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ନବରଙ୍ଗପୁର ସହରରେ ୩୨ ମିମି ବର୍ଷା ହୋଇଛି । ଫୁଲବାଣୀରେ ୫୧.୪ ମିମି ବର୍ଷା ହୋଇଥିବା ବେଳେ କୁଜଙ୍ଗରେ ୫୧, ଭଞ୍ଜନଗରରେ ୫୦.୧, ମାଲକାନଗିରିରେ ୪୮.୨, କରଞ୍ଜିଆରେ ୪୮, କନ୍ଧମାଳର ଟିକାବାଲିରେ ୪୭, ଫିରିଙ୍ଗିଆରେ ୪୫.୨, ବରଗଡ଼ର ଅତାବିରାରେ ୪୦, ମାଲକାନଗିରିର ମାଥିଲିରେ ୩୮, କନ୍ଧମାଳର ଖଜୁରୀପଡ଼ାରେ ୩୬ ଓ ଗଞ୍ଜାମର ବେଲଗୁଣ୍ଠାରେ ୩୨.୨ମିମି ବର୍ଷା ରେକର୍ଡ ହୋଇଛି।

ସୂଚନାଯୋଗ୍ୟ, ରବିବାର ରାଜ୍ୟର ସବୁ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପହଞ୍ଚି ସାରିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଜୁନ ୨୬ ତାରିଖରୁ ବର୍ଷାର ପରିମାଣ ବଢିପାରେ ବୋଲି ଆକଳନ କରାଯାଇଛି।

### ସୁଭଦ୍ରା ଯୋଜନାରେ...

ଏହି ଯୋଜନାକୁ ମହିଳାମାନଙ୍କ ପାଖରେ ପହଞ୍ଚାଇବା ଲାଗି ପ୍ରସ୍ତୁତ ରହିଛି। ଏହି ଯୋଜନା ଲାଗି ଆବଶ୍ୟକୀୟ ବଜେଟ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି ବୋଲି ସେ ମଧ୍ୟ କହିଛନ୍ତି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ମା' ନାଁ ରେ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ସାଢ଼େ ଚାରି କୋଟି ଓଡ଼ିଆଙ୍କ ଲାଗି ସାଢେ ଚାରି କୋଟି ଗଛ ଲଗାଇବାକୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଲକ୍ଷ୍ୟ। ପ୍ରଥମ ପର୍ଯ୍ୟାୟରେ ସାତ ଦିନ ମଧ୍ୟରେ ମିଶନ ଶକ୍ତିର ମହିଳାମାନେ ଅଢେଇ କୋଟି ଗଛ ଲଗାଇବେ। ଏନେଇ ହର୍ଟି କଲଚର,ଏଗ୍ରି କଲଚର, ଜଙ୍ଗଲ ବିଭାଗ ଓ ବିଭିନ୍ନ ନର୍ସରୀରେ ଥିବା ଗଛ ଗୁଡ଼ିକୁ ମିଶନ ଶକ୍ତି ମା'ମାନଙ୍କୁ ଯୋଗାଇ ଦେବାକୁ ବିଭାଗ ଗୁଡିକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚିଠି ଲେଖିବେ।

### ଆଜିଠୁ ରାଜ୍ୟରେ...

ଆଣିବାର ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଗଣିତରେ ଭଲ ଜ୍ଞାନ ଆସିବ। ସମୟ ସମୟରେ ଏଭଳି ପଦକ୍ଷେପ ନିଆଯିବା ଆବଶ୍ୟକ ରହିଛି ବୋଲି କହିଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ।

ସୂଚନାଯୋଗ୍ୟ ଯେ,ରାଜ୍ୟରେ ପ୍ରବଳ ଖରା କାରଣରୁ ସ୍ୱାଭାବିକ ଭାବେ ଚାଲିପାରୁନଥିଲା ସ୍କୁଲ । ହେଲେ ଏବେ ପାଣିପାଗ ବଦଳିଥିବାରୁ, ସ୍କୁଲ ସ୍ୱାଭାବିକ ଚାଲିବା ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି।

### ଦକ୍ଷିଣ ଚୀନ ସାଗରରେ...

କ୍ଷତି ପହଞ୍ଚାଇବା ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ ଏବେ ପଛକୁ ହଟିବାର ପ୍ରଶ୍ନ ଉଠୁନାହିଁ । ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ ଜୁନିୟର ତାଙ୍କ ଶୀର୍ଷ ଅଧିକାରୀ ଏବଂ ପ୍ରତିରକ୍ଷା ମୁଖ୍ୟଙ୍କ ସହ ଦ୍ୱୀପ ପ୍ରଦେଶ ପାଲାୱାନ ଅଭିମୁଖେ ଯାତ୍ରା କରିଥିଲେ। ସେ ସେଠାରେ ଚୀନ ତଟରକ୍ଷୀ ବାହିନୀ ଦ୍ୱାରା ଟାର୍ଗେଟ ହୋଇଥିବା ନୌସେନା କର୍ମଚାରୀଙ୍କୁ ଭେଟି ପଦକ ପ୍ରଦାନ କରିବାକୁ ଯାଇଥିଲେ।

### ଚଳାପଥ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ

## ସାରସ୍ୱତ ସାଧକମାନଙ୍କର ଚଳାପଥ କୁସୁମିତ ନହେଲେ ସାହିତ୍ୟ, ସଂସ୍କୃତି ଓ ପ୍ରଗତୀର ନନ୍ଦୀଘୋଷ ଅଟକି ଯିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସାରସ୍ୱତ ସାଧକମାନଙ୍କର ଚଳାପଥ କୁସୁମିତ ନହେଲେ ସାହିତ୍ୟ, ସଂସ୍କୃତି ଓ ପ୍ରଗତୀର ନନ୍ଦୀଘୋଷ ଅଟକିଯିବ । ସାରସ୍ୱତ ସାଧନାରେ ନିମଗ୍ନ ସୃଜନ ସ୍ରଷ୍ଟାମାନଙ୍କର ସ୍ୱପ୍ନକୁ ସାକାର କରିବାରେ ଚଳାପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଚଳାପଥ ସୁବର୍ଣ୍ଣ ଜୟନ୍ତୀର ଉଦ୍‌ଯାପନ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକା ପ୍ରଫେସର ଡକ୍ଟର ଅର୍ଚ୍ଚନା ନାୟକ ଓ ସ୍ୱତନ୍ତ୍ର ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ସଙ୍ଘମିତ୍ରା ଭଞ୍ଜ ଯୋଗ ଦେଇ କହିଥିଲେ ଯେ ଓଡ଼ିଆ ଭାଷା, ସାହିତ୍ୟର ବିକାଶପାଇଁ ସାହିତ୍ୟିକମାନଙ୍କ ମଧ୍ୟରେ ସାରସ୍ୱତ ସେତୁ ନିର୍ମାଣ ହେବା ଉଚିତ। ଅନ୍ୟମାନଙ୍କ ମଧ୍ୟରେ ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀର ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ କବି ନିରାକାର ଦାସ, ଚଳାପଥର ଉପସଭାପତି ଭୁବନ ମୋହନ ମହାନ୍ତି, ପ୍ରଫେସର ଡକ୍ଟର ଗୀତାଶ୍ରୀ ପ୍ରୀୟମ୍ବଦା, ଚଳାପଥର ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ 'ଚଳାପଥ' ଉନ୍ମଚିତ ହେବା ସଙ୍ଗେ ସଙ୍ଗେ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ପୁସ୍ତକ 'ଜଗନ୍ନାଥ ଧାମରୁ ପଶୁପତି ନାଥ' ଏବଂ ସଲିଳା ମହାନ୍ତିଙ୍କ ପୁସ୍ତକ 'ଅଜଣା ଗଛ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବି ଶଶି ଭୂଷଣ ଦାସ, ଡାକ୍ତର ଭରତ ପାଣିଗ୍ରାହୀ, ଡାକ୍ତର ଶ୍ରୀକାନ୍ତ ସାହୁ, ଆଡ଼ଭୋକେଟ ସୁଧାଂଶୁ ଶେଖର ଦାସ, ଇଂ ଅଶ୍ୱିନୀ କୁମାର ଦାସ, ବିଜୟ କୁମାର ତ୍ରିପାଠୀ, ଡକ୍ଟର ମନମୋହନ ଆଚାର୍ଯ୍ୟ, ପ୍ରଫେସର ଡକ୍ଟର ଅଜୟ ସ୍ୱାଇଁ, ପ୍ରଫେସର ଡକ୍ଟର ରଜନୀ ରଂଜନ ଦାଶ, ସମାଜସେବୀ ପ୍ରଶାନ୍ତ କୁମାର ରାୟ, ବଂଶୀଧର ଭୋଇ, ବରିଷ୍ଠ ସାମ୍ବାଦିକ ଶଶି ଭୂଷଣ ସାହୁ, ଜିତେନ୍ଦ୍ର କୁମାର ପଟ୍ଟନାୟକ, ପାର୍ଥ ସାରଥୀ ଜେନା, ଡକ୍ଟର ମାଧବାନନ୍ଦ ବେହୁରା, ହିମାଂଶୁ ପ୍ରସାଦ ସିଂହ, ସଞ୍ଜୟ କୁମାର ସୁବୁଦ୍ଧି, ସଞ୍ଜୟ କୁମାର ଭଟ୍ଟ, ତିଳୋମା ସାହୁ, ଡକ୍ଟର ହିମାଂଶୁ ଶେଖର ପାଢ଼ୀ, ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ, ସୁଚିତ୍ରା ପାଣିଗ୍ରାହୀ, ରାଧାକାନ୍ତ ପଣ୍ଡା, ଇଂ ଦେବବ୍ରତ ପଣ୍ଡା ପ୍ରମୁଖଙ୍କୁ ଚଳାପଥ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା।




### ପିସିସି ସଭାପତିଙ୍କୁ କାଳିମାଡ଼ ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ

## ୫ ଜଣଙ୍କୁ ବହିଷ୍କାର କଲା ଦଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମହଙ୍ଗା ପଡ଼ିଲା ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ କାଳିମାଡ଼ । କାଳିମାଡ଼ ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇଛି କଂଗ୍ରେସ । ଦଳର ଶୃଙ୍ଖଳା ଭାଙ୍ଗିଥିବାରୁ ୫ ଜଣ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ଦଳ ୬ ବର୍ଷ ପାଇଁ ବହିଷ୍କାର କରିଛି । ଗତ ଶୁକ୍ରବାର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଚାମ୍ବରରେ ପଶି ତାଙ୍କୁ କାଳିମାଡ଼ କରାଯାଇଥିଲା । ଘଟଣା ଘଟିବା ସମୟର ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା । ପିସିସି ସଭାପତିଙ୍କ ଉପରେ କାଳିମାଡ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛି ଦଳ । କଂଗ୍ରେସରୁ ୬ ବର୍ଷ ପାଇଁ ୫ ଜଣ କର୍ମୀଙ୍କୁ ବହିଷ୍କୃତ କରାଯାଇଛି । ବହିଷ୍କୃତ ହୋଇଥିବା ବ୍ୟକ୍ତିମାନେ ହେଲେ ପ୍ରକାଶ ମିଶ୍ର, ଶ୍ରୀୟାସ୍ମିତା ପଣ୍ଡା, ଅମରେଶ ପରିଡା, ସନ୍ଦୀପ ରାଉତରାୟ ଓ ଆୟର୍ନ ସାସମଲ । ସିସିଟିଭି ଭିଡିଓ ଫୁଟେଜ ଆଧାରରେ ସେମାନଙ୍କ ଉପରେ ପଦକ୍ଷେପ ଗ୍ରହଣ କରିଛି ଦଳ । ପିସିସି ସଭାପତିଙ୍କୁ କାଳିମାଡ଼ ଘଟଣାକୁ ନେଇ କଂଗ୍ରେସ ଶୃଙ୍ଖଳା କମିଟିର ଚେୟାରମ୍ୟାନ ସନ୍ତୋଷ ସିଂ ସାଲୁଜା କହିଛନ୍ତି, 'ପିସିସି ସଭାପତିଙ୍କ ଉପରକୁ କାଳିମାଡ଼ କରିବା ଏକ ନିନ୍ଦନୀୟ ଘଟଣା । ଏହାକୁ ବରଦାସ୍ତ କରାଯିବ ନାହିଁ । କଂଗ୍ରେସ ଗୋଟିଏ ଶୃଙ୍ଖଳିତ ଦଳ । ଗତ ଶୁକ୍ରବାର ଦିନ ପିସିସି ସଭାପତି ସାରା ଦେଶରେ ହୋଇଥିବା ପିଜି ନେଟ୍ ପରୀକ୍ଷାରେ ବିଭ୍ରାଟ ପାଇଁ ପ୍ରତିବାଦ କରିବାକୁ ଆସିଥିଲେ । ଏଥିପାଇଁ ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ଡକାଯାଇଥିଲା । ଏହି ସମୟରେ ନାରାବାଜି ଓ ଶରତ ପଟ୍ଟନାୟକଙ୍କ ଉପରକୁ କାଳିମାଡ଼ କରାଗଲା । ତାହାକୁ ତର୍ଜମା କରିବା ପରେ ସିସିଟିଭି ଫୁଟେଜ ଆଧାରରେ ୫ ଜଣଙ୍କୁ ପିସିସି ସଭାପତି ନିଲମ୍ବିତ କରିଛନ୍ତି । ନିଶ୍ଚିତ ଭାବରେ ଏହି ପ୍ରତିବାଦକୁ ଭଣ୍ଡୁର କରିବା ପାଇଁ ଏପରି କରାଯାଇଛି । ସମସ୍ତ କଂଗ୍ରେସ କର୍ମୀ ଓ ନେତା ପିସିସି ସଭାପତିଙ୍କୁ ସମ୍ମାନ ଦେବା କଥା । ଏଥିରେ ବିଚ୍ୟୁତି ହେଲେ ଦଳ ବରଦାସ୍ତ କରିବ ନାହିଁ । 'ସୂଚନା ଥାଉ, ଗତ ଶୁକ୍ରବାର ଭୁବନେଶ୍ୱର କଂଗ୍ରେସ ଭବନରେ ଏଆଇସିସି ପକ୍ଷରୁ ଏନ୍‌ଇଟି ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବରୁ ପିସିସି ସଭାପତିଙ୍କ ଉପରେ କାଳିମାଡ଼ ହୋଇଥିଲା । କଂଗ୍ରେସ ଭବନରେ ପିସିସି ସଭାପତି ଶରତ ପଟ୍ଟନାୟକ ଚାମ୍ବରରେ ବସିଥିଲେ । ଏହି ସମୟରେ ପିସିସି ସଭାପତିଙ୍କ ପ୍ରକୋଷ୍ଠରେ କିଛି ଯୁବକ ପଶି ତାଙ୍କ ଉପରେ କାଳିମାଡ଼ କରିଥିଲେ । ପରେ ଶରତ କ୍ୟାପିଟାଲ ଥାନାକୁ ଯାଇ ପୋଲିସ ସହ ଆଲୋଚନା କରିଥିଲେ । ସିସିଟିଭି ଫୁଟେଜ ଯାଞ୍ଚ ପରେ ସେମାନଙ୍କ ଉପରେ ଦଳ ରବିବାର କାର୍ଯ୍ୟାନୁଷ୍ଠାନ ନେଇଛି ।



### ହେଟା ବାଘ ଆକ୍ରମଣରେ ଶିଶୁ ଆହତ

**କେନ୍ଦୁଝର, ନ୍ୟୁଜ**
କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅନ୍ତର୍ଗତ ନିହୁଆ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏକ ହେଟା ବାଘ ଆକ୍ରମଣରେ ୪ ବର୍ଷର ଶିଶୁ ଆହତ ହୋଇଥିବା ଜଣାପଡିଛି । ଆହତ ଶିଶୁଟି ନିହୁଆ ଗ୍ରାମର ଅନାମ ମୁଣ୍ଡାଙ୍କ ୪ ବର୍ଷର ପୁଅ ବାବାଜୀ ମୁଣ୍ଡା ବୋଲି ଜଣାପଡିଛି । ଶିଶୁଟି ତା'ର ମାଆ ଚୁଡାମଣି ମୁଣ୍ଡାଙ୍କ ସହ ଘର ବାରଣ୍ଡାରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ନିକଟସ୍ଥ ନିହୁଆ ସଂରକ୍ଷିତ ଜଙ୍ଗଲରୁ ଏକ ହେଟା ବାଘ ଆସି ଅତର୍କିତ ଆକ୍ରମଣ କରିଥିଲା । ଶିଶୁଟିର ପାଟି ଶୁଣି ମାଆ ଉଠି ପଡି ପାଟି କରିବାରୁ ହେଟା ବାଘ ପଳାଇ ଯାଇଥିଲା । ଖିରେଇଟାଙ୍ଗିରୀ ସେକ୍ସନ ଦାୟିତ୍ୱରେ ଥିବା ବନରକ୍ଷୀ ଡଲିରାଣୀ ସାହୁ ଖବର ପାଇ ଘଟଣାସ୍ଥଳକୁ ଯାଇ ଆହତ ଶିଶୁଟିକୁ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଆହତ ଶିଶୁଟି ସରକାରୀ ନିୟମ ମୁତାବକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବନରକ୍ଷୀ ଡଲିରାଣୀ ସାହୁ କହିଛନ୍ତି । ନିହୁଆ ସଂରକ୍ଷିତ ଜଙ୍ଗଲରେ ହିଂସ୍ର ବନ୍ୟପ୍ରାଣୀ ଥିବାରୁ ଘର ଅଗଣାରେ ଛୋଟ ଶିଶୁକୁ ନ ଶୋଇବାକୁ ବନବିଭାଗ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଇଛି ।

## ତିନି ରଥର ଚକ ପହିରେ କ୍ଲାମ୍ପ ଲାଗିଲା

**ପୁରୀ, ନ୍ୟୁଜ ବ୍ୟୁରୋ**
ତିନି ରଥ ନିର୍ମାଣ କାର୍ଯ୍ୟ ଯୋରସୋରରେ ରଥଖଳାରେ ଆଗେଇ ଚାଲିଛି । ଗତ ଦୁଇଦିନ ତଳେ ତିନିରଥର ବିଭିନ୍ନ ଚକରେ ଫାଟ ଥିବା ସମ୍ପର୍କରେ ଖବର ପ୍ରକାଶ ପାଇଥିଲା । ଏ ସଂପର୍କରେ ଶ୍ରୀମନ୍ଦିର ପ୍ରଶାସନ ଓ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ ହେବାରୁ ରବିବାର ଅପରାହ୍ନରେ ତାଙ୍କ ମିଳିତ ଟିମ ତିନି ରଥର ୪୨ ଚକ ଯାଂଚ୍ କରିବା ସହ ପ୍ଲେଟ କ୍ଲାମ୍ପ ସଂଯୋଗ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନର ଇଆଇସି ଇଞ୍ଜିନିୟର ଡକ୍ଟର ଏନ ସି ପାଲଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗର ଏସଡିଓ ଇଂ. ଚକ୍ରଧର ମହାରଣା, ଆସିଷ୍ଟାଣ୍ଟ ଇଞ୍ଜିନିୟର ଜଗନ୍ନାଥ ମିଶ୍ର, ରେଲୱେ ସିନିୟର ସିଡିଓ ସୁରେନ୍ଦ୍ର କୁମାର ପାଢୀ, ମନୋଜ, ବଟକୃଷ୍ଣ, ରବୀନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ । ତିନିରଥର ମୁଖ୍ୟ ମହାରଣା ଯଥା ନନ୍ଦିଘୋଷ ରଥର ବିଜୟ ମହାପାତ୍ର, ଦର୍ପଦଳନ ରଥର ନାରାୟଣ ମହାରଣା ଓ ତାଳଧ୍ୱଜ ରଥର ନୃସିଂହ ମହାରଣା ପ୍ରମୁଖ ଉପସ୍ଥିତ ରହିବା ସହ ଓଝା ସେବକ ପଇରେ ବିନ୍ଧ କରି କ୍ଲାମ୍ପ ବାଡେଇ ନଟବୋଲ୍ଟ ଫିଟିଙ୍ଗ କରିଥିଲେ । ପ୍ରତି ରଥର ଲମ୍ବ ଓ ଓସାର ୩୫ ଫୁଟରେ ୩୫ ଫୁଟ ହୋଇଥିବା ବେଳେ ଏହା ୧୨୨୫ ଫୁଟ ଗୋଲେଇ ମଧ୍ୟରେ ଦଣ୍ଡାୟମାନ ହୋଇଛି । ରଥ ଉପରେ ସେବକ ମାନଙ୍କ ଓଜନ ଚାପ ଅଖ ଓ ଚକ ଉପରେ ପଡିଥାଏ। ପ୍ରତିଦିନ ଇଞ୍ଜିନିୟର ମାନେ ରଥର ବିଭିନ୍ନ ସ୍ଥାନରେ ପରିଦର୍ଶନ କରି ତନଖି କରୁଛନ୍ତି ।

### ଜେଏସଡବ୍ଲୁ-ବିପିଏସ୍‌ଏଲ୍ ପକ୍ଷରୁ ବୃକ୍ଷରୋପଣ ଅଭିଯାନ ଆରମ୍ଭ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**
ସମ୍ବଲପୁର ଜିଲ୍ଲା ରେଙ୍ଗାଲି ତହସିଲ ଅନ୍ତର୍ଗତ ଜେଏସଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନୁଯାୟୀ ଠେଲକୋଲଇ ପଂଚାୟତରେ ବ୍ୟାପକ ବୃକ୍ଷରୋପଣ କରାଯିବ । ଏଥିପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି । ସୁସ୍ଥ ପରିବେଶ ଏବଂ ସବୁଜ ବଳୟ ସୃଷ୍ଟି ପାଇଁ ଏହି କାର୍ଯ୍ୟକ୍ରମରେ ଗ୍ରାମପଂଚାୟତର ସମସ୍ତ ପରିବାରକୁ ବିଭିନ୍ନ କିସମର ଚାରାରୋପଣ କରାଯିବ । ପ୍ରାଥମିକ ପର୍ଯ୍ୟାୟରେ କମ୍ପାନୀ ନିକଟସ୍ଥ ପିଡ଼ିଏଫ୍ କଲୋନୀରେ ବିଭିନ୍ନ ଘର ମାନଙ୍କୁ ୪ ଶହ ଚାରା ବିତରଣ କରାଯାଇଛି । ଠେଲକୋଲଇ ସରପଂଚ ଅବନ୍ତୀ ନାୟକ ଏଥିରେ ଯୋଗ ଦେଇ ଚାରା ରୋପଣର ଉପକାରିତା ଓ ରୋପଣ କରାଯାଉଥିବା ବୃକ୍ଷର ଯତ୍ନ ଉପରେ ଜୋର୍ ଦେଇଥିଲେ । ଏହାଦ୍ୱାରା ଦୀର୍ଘସ୍ଥାୟୀ ପରିବେଶ ସନ୍ତୁଳନତା ରକ୍ଷା କରାଯାଇ ପାରିବ । ନିରନ୍ତର ବିକାଶ ଏବଂ ପରିବେଶଗତ ଆହ୍ୱାନର ସଠିକ୍ ପରିଚାଳନା ପାଇଁ କମ୍ପାନୀ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛି ।

### ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦିଲ୍ଲୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଧନ ସିଂହଦେଓ ରବିବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ତାଙ୍କ ବାସଭବନରେ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତରେ ଓଡିଶାର ବିଭିନ୍ନ ଜିଲ୍ଲାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାପନ ତଥା ଓଡ଼ିଶାରେ ଶିକ୍ଷାର ଭିତ୍ତିଭୂମିକୁ ଆହୁରି କେମିତି ମଜବୁତ୍ କରାଯିବ ସେ ବିଷୟରେ ଚର୍ଚ୍ଚା କରିଥିବା ସେ ସୋସିଆଲ ମିଡିଆ ଜରିଆରେ ପ୍ରକାଶ କରିଛନ୍ତି ।

## ୫ ବର୍ଷ ପରେ ଶିମିଳିପାଳକୁ ଫେରିଲେ ରାଜକୁମାର ଓ ମହେନ୍ଦ୍ର

**କରଞ୍ଜିଆ, ନ୍ୟୁଜ ବ୍ୟୁରୋ**
୫ବର୍ଷ ପରେ ଘରକୁ ବାହୁଡ଼ିଛନ୍ତି ଦନ୍ତା ରାଜକୁମାର ଓ ମହେନ୍ଦ୍ର। ସାତକୋଶିଆରୁ ୨ଟି ଟ୍ରକ୍ ଯୋଗେ ଏହି ହାତୀଦ୍ୱୟକୁ ଶିମିଳିପାଳ ଅଭୟାରଣ୍ୟ ଅଣାଯାଇଛି। ୨୦୧୯ଜାନୁଆରୀରେ ଏହି ହାତୀ ଦୁଇଟିକୁ ସାତକୋଶିଆ ନିଆଯାଇଥିଲା। ବାଘ ସୁନ୍ଦରୀ ଉପରେ ନଜର ରଖିବା ଲାଗି ଏମାନଙ୍କୁ ନିୟୋଜିତ କରାଯାଇଥିଲା। ତେବେ ସୁନ୍ଦରୀର ମୃତ୍ୟୁ ପରେ ବି ହାତୀଦ୍ୱୟଙ୍କୁ ଶିମିଳିପାଳକୁ ଅଣାଯାଇନଥିଲା। ଏନେଇ ବାରମ୍ବାର ଦାବି ହେବା ପରେ ଶେଷରେ ଦୁହିଁଙ୍କୁ ଶିମିଳିପାଳକୁ ଫେରାଇ ଅଣାଯାଇଛି। ସେମାନଙ୍କୁ କେଣ୍ଡୁମୁଣ୍ଡିରେ ରଖାଯିବ। ଡାକ୍ତର ଅବିନାଶ ଆଚାର୍ଯ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଶିମିଳିପାଳକୁ ନିଆଯିବ। ସୂଚନାଯୋଗ୍ୟ, ଶିମିଳିପାଳକୁ ସୁରକ୍ଷା ଦେବା ପାଇଁ ଗତ ୨୦୦୧ ଡିସେମ୍ବରରେ କର୍ଣ୍ଣାଟକ ରାଜୀବ ଗାନ୍ଧୀ ଜାତୀୟ ଉଦ୍ୟାନ ହାମସୁରା ବନ୍ୟପ୍ରାଣୀ ଡିଭିଜନର ହସ୍ତୀ ପ୍ରକଳ୍ପ ଶିବିରରୁ ୩ଟି ହାତୀ (ଦନ୍ତା ମହେନ୍ଦ୍ର ଏବଂ ଦୁଇଟି ମାଈ ହାତୀ ଭବାନୀ ଓ ଶୋଭା)କୁ ଅଣାଯାଇଥିଲା। ପରବର୍ତ୍ତୀ ସମୟରେ ମହେନ୍ଦ୍ର ଓ ଭବାନୀ ଔରସରୁ ଶିବାନୀ ଓ ରାଜକୁମାର ଜନ୍ମ ଗ୍ରହଣ କରିଥିଲେ। ଏହି ହାତୀଗୁଡ଼ିକୁ ଶିମିଳିପାଳର ବିଭିନ୍ନ ସ୍ଥାନରେ ରଖାଯାଇଥିଲା। ବିଶେଷକରି ଗୁଡ଼ଗୁଡ଼ିଆରେ ହାତୀ ପିଠିରେ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଗତ ୨୦୦୯ମସିହାରେ ମାର୍ଚ୍ଚ ୩୧ତାରିଖରେ ମାଓବାଦୀମାନେ ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ଗୁଡ଼ଗୁଡ଼ିଆରେ ମହେନ୍ଦ୍ର ଉପରକୁ ଗୁଳି ଓ ତୀର ମାରିଥିଲେ। ଗୁରୁତର ମହେନ୍ଦ୍ରକୁ ଯଶୀପୁରରେ ଚିକିତ୍ସା କରାଯିବା ସହ ସେହିଠାରେହିଁ ରଖାଯାଇଥିଲା। ମହେନ୍ଦ୍ର ସହ ରାଜକୁମାର, ଶିବାନୀ, ଶୋଭା ଓ ଭବାନୀକୁ ମଧ୍ୟ ଯଶୀପୁରକୁ ଅଣାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ୨୦୧୯ ଜାନୁଆରୀରେ ବାଘ ସୁନ୍ଦରୀ ଉପରେ ନଜର ରଖିବା ପାଇଁ ଦନ୍ତା ମହେନ୍ଦ୍ର ଓ ରାଜକୁମାରକୁ ସାତକୋଶିଆ ଅଭୟାରଣ୍ୟକୁ ନିଆଯାଇଥିଲା। ଏହି ଦୁଇ ହାତୀ ପିଠିରେ ବସି ବନ ବିଭାଗ ସୁନ୍ଦରୀର ଗତିପଥ ଉପରେ ନଜର ରଖୁଥିଲା। କିନ୍ତୁ ଘଟଣାକ୍ରମେ ସୁନ୍ଦରୀର ମୃତ୍ୟୁ ହୋଇଯିବା ପରେ ମଧ୍ୟ ମହେନ୍ଦ୍ର ଓ ରାଜକୁମାରକୁ ଫେରାଇ ଅଣାଯାଇନଥିଲା। ବାରମ୍ବାର ଦାବି ହେବା ପରେ ସାତକୋଶିଆ ଡିଏଫଓ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ଦୁଇଟି ଟକ୍ରରେ ମହେନ୍ଦ୍ର ଓ ରାଜକୁମାରକୁ ଶିମିଳିପାଳ ଅଣାଯାଇଛି। ଏହି ଟିମ୍‌ରେ କେନ୍ଦୁଝର ଡିଏଫ୍‌ଓ ଧନରଜ୍ ହନୁମନ୍ତ ଧନ୍ଧିରେ, କରଞ୍ଜିଆ ଡିଏଫ୍‌ଓ ସୁବ୍ରତ କୁମାର ପାତ୍ର, ଶିମିଳିପାଳ ଉତ୍ତର ଉପ-ନିର୍ଦ୍ଦେଶକ ସାଇକିରଣ ଡି ଏନ୍, ଦକ୍ଷିଣର ଉପନିର୍ଦ୍ଦେଶକ ଡ. ସମ୍ରାଟ୍ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର
୨୪ ଜୁନ୍
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ମୃତ ଗୋରୁ ମାଲିକଙ୍କ ପାଇଁ କ୍ଷତିପୂରଣ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୬ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ତହସିଲ ତୁଳସୀଡ଼ିଆ ଗାଁରେ ବିଦ୍ୟୁତ ଆଘାତରେ ୬ଟି ଗୃହ ପାଳିତ ଗାଈ, ବଳଦ ଓ ବାଛୁରୀଙ୍କ ମୃତ୍ୟୁ ହୋଇଛି । ଏହି ଘଟଣାରେ ଗୋସମ୍ପଦର ମାଲିକମାନଙ୍କୁ କ୍ଷତିପୂରଣ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**୬ ଜଣ ମାଲିକ ୧,୪୭,୦୦୦ ଟଙ୍କା ସହାୟତା ପାଇବେ**



ଅନୁଯାୟୀ ଟିପିସିଓଡିଏଲକୁ ସହାୟତା ଦେବାକୁ ଆଦେଶ ଦେଇଛନ୍ତି । ଓଇଆରସିର ନିୟମ ଅନୁଯାୟୀ, ଏହି ମାମଲାରେ ମାଲିକମାନଙ୍କୁ କ୍ଷତିପୂରଣ ମିଳିବା ଆବଶ୍ୟକ । ଏହି ନିୟମ ଅନୁଯାୟୀ, ଗାଈ ମାଲିକଙ୍କୁ ୩୦ ହଜାର, ବଳଦ ମାଲିକଙ୍କୁ ୨୫ ହଜାର ଓ ବାଛୁରୀ ମାଲିକଙ୍କୁ ୧୬ ହଜାର ଟଙ୍କା ସହାୟତା ମିଳିବ । ଫଳରେ ୬ଟି ପ୍ରାଣୀଙ୍କ ୬ ଜଣ ମାଲିକ ସମୁଦାୟ ୧,୪୭,୦୦୦ ଟଙ୍କା ସହାୟତା ପାଇବେ ।

# ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ସମ୍ପର୍କରେ ମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର,୨୩।୬ ନ୍ୟୁଜ ବ୍ୟୁରୋ**



ସମ୍ପ୍ରତି ରାଜ୍ୟରେ ଦେଖାଦେଇଥିବା ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀର ମୂଲ୍ୟବୃଦ୍ଧି ସମ୍ପର୍କରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଉଦବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏହି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । ରାଜ୍ୟର ଖାଉଟିମାନେ ଯେପରି ସୁଲଭ ତଥା ଉଚିତ ମୂଲ୍ୟରେ ଖାଉଟି ସାମଗ୍ରୀ ପାଇପାରିବେ ସେଥିପାଇଁ ପଦକ୍ଷେପ ନେବାକୁ ବିଭାଗର ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି ଏବଂ ମୁନାଫାଖୋର ତଥା ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଖାଉଟି ସାମଗ୍ରୀର ଦରବୃଦ୍ଧି ବର୍ତ୍ତମାନ ଜାତୀୟ ସମସ୍ୟା ହୋଇଥିଲେ ମଧ୍ୟ ରାଜ୍ୟରେ ଅସାଧୁ ବ୍ୟବସାୟୀ ଯେପରି ଏହାର ଲାଭ ନ ଉଠାଇ ପାରନ୍ତି, ସେଥିପାଇଁ ସଜାଗ ରହିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ତଦନୁଯାୟୀ ଯୋଗାଣ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ରାଜ୍ୟର ପ୍ରମୁଖ ବଜାର ଯଥା ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ପୁରୀ ଆଦି ଅଞ୍ଚଳରେ ଯାଞ୍ଚ କରାଯାଉଛି । ଏତଦବ୍ୟତୀତ ବିଭାଗ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀର କ୍ରୟ ବିକ୍ରୟ ଆଦି ଉପରେ ନଜର ରଖିବା ସହ ଜିଲ୍ଲାର ଯୋଗାଣ କର୍ମଚାରୀମାନଙ୍କୁ ଏ ସମ୍ବନ୍ଧରେ ବିବରଣୀ ବିଭାଗକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ସରକାରଙ୍କୁ ୬୯୫୯ କୋଟି ଟଙ୍କା ଦେଲା ଏସ୍‌ବିଆଇ

**ନୂଆଦିଲ୍ଲୀ, ୨୩।୬ ନ୍ୟୁଜ ବ୍ୟୁରୋ**




ଦେଶର ସବୁଠାରୁ ବଡ଼ ବ୍ୟାଙ୍କ ଏସ୍‌ବିଆଇ ସରକାରଙ୍କୁ ରେକର୍ଡ ପରିମାଣର ଡିଭିଡେଣ୍ଡ୍ ଦେଇଛି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ଚେୟାରମ୍ୟାନ୍ ଦୀନେଶ ଖାରା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ୬୯୫୯.୨୯ କୋଟି ଟଙ୍କାର ଚେକ୍ ଦେଇଛନ୍ତି । ଏନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ଡିଭିଡେଣ୍ଡ ୨୦୨୩-୨୪ ବର୍ଷର । ଏସ୍‌ବିଆଇ ଛଡ଼ା ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର ମଧ୍ୟ ଡିଭିଡେଣ୍ଡର ଘୋଷଣା କରିଛି । ଏସ୍‌ବିଆଇ ମଧ୍ୟ ଏହାର ସେୟାର ହୋଲ୍ଡର ବା ଅଂଶୀଦାରମାନଙ୍କୁ ସେୟାର ପ୍ରତି ୧୩.୭୦ ପଇସା ଡିଭିଡେଣ୍ଡ ଦେବା ନେଇ ମଧ୍ୟ ଘୋଷଣା କରିଛି । ୨୦୨୩ ଆର୍ଥିକ ବର୍ଷରେ ଷ୍ଟେଟ୍ ବ୍ୟାଙ୍କ୍ ପ୍ରତି ସେୟାର ପିଛା ୧୧.୩୦ ଟଙ୍କା ଡିଭିଡେଣ୍ଡ ଘୋଷଣା କରିଥିଲା । ୨୦୨୪ ଆର୍ଥିକ ବର୍ଷରେ ଏସ୍‌ବିଆଇର ନେଟ୍ ଲାଭ ରେକର୍ଡ କରିଛି । ବ୍ୟାଙ୍କର ମୋଟ ୬୭,୦୮୫ କୋଟି ଲାଭ ହୋଇଛି । ଅନ୍ୟପଟେ ଏହାର ପୂର୍ବ ଆର୍ଥିକ ବର୍ଷରେ ଲାଭ ୫୫,୬୪୮ କୋଟି ଟଙ୍କା ହୋଇଥିଲା ।



ଭୁବନେଶ୍ୱର : ରାଜ୍ୟସ୍ତରୀୟ ବଳିଦାନ ଦିବସ ପାଳନ ଅବସରରେ ସ୍ଥାନୀୟ ସତ୍‌ସଂଗ ବିହାର ନିକଟସ୍ଥ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ଥିବା ଶ୍ୟାମାପ୍ରସାଦଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବରିଷ୍ଠ ନେତାମାନେ । (ଫଟୋ : ସମ୍ବାଦ କଳିକା)

## ବଳିଦାନ ଦିବସରେ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# ଭାରତବର୍ଷର ଦଶା ଓ ଦିଶା ପରିବର୍ତ୍ତନର ମହାନାୟକ ଥିଲେ ଶ୍ୟାମା ପ୍ରସାଦ : ବାଚସ୍ପତି

**ଭୁବନେଶ୍ୱର,୨୩/୦୬ ନ୍ୟୁଜ ବ୍ୟୁରୋ**

ଜଣେ ଶିକ୍ଷାବିତ୍, ସଂସ୍କୃତି ଗବେଷକ, ଦୂରଦୃଷ୍ଟି ସଂପନ୍ନ ପ୍ରତିବଦ୍ଧ ରାଜନେତା ଭାବରେ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତ ଇତିହାସରେ ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଭାବରେ ଆଦୃତ ହେଉଥିବେ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମତବ୍ୟକ୍ତ କରିଛନ୍ତି । ରବିବାର ପୂର୍ବାହ୍ନରେ ଜୟଦେବ ଭବନରେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପାଢ଼ୀ ଭାରତବର୍ଷର ଦଶା ଓ ଦିଶା ପରିବର୍ତ୍ତନର ମହାନାୟକ ଭାବରେ ଶ୍ୟାମା ପ୍ରସାଦଙ୍କୁ ଅଭିହିତ କରିଛନ୍ତି । ସୂଚନା ଓ ଲୋକ ସଂପର୍କ ବିଭାଗ ଏବଂ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଶ୍ୟାମା ପ୍ରସାଦ ଇତିହାସ, ସଂସ୍କୃତି ଓ ପୁରାତତ୍ତ୍ୱ ଉପରେ ଗଭୀର ନିଷ୍ଠା ରଖିଥିଲେ ଓ କଳିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବରେ ଆସୀନ ହୋଇଥିଲେ । ମାଟି ଓ ଭାଷା ପ୍ରତି ତାଙ୍କର



ମମତ୍ୱବୋଧ ହେତୁ ସେ ପଶ୍ଚିମବଙ୍ଗ ରାଜ୍ୟ ପ୍ରତିଷ୍ଠାର ଜନକ ଭାବରେ ପରିଚିତ ହୋଇଛନ୍ତି । ମହାତ୍ମା ଗାନ୍ଧୀଙ୍କ ଭାଷାରେ ମଦନ ମୋହନ ମାଳବ୍ୟଙ୍କ ପରେ ହିନ୍ଦୁମାନଙ୍କର ନେତୃତ୍ୱ ନେବାରେ ଶ୍ୟାମା ପ୍ରସାଦ ଥିଲେ ଅଗ୍ରଗଣ୍ୟ । ୧୯୨୯ରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ଶ୍ୟାମା ପ୍ରସାଦ କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ ଜାତୀୟ ଶିଳ୍ପନୀତିର କର୍ଣ୍ଣଧାର ଥିଲେ । ଶ୍ରମ ଓ ପୁଞ୍ଜି ମଧ୍ୟରେ ଲାଭାଂଶର ସମ ବଣ୍ଟନ, ଗ୍ରାମାଞ୍ଚଳର ଅର୍ଥନୀତି ଓ ଭିତ୍ତିଭୂମିର ଦୃଢ଼ୀକରଣ କ୍ରମେ ସହର ଓ ଗ୍ରାମ ମଧ୍ୟରେ ଦୂରତ୍ୱ ହ୍ରାସ ନିମନ୍ତେ ସେ ଆନ୍ତରିକ ଉଦ୍ୟମ କରିଥିଲେ ବୋଲି ଶ୍ରୀମତୀ ପାଢ଼ୀ ଉଲ୍ଲେଖ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଶ୍ୟାମା ପ୍ରସାଦଙ୍କୁ ସାଂସ୍କୃତିକ ରାଷ୍ଟ୍ରବାଦ ଓ ଜାତୀୟତାର ଉଦ୍‌ଘୋଷକ ଭାବରେ ବର୍ଣ୍ଣନା କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ କଶ୍ମୀର ପରିପ୍ରେକ୍ଷୀରେ ଦେଶରେ ଦୁଇଟ ବିଧାନ ଚଳିବ ନାହିଁ ବୋଲି ଘୋଷଣା କରି ଶ୍ୟାମା ପ୍ରସାଦ ଦେଶର ଏକତା ଓ ସାର୍ବଭୌମତ୍ୱ ପାଇଁ ବିଶାଳ ଅଭିଯାନ ଆରମ୍ଭ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଗବେଷକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଐତିହାସିକ ଘଟଣାକ୍ରମର ବିସ୍ତୃତ ବିବରଣୀ ଦେଇ କହିଲେ ଯେ ୧୯୪୭ରେ ବଙ୍ଗ ବିଭାଜନ ଦୃଷ୍ଟିରୁ ଧର୍ମମତ ଆଧାରରେ ପଶ୍ଚିମବଙ୍ଗ ପ୍ରଦେଶର ଗଠନରେ ଶ୍ୟାମା ପ୍ରସାଦଙ୍କ ଅବଦାନ ଅତୁଳନୀୟ । କାର୍ଯ୍ୟକ୍ରମରେ ପୌରୋହତ୍ୟ କରି ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ କ୍ରମେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବ୍ୟକ୍ତିତ୍ୱ ଓ ରାଷ୍ଟ୍ର ନିର୍ମାଣରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । ଅତିଥିମାନେ ପ୍ରାରମ୍ଭରେ ଶ୍ୟାମା ପ୍ରସାଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ତନୟା ଦାସଗୋସ୍ୱାମୀଙ୍କ ନେତୃତ୍ୱରେ 'ଶାଶ୍ୱତୀ ସାମାଜିକ ସାଂସ୍କୃତିକ' କେନ୍ଦ୍ରର ଶିଳ୍ପୀମାନେ ଶ୍ୟାମା ପ୍ରସାଦଙ୍କ ଜୀବନୀ ଆଧାରିତ ସ୍ୱାଗତ ଗୀତିକା ପରିବେଷଣ କରିଥିବାବେଳେ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍‌ର ସଭାପତି ଭୂବନାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଦୂର ହେବ ଅନିୟମିତ ମୌସୁମୀ ପ୍ରବାହ ଓ ମରୁଡ଼ି ସମସ୍ୟା



**କଟକ, ୨୩/୬ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଅନିୟମିତ ମୌସୁମୀ ପ୍ରବାହକୁ ନେଇ ବଢ଼ିଲାଣି ଚିନ୍ତା । ଯାହାର ସିଧାସଳଖ ପ୍ରଭାବ ଚାଷ ଉପରେ ପଡିବ ବୋଲି ଆଶଙ୍କା କରାଯାଉଛି । ସ୍ୱଳ୍ପ ବର୍ଷାଜନିତ ମରୁଡ଼ି ସ୍ଥିତି ଉପୁଜିବା ନେଇ ଚିନ୍ତାରେ ଚାଷୀକୂଳ । ତେବେ ଏଭଳି ସ୍ଥିତିରେ ରାଜ୍ୟ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ଏହି ସମସ୍ୟାକୁ ନେଇ ଅଧିକ ମାତ୍ରାରେ ଫୋକସ କରିଛି । ରାଜ୍ୟ ମନ୍ତ୍ରୀ ମଣ୍ଡଳ ଗଠନ ହେବା ଦିନଠୁ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ପ୍ରତି ଜିଲ୍ଲାର ବ୍ଲକ ଏବଂ ପଞ୍ଚାୟତର ଖବର ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମା କରାଯାଉଛି । ଏହାଛଡ଼ା ଆଗାମୀ ଦିନରେ ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି ଦିଗରେ ଅନେକ ସୁଧାର ଆସିବ ବୋଲି ମନ୍ତ୍ରୀ କହିଛନ୍ତି । ଖାଲି ସେତିକି ନୁହେଁ, ଦୁର୍ବିପାକଜନିତ ମୃତ୍ୟୁ ମଧ୍ୟ ଏଣିକି ହ୍ରାସ ପାଇବ । ବର୍ତ୍ତମାନ ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାବେଳେ କେଉଁ ମୁହୂର୍ତ୍ତରେ ଘଡଘଡିଜନିତ ବର୍ଷା ଆରମ୍ଭ ହୋଇପାରେ । ତେଣୁ ଚଳିତ ବର୍ଷ ରିପୋର୍ଟ ଅନୁସାରେ ଘଡ଼ଘଡିଜନିତ ମୃତ୍ୟୁସଂଖ୍ୟା ୧୪୦ ଛୁଇଁଛି । ତେବେ ଏଭଳି ଅକାଳ ବିୟୋଗକୁ ରୋକିବା ପାଇଁ ରାଜ୍ୟରେ ଅଧିକରୁ ଅଧିକ ତାଳଗଛ ଲଗାଯିବ । ଯାହା ଫଳରେ ଘଡଘଡି ଜନିତ ମୃତ୍ୟୁ ସଂଖ୍ୟା ଉପରେ ରୋକ ଲାଗି ପାରିବ ବୋଲି ମନ୍ତ୍ରୀ କହିଛନ୍ତି । ତେବେ ବିପର୍ଯ୍ୟୟ ଜନିତ ମୃତ୍ୟୁକୁ ରୋକିବା ପାଇଁ ସରକାରଙ୍କ ସହ ଆଲୋଚନା ହୋଇଛି । ଏହି ଦିଗରେ ନିଶ୍ଚୟ ସୁଧାର ଆସିବ ବୋଲି କହିଛନ୍ତି ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିଲାବେଳେ ଚାଷ ଉପରେ ଅନେକ ନିର୍ଭରଶୀଳ । ତେଣୁ ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ଏବେଠୁ ପ୍ରୟାସ ଆରମ୍ଭ ହୋଇଛି ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ପୂଜାରୀ ।

# 'ଏକ ପେଡ୍ ମା କେ ନାମ (ମା'ଙ୍କ ପାଇଁ ଗଛଟିଏ)' ଅଭିଯାନ ଅଧୀନରେ ଚାରା ରୋପଣ କଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩/୦୬ ନ୍ୟୁଜ ବ୍ୟୁରୋ**

ରବିବାର ଉପମୁଖ୍ୟମନ୍ତ୍ରୀ ତଥା ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମିଶନ ଶକ୍ତି ଭବନ ପରିସରରେ 'ଏକ ପେଡ୍ ମା' କେ ନାମ (ମା'ଙ୍କ ପାଇଁ ଗଛଟିଏ)' ଅଭିଯାନ ଅଧୀନରେ 'ବଉଳ' ଚାରା ରୋପଣ କରିଛନ୍ତି । ଏହି ଅଭିଯାନର ଲକ୍ଷ୍ୟ ପ୍ରକୃତିର ସୁରକ୍ଷା ସହିତ ଏହାକୁ ନିଜ ମାତା ପରି ସମ୍ମାନ ଦେବା । ଚାରା ରୋପଣ ପରେ ଉପମୁଖ୍ୟମନ୍ତ୍ରୀ ଏକ ବୈଠକର ଅଧ୍ୟକ୍ଷତା କରିଥିଲେ ଯେଉଁଥିରେ ମିଶନ ଶକ୍ତି ଜିଲ୍ଲା ତଥା ବ୍ଲକ ସ୍ତରୀୟ ମହାସଂଘର ଲିଡର ଏବଂ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ଉତ୍ସାହର ସହ ଅଂଶଗ୍ରହଣ କରିବା ସହ ଏହି ପରିବେଶ ଅଭିମୁଖୀ ପଦକ୍ଷେପକୁ ସମର୍ଥନ କରିଥିଲେ । ବୈଠକରେ ଶ୍ରୀମତୀ ପରିଡା ମା'ମାନଙ୍କୁ ସମ୍ମାନ ଦେବା ସହ ଏକ ସବୁଜ ଓଡ଼ିଶା ଗଠନ ଲକ୍ଷ୍ୟରେ ପ୍ରତ୍ୟେକ ନାଗରିକଙ୍କୁ ନିଜ ମାଆଙ୍କ ନାମରେ ଗଛ ଲଗାଇବାକୁ ଉତ୍ସାହିତ କରିଥିଲେ । ଉପମୁଖ୍ୟମନ୍ତ୍ରୀ ପରିବେଶ ସୁରକ୍ଷା ପାଇଁ ସମଗ୍ର ସମ୍ପ୍ରଦାୟ ଏକଜୁଟ ହେବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଏବଂ ମିଶନ ଶକ୍ତି ଲିଡର ତଥା ବିଭାଗୀୟ ଅଧିକାରୀମାନଙ୍କୁ ଏହି ଅଭିଯାନକୁ ସାରା ରାଜ୍ୟରେ ବ୍ୟାପକ କରିବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଏହା ଛଡା ବୈଠକରେ ଶ୍ରୀମତୀ ପରିଡା ବିକଶିତ ଓଡ଼ିଶା ସ୍ୱପ୍ନ



ପୂରଣ ହେବାରେ ମିଶନ ଶକ୍ତିର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ମିଶନଶକ୍ତି ରାଜ୍ୟରେ ସାମାଜିକ ଏବଂ ଅର୍ଥନୈତିକ ବିପ୍ଳବ ଆଣିଥିବା ବିଷୟରେ ମଧ୍ୟ କହିଥିଲେ । ଏହି ଅବସରରେ ଅଭିଯାନର ଦୃଢ ସମର୍ଥନରେ ମିଶନ ଶକ୍ତି ଲିଡରମାନେ ସାରା ରାଜ୍ୟରେ ୨.୫ କୋଟି ବୃକ୍ଷ ରୋପଣ କରିବାକୁ ପ୍ରତିଶୃତି ଦେଇଛନ୍ତି । ଏହି ଉଚ୍ଚାଭିଳାଷୀ ଅଭିଯାନ ମା'ମାନଙ୍କୁ ସମ୍ମାନ ଦେବା ସହ ପରିବେଶ ସୁରକ୍ଷା ତଥା ଓଡ଼ିଶାରେ ମହିଳା ସଶକ୍ତିକରଣ ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ସୂଚିତ କରେ । ଏହି ବୈଠକରେ ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ସିଇଓ, ଓଡ଼ିଶା ଜୀବିକା ମିଶନ (ଓଏଲଏମ୍) ଭିନୀତ ଭରଦ୍ୱାଜ, ବିଭାଗର ବରିଷ୍ଠ ଅଧିକାରୀ ତଥା ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଏକଜୁଟ୍ ରହିବାକୁ ବିଜେଡି କର୍ମୀଙ୍କୁ ଆହ୍ୱାନ ଦେଲେ ନବୀନ

**ଭୁବନେଶ୍ୱର,୨୩।୬ ନ୍ୟୁଜ ବ୍ୟୁରୋ**

ନିର୍ବାଚନରେ ପରାଜୟ ପରେ ବିଜେଡିର ବରିଷ୍ଠ ନେତା ଏବଂ ବିଭିନ୍ନ ଅଞ୍ଚଳର କାର୍ଯ୍ୟକର୍ତ୍ତାଙ୍କ ସହ ସାକ୍ଷାତ କରି ସମୀକ୍ଷା କରୁଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ । ଏହି କ୍ରମରେ କିଛି କାର୍ଯ୍ୟକର୍ତ୍ତାଙ୍କୁ ସାକ୍ଷାତ କରି ଶ୍ରୀ ପଟ୍ଟନାୟକ ସେମାନଙ୍କୁ ଦଳର ଆଗାମୀ ରଣନୀତି ନେଇ ଗୁରୁ ଜ୍ଞାନ ଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି "ରାଜ୍ୟରେ ଭାଜପା ସରକାରରେ ୨ରୁ ୩ଟି ବିଧାୟକ ସଂଖ୍ୟା ଗରିଷ୍ଠତାରୁ ଅଧିକ ଅଛନ୍ତି । କେନ୍ଦ୍ରରେ ମଧ୍ୟ ଅଳ୍ପସଂଖ୍ୟକ ସରକାର ଚାଲିଛି । ତେଣୁ ପରିଶ୍ରମ କରନ୍ତୁ, ଏକଜୁଟ୍ ରୁହନ୍ତୁ ଆଉ ଦଳକୁ ମଜବୁତ ରଖନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି ।" ତେବେ ଶ୍ରୀ ପଟ୍ଟନାୟକଙ୍କ ଏହି ମନ୍ତବ୍ୟ ପରେ ବିଜେଡି ଭାଙ୍ଗିଯିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । କିଛି ଦଳୀୟ ନେତାଙ୍କ ମଧ୍ୟରେ ଜୋରଦାର କନ୍ଦଳ ଚାଲିଛି । ଏଥର ନିର୍ବାଚନରେ ପରାଜୟ ପରେ ଏବେ ଏମିତି କିଛି ଚର୍ଚ୍ଚା ଜୋର ଧରିଛି । ଆଉ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବୟାନ ଏଦିଗକୁ ଅଧିକ ଇଙ୍ଗିତ କରିଛି । ଗତ ନିର୍ବାଚନରେ ଦଳ ବିଧାନସଭାରେ ମୋଟ ୫୧



ଆସନରେ ବିଜୟୀ ହୋଇଥିଲା ବେଳେ ଲୋକସଭାରେ ଗୋଟିଏ ହେଲେ ଆସନ ଜିତିପାରିନଥିଲା । ଦଳର ବଡ଼ ବଡ଼ ନେତା ନବାଗତାଙ୍କ ଠାରୁ ଅନେକ ସ୍ଥାନରେ ପରାଜୟର ସାମ୍ନା କରିଥିଲେ । ଏପରିକି ଶ୍ରୀ ପଟ୍ଟନାୟକ ମଧ୍ୟ କଣ୍ଟାବାଞ୍ଜି ଆସନରୁ ପରାଜୟର ସାମ୍ନା କରିଥିଲେ । କିନ୍ତୁ ତାଙ୍କ ପାରମ୍ପରିକ ଆସନ ହିଞ୍ଜିଳିରୁ ବିଜୟୀ ହୋଇଥିଲେ । ସେହିପରି ଦଳର ସାଙ୍ଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଲୋକସଭା ଆସନରୁ ପରାଜିତ ହୋଇଥିଲା ବେଳେ କୋରେଇ ବିଧାନସଭା ଆସନରେ ତାଙ୍କର ମା' ସନ୍ଧ୍ୟାରାଣୀ ଦାସ ଭାଜପା ପ୍ରାର୍ଥୀ ଆକାଶ ଦାସ ନାୟକଙ୍କ ଠାରୁ ପରାସ୍ତ ହୋଇଥିଲେ ।

## ୨୨ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଗିରଫ କଲା ଶ୍ରୀଲଙ୍କା ନୌସେନା

**ଚେନ୍ନାଇ,୨୩।୬**

ଶ୍ରୀଲଙ୍କା ନୌସେନା ତାମିଲନାଡୁର ୨୨ ଜଣ ମତ୍ସ୍ୟଜୀବୀଙ୍କ ବିରୋଧରେ ଶ୍ରୀଲଙ୍କା ଜଳର ନେଡୁଣ୍ଟିଭୁ ନିକଟରେ ମାଛ ଧରିବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସୂଚନାଯୋଗ୍ୟ, ମାଛ ଧରିବାକୁ ଆସିଥିବା ୨୨ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି । ଏହି ସୂଚନା ରାମେଶ୍ୱରମ ମତ୍ସ୍ୟଜୀବୀ ସଂଘରୁ ଆସିଛି । କୁହାଯାଇଛି ଯେ ଡଙ୍ଗାରେ ଥିବା ଅନେକ ମତ୍ସ୍ୟଜୀବୀ ତାମିଲନାଡୁରୁ ସମୁଦ୍ରକୁ ଯାଇଥିଲେ । ମତ୍ସ୍ୟଜୀବୀମାନେ ପାଲକବେ ସାଗର ଅଞ୍ଚଳର ନେଡୁନାଡିଭୁ ନିକଟରେ ଥିବାବେଳେ ଶ୍ରୀଲଙ୍କା ନୌସେନା ରବିବାର ସକାଳେ ଏହି ଅଞ୍ଚଳରେ ପହଞ୍ଚି ଥାଙ୍ଗଚିମାଡାମରୁ ତିନିଟି ଡଙ୍ଗା ସହ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ ଶ୍ରୀଲଙ୍କା ଦ୍ୱାରା ଧରାଯାଇଥିବା ସମସ୍ତ ମତ୍ସ୍ୟଜୀବୀ ଏବଂ ସେମାନଙ୍କ ଡଙ୍ଗାକୁ ତୁରନ୍ତ ମୁକ୍ତ କରିବାକୁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି ।

# ଚନ୍ଦକାକୁ ଫେରିବେ କଲରାପତରିଆ: ଜୁଲାଇରେ ଆସିବେ ଗୟଳ, ସମ୍ବର

**ଭୁବନେଶ୍ୱର, ୨୩/୦୬ ନ୍ୟୁଜ ବ୍ୟୁରୋ**

ଚନ୍ଦକା-ଡମପଡ଼ା ଅଭୟାରଣ୍ୟକୁ ଫେରିବେ କଲରାପତରିଆ ବାଘ । ପ୍ରାରମ୍ଭିକ ଭାବେ ରାଜ୍ୟର ଅନ୍ୟ ଜଙ୍ଗଲରୁ ଦୁଇଟି କଲରାପତରିଆଙ୍କୁ ଏଠାକୁ ସ୍ଥାନାନ୍ତର କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି । ତା'ପୂର୍ବରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ମେ' ମାସରେ ପ୍ରାୟ ୩୦୦ ହରିଣଙ୍କୁ ଏହି ଜଙ୍ଗଲରେ ଛଡ଼ାଯାଇଛି । ଜୁଲାଇ ମାସରେ ଗୟଳ ଓ ସମ୍ବର ଛଡ଼ାଯିବ । ଦେବ୍ରିଗଡ଼ ଅଭୟାରଣ୍ୟରୁ ୨୦ଟି ଗୟଳ ଅଣାଯାଇ ଅଭୟାରଣ୍ୟରେ ଛଡ଼ାଯାଇ ସେମାନଙ୍କ ବଂଶ ବୃଦ୍ଧି କରାଯିବ । ୩ରୁ ୫ ବର୍ଷ ବୟସର ୧୫ଟି ମାଈ ଓ ୫ଟି ଅଣ୍ଡିରା ଗୟଳଙ୍କୁ ଅଭୟାରଣ୍ୟରେ ଛାଡ଼ିବାକୁ ନିଷ୍ପତ୍ତି ହୋଇଛି । ୧୯୭୨ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗୟଳ ସ୍ଥାନାନ୍ତର କରିବାକୁ ଅନୁମତି ଦିଆଯାଇଛି । ଜୁଲାଇ ପହିଲାରୁ ଆରମ୍ଭ ହେବାକୁ ଥିବା ଏହି ସ୍ଥାନାନ୍ତର ପ୍ରକ୍ରିୟା ଅଗଷ୍ଟ ମାସ ଶେଷସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । କେବଳ ସେତିକି ନୁହେଁ, ରାଜଧାନୀକୁ ଲାଗିରହିଥିବା ଏହି ଅଭୟାରଣ୍ୟରେ ସମ୍ବର ବଂଶ ବୃଦ୍ଧି

**ଜଙ୍ଗଲ ଘନତ୍ୱ ବଢୁଥିବାରୁ ବନ୍ୟପ୍ରାଣୀଙ୍କୁ ସୁହାଇବ**



କରାଯିବ । ଏବେ ଚନ୍ଦକାରେ ଆଦୌ ସମ୍ବର ନାହାନ୍ତି । ମାତ୍ର ସମ୍ବର ରହିବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି । ଅଳ୍ପ ଆଚ୍ଛାଦିତ ଜଙ୍ଗଲରେ ରହୁଥିବା ସମ୍ବର ଘାସପତ୍ର ଓ ଜଙ୍ଗଲୀ ଫଳ ଖାଇଥାନ୍ତି । ଦିନରେ ଲୁଚି ରହନ୍ତି, ରାତି ହେଲେ ଜଙ୍ଗଲରେ ବୁଲନ୍ତି । ତେଣୁ ସମ୍ବରଙ୍କ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଚନ୍ଦକାରେ ରହିଛି । ତେଣୁ ଗଜପତି ଜିଲ୍ଲା ତପ୍ତପାଣିରୁ ୧୫ଟି ସମ୍ବରକୁ ଅଣାଯାଇ ଏଠାରେ ଛଡ଼ାଯିବ । ପର୍ଯ୍ୟାୟକ୍ରମେ ସ୍ଥାନାନ୍ତର ସଂଖ୍ୟା ବୃଦ୍ଧି କରାଯିବ ବୋଲି ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଗୋଟିଏ ପଟେ ହରିଣ ବଂଶ ବୃଦ୍ଧି ପାଉଥିବା ବେଳେ ଅନ୍ୟପଟେ ଗୟଳ ଓ ସମ୍ବର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯାଇଛି । ଅଗଷ୍ଟ ଶେଷ ସୁଦ୍ଧା ଉଭୟ ସମ୍ବର ଓ ଗୟଳ ଏହି ଅଭୟାରଣ୍ୟକୁ ଆସିବା ପରେ ଏଠାରେ ବନ୍ୟଜନ୍ତୁଙ୍କ ସଂଖ୍ୟା ବଢ଼ିବ, ଯାହାକି କଲରାପତରିଆ ବାଘଙ୍କୁ ସୁହାଇବ । ତେବେ ଅଭୟାରଣ୍ୟ ଭିତରେ ବସବାସ କରୁଥିବା ୫ଟି ଗ୍ରାମର ଗ୍ରାମବାସୀଙ୍କୁ ସ୍ଥାନାନ୍ତର ଏବେ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି । ସେମାନଙ୍କୁ ଆବଶ୍ୟକୀୟ କ୍ଷତିପୂରଣ ଦିଆଯାଇ ସ୍ଥାନାନ୍ତର କରାଯିବା ପରେ ଯାଇ ବାଘ ବଂଶ ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯାଇପାରିବ । ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ୨୦୨୦ରେ ଅଭୟାରଣ୍ୟରେ ଗୟଳ ଦେଖାଦେଇଥିଲା । ୨୦୧୯ରେ କଲରାପତରିଆ ବାଘ ଦେଖା ଦେଇଥିଲା । ଗୋଟିଏ କଲରାପତରିଆ ଜଙ୍ଗଲରୁ ବାହାରି ଭୁବନେଶ୍ୱର ସହର ମଧ୍ୟକୁ ପଶିବା ସହ ବିଜୁ ପଟ୍ଟନାୟକ ବିମାନବନ୍ଦର ଅଞ୍ଚଳରେ ଆତଙ୍କ ଖେଳାଇଥିଲା । ଜଙ୍ଗଲର ଘନତା ବଢ଼ିଲେ, ବନ୍ୟପ୍ରାଣୀଙ୍କ ଆବିର୍ଭାବ ଘଟିଥାଏ । ଗୟଳମାନେ ସାଧାରଣତଃ ଅଧିକ ଜଳାଶୟ ଥିବା ଓ ଘାସୁଆ ଜଙ୍ଗଲରେ ବାସ କରନ୍ତି । ବର୍ତ୍ତମାନ ଚନ୍ଦକା ଜଙ୍ଗଲରେ ସବୁ ରେଞ୍ଜ୍‌ରେ ଥିବା ପ୍ରାକୃତିକ ଜଳାଶୟଗୁଡ଼ିକର ପୁନରୁଦ୍ଧାର ସହ ନୂତନ ଜଳାଶୟ ନିର୍ମାଣ କରାଯାଇଛି । ଫଳରେ ବନ୍ୟପ୍ରାଣୀଙ୍କ ପାଇଁ ଆଉ ଜଳସଂକଟ ନାହିଁ । ସେହିଭଳି ଶିକାର ଓ ଗଛକଟା ବହୁ ପରିମାଣରେ ବନ୍ଦ ହୋଇଥିବାରୁ ଜଙ୍ଗଲର ଘନତା ମଧ୍ୟ ବୃଦ୍ଧି ପାଉଛି । ତେଣୁ ଗୟଳ, ସମ୍ବର, ହରିଣ ପରି ବନ୍ୟଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଇଲେ କଲରାପତରିଆ ରହିବାରେ କୌଣସି ଅସୁବିଧା ହେବ ନାହିଁ । ପୂର୍ବରୁ ବିଭିନ୍ନ ସମୟରେ ଏହି ଅଭୟାରଣ୍ୟରେ କଲରାପତରିଆଙ୍କ ଉପସ୍ଥିତ ନଜର ଆସିଛି । ୨୦୦୪ରେ ଚନ୍ଦକା ଜଙ୍ଗଲରେ ୮ଟି କଲରାପତରିଆ ବାଘ ରହିଥିବା ଗଣନା ସମୟରେ ଜଣାପଡ଼ିଥିଲା । ସେଥିରେ ୪ଟି ଲେଖାଏଁ ଅଣ୍ଡିରା ଓ ମାଈ ବାଘ ଚିହ୍ନଟ ହୋଇଥିଲେ । କୌଣସି ଛୁଆ ନଥିଲେ । ତେବେ ୨୦୧୬ ଗଣନା ବେଳେ ଏଠାରେ ଗୋଟିଏ ବି କଲରାପତରିଆ ବାଘ ଦେଖିବାକୁ ମିଳି ନଥିଲା । ୨୦୨୪ ବାଘ ଗଣନାରେ ବାଘଙ୍କ ଉପସ୍ଥିତି ନ ଥିଲା ।

# ଆସାମ ବନ୍ୟାରେ ଗଲାଣି ୨୯ ଜୀବନ : ୩ ଲକ୍ଷ ପ୍ରଭାବିତ

**ଗୌହାଟୀ, ୨୩/୦୬**

ଆସାମର ଏବେ ମଧ୍ୟ ନିୟନ୍ତ୍ରଣକୁ ଆସିନାହିଁ ବନ୍ୟା ସ୍ଥିତି । ବ୍ରହ୍ମପୁତ୍ର ଓ ଏହାର ଶାଖା ନଦୀରେ ଜଳସ୍ତର ବୃଦ୍ଧି ପାଇବା କାରଣରୁ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି । ମୃତ୍ୟୁସଂଖ୍ୟା ମଧ୍ୟ ବଢିବାରେ ଲାଗିଛି । ଏବେ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ୨୯ ଜଣଙ୍କର ମୃତ୍ୟୁ ହୋଇସାରିଲାଣି । ଉଦ୍ଧାର ଓ ଥଇଥାନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି । ବ୍ରହ୍ମପୁତ୍ର ଓ ଏହାର ଏକାଧିକ ଶାଖା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି । ରାଜ୍ୟ ବିପର୍ଯ୍ୟୟ ମୁକାବିଲା କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ୧୨ ଜିଲ୍ଲାରେ ଏବେ ମଧ୍ୟ ସ୍ଥିତି ସଙ୍ଗୀନ ରହିଛି । ଏବେ ପ୍ରାୟ ୧,୦୨୭ ଗ୍ରାମ ପାଣିଘେରରେ ରହିଛି । ୨,୬୩,୪୫୨ ଲୋକଙ୍କୁ ତଳିଆ ଅଞ୍ଚଳରୁ ଉଦ୍ଧାର କରାଯାଇ ବିଭିନ୍ନ ସୁରକ୍ଷିତ ସ୍ଥାନ ଓ ଆଶ୍ରୟସ୍ଥଳୀରେ ଥଇଥାନ କରାଯାଇଛି । ସେଠାରେ ସେମାନଙ୍କୁ ସମସ୍ତ ଆବଶ୍ୟକୀୟ ସେବା ଯୋଗାଇ ଦିଆଯାଉଛି । ଜରୁରୀ ସହାୟତା ପାଇଁ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ରାଜ୍ୟର ସମସ୍ତ ଜରୁରୀ ବିଭାଗ ଉଦ୍ଧାର ଅପରେସନରେ ନିୟୋଜିତ ହୋଇଛନ୍ତି । ପର୍ଯ୍ୟାପ୍ତ ପରିମାଣର ଔଷଧ, ଜରୁରୀ ତଥା ଶୁଖିଲା ଖାଦ୍ୟ ସାମଗ୍ରୀ, ଅସ୍ଥାୟୀ ତମ୍ବୁ ଉପକରଣ ଆଦି ଯୋଗାଇ ଦେବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ଆସାମ ରାଜ୍ୟସ୍ୱ ବିଭାଗର ପ୍ରାଥମିକ ଆକଳନ ଅନୁସାରେ,



ରାଜ୍ୟରେ ପ୍ରାୟ ୩,୯୯୫ ହେକ୍ଟର ଚାଷଜମିରେ ଫସଲ ନଷ୍ଟ ହୋଇଛି । ସର୍ବାଧିକ ୧,୪୦୮ ହେକ୍ଟର କେବଳ କାମରୂପ ଜିଲ୍ଲାରେ ରହିଥିବା ବେଳେ ଅବଶିଷ୍ଟ ୭୩୩ କ୍ଷତିଗ୍ରସ୍ତ ଚାଷଜମି ଡାରଙ୍ଗ ଜିଲ୍ଲାରେ ରହିଛି । ଏବେ ଉଦ୍ଧାର କାର୍ଯ୍ୟକୁ ଫୋକସ ଦିଆଯାଉଛି । ବନ୍ୟା ସ୍ଥିତିରେ ସୁଧାର ଆସିବା ପରେ ଚାଷ କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରାଯିବ । ସେହି ଆଧାରରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ରାଶି ମଧ୍ୟ ସରକାର ପ୍ରଦାନ କରିବା ପାଇଁ ଯୋଜନା କରିଛନ୍ତି । ତେବେ ପ୍ରାକ ମୌସୁମୀ ବର୍ଷା ଫଳରେ ବ୍ରହ୍ମପୁତ୍ର ଓ ଏହାର ଶାଖା ନଦୀରେ ବନ୍ୟା ଆସିଛି । ଏହା ପ୍ରାୟତଃ ପ୍ରତିବର୍ଷ ପ୍ରାକ ମୌସୁମୀ ଋତୁ ତଥା ଜୁନ-ଜୁଲାଇରେ ଆସାମ ଓ ଅନ୍ୟ ଉତ୍ତର ପୂର୍ବ ରାଜ୍ୟରେ ଅଧିକ ବର୍ଷା ହୋଇଥାଏ । ଉପରମୁଣ୍ଡରେ ମାତ୍ରାଧିକ ବର୍ଷା ଫଳରେ ଆସାମରେ ନିକଟ ଅତୀତରେ ଏକାଧିକ ଥର ବନ୍ୟା ସ୍ଥିତି ସୃଷ୍ଟି ହୋଇଛି ।